ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.262 Bhubaneswar Wednesday December 07 2022 | ୨୫ତମ ବର୍ଷ ସଂଖ୍ୟା-୨୬୨ ଭୁବନେଶ୍ୱର, ବୁଧବାର, ଡିସେମ୍ବର ୦୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


# ବିଜେଡିର ମନେପଡିଲା ମହିଳା ସଂରକ୍ଷଣ ପ୍ରସଙ୍ଗ, ସଂସଦରେ ଉଠାଇବ

ଭୁବନେଶ୍ୱର,୭।୧୨(ପି.ଏନ): ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ପୁଣିଥରେ ମହିଳା ସଂରକ୍ଷଣ ପ୍ରସଙ୍ଗକୁ ଜୋରଦାର ଢଙ୍ଗରେ ଉଠାଇ ଆଗାମୀ ନିର୍ବାଚନୀ ବୈତରଣୀ ପାର ହେବାକୁ ଏବେଠୁ ରଣନୀତି ପ୍ରସ୍ତୁତ କରିଛି । ଆସନ୍ତାକାଲିଠୁ ଆରମ୍ଭ ହେଉଥିବା ସଂସଦର ଶୀତ ଅଧିବେଶନରେ ବିଜେଡି ପକ୍ଷରୁ ମହିଳାଙ୍କୁ ସଂସଦ ଓ ବିଧାନସଭାରେ ଏକତୃତୀୟାଂଶ ସଂରକ୍ଷଣ ଦେବା ପ୍ରସଙ୍ଗକୁ ଉଠାଇବ ବୋଲି ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର ସୂଚନା ଦେଇଛନ୍ତି ।ଆଜି ଗଣମାଧ୍ୟମକୁ ସୂଚନା ଦେଇ ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର କହିଛନ୍ତି ଯେ, ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିଜେଡି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି । ମହିଳା ସଂରକ୍ଷଣ ପ୍ରସଙ୍ଗକୁ ନେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ୍ ଶାହଙ୍କ ସହ କଥା ହୋଇଛନ୍ତି । ଏହା ବିଜେଡିର ପୁରୁଣା ଦାବି । ମହିଳାଙ୍କୁ ସଂରକ୍ଷଣ ଦେବା ପ୍ରସଙ୍ଗକୁ ବିଜେଡି ଆଗାମୀ ଶୀତ ଅଧିବେଶନରେ ଉଠାଇ ବିଲ୍ ପାସ୍ କରାଇବା ପାଇଁ ଦାବି ରଖିବ । ସେହିପରି ଅନୁସୂଚିତ ଜନଜାତି ବର୍ଗରେ ସାମିଲ ହେବା ସଂକ୍ରାନ୍ତ ବିଲ୍ ଆଗାମୀ ଅଧିବେଶନରେ ଗୃହରେ ଉପସ୍ଥାପନ ହେବାର କାର୍ଯ୍ୟକ୍ରମ ରହିଛି



। କିନ୍ତୁ ସେଥିରେ ଆମ ଓଡିଶାର ଦାବି ମୁତାବକ ଜାତିଗୁଡିକୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରାଯାଇଛି କି ନାହିଁ ସେ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଛି । ବିଲ୍ କପି ଆମକୁ ମିଳିନି । ଅଧିବେଶନ ସମୟରେ ମିଳିଲେ ସେଥିରେ ଓଡିଶାର ଦାବିକୁ ସାମିଲ କରାଯାଇଛି କି ନାହିଁ ତାହା ଜଣାପଡିବ ।ସେହିପରି ଏବେ ବିଚାରପତି ନିଯୁକ୍ତି ପ୍ରସଙ୍ଗରେ ନ୍ୟାୟପାଳିକ ଓ ସରକାର ମୁହାଁମୁହିଁ ହେବାକୁ ବିଜେଡି ନାପସନ୍ଦ କରୁଛି । ଦଳ ସ୍ପଷ୍ଟ କରିଛି ଯେ, ନ୍ୟାୟପାଳିକାର ଗାରିମା ରହିବା ଉଚିତ୍ । ନ୍ୟାୟପାଳିକା ସହ ମୁହାଁମୁହିଁ ଆଦୌ ଗ୍ରହଣୀୟ କି ଶୋଭନୀୟ ନୁହେଁ । ଯଦି ନ୍ୟାୟପାଳିକାର କଥାକୁ ସରକାର ନମାନିବେ, ତା'ହେଲେ କୋର୍ଟଙ୍କ ରାୟକୁ ସାଧାରଣ ଲୋକେ କିଭଳି ପାଳନ କରିବେ । ତେଣୁ କଲେଜିୟମ ବାହାରେ ଆଉ ଏକ ଜୁଡିସିଆଲ କମିଶନ ଗଠନ ହେଉ, ଯିଏକି କଲେଜିୟମକୁ ବାଦ୍ ଦେଇ ବିଚାରପତିଙ୍କ ନିଯୁକ୍ତି କରିବେ । ଆଇନରେ ସଂଶୋଧନ ହେବା ପର୍ଯ୍ୟନ୍ତ ଏଭଳି ବନ୍ଦୋବସ୍ତ ହେଉ । କିନ୍ତୁ ସରକାର ଓ ସୁପ୍ରିମକୋର୍ଟ ମୁହାଁମୁହିଁ ହେବା ଯୋଗୁ ସୁସ୍ଥ ପରମ୍ପରା ରହୁନି । ସେଥିପାଇଁ ଏବେ ହାଇକୋର୍ଟଗୁଡିକରେ ପ୍ରାୟ ୩୦ ପ୍ରତିଶତ ବିଚାରପତି ପଦ ଖାଲି ପଡିଛି ଓ ୫୦-୭୦ବର୍ଷ ପୁରୁଣା କେସ୍ ଗୁଡିକ ପଡି ରହିଛି । ତେଣୁ ଏହି ପ୍ରସଙ୍ଗକୁ ବିଜେଡି ଆଗାମୀ ଶୀତ ଅଧିବେଶନରେ ଉତଥାପନ କରିବ। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ଦ୍ୱାରା ମହିଳା ସଂରକ୍ଷଣ ପ୍ରସଙ୍ଗରେ ଜାତୀୟସ୍ତରରେ ପ୍ରୟାସ ଆରମ୍ଭ ହୋଇଥିଲା । ବିଜେଡି ନିଜର ନେତାମାନଙ୍କୁ ପଠାଇ ସବୁ ଦଳଗୁଡିକର ସମର୍ଥନ ଲୋଡି ସଂସଦରେ ବିଲ୍ ପାଶ୍ ନିମନ୍ତେ ଉଦ୍ୟମ କରିଥିଲା । ଏପରିକି ଦଳ ପକ୍ଷରୁ ୩୩ ପ୍ରତିଶତ ମହିଳାଙ୍କୁ ଲୋକସଭା ନିର୍ବାଚନରେ ପ୍ରାର୍ଥୀ କରାଯାଇଥିଲା । କିନ୍ତୁ ନିର୍ବାଚନ ସରିବା ପରେ ବିଜେଡି ଏହି ପ୍ରସଙ୍ଗକୁ ଭୁଲି ଯାଇଥିଲା, କିନ୍ତୁ ଗତବର୍ଷ ଦଳ ପକ୍ଷରୁ ପୁଣିଥରେ ମହିଳା ସଂରକ୍ଷଣ ପ୍ରସଙ୍ଗକୁ ମୁଖ୍ୟ ଏଜେଣ୍ଡା କରାଯାଇଛି ।

# ଏନକାଉଣ୍ଟରେ ଦୁଇ ମହିଳା ମାଓବାଦୀ ନିହତ

ଫୁଲବାଣୀ,୬।୧୨(ପି.ଏନ): କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଜଙ୍ଗଲରେ ପୁଲିସ ଏନକାଉଣ୍ଟରେ ଦୁଇ ମହିଳା ମାଓବାଦୀ ନିହତ। ବିଶେଷ ସୂତ୍ରରୁ ଖବର ପାଇ କନ୍ଧମାଳ ପୁଲିସ ପକ୍ଷରୁ ଆଜି ମଟକୁପ ସଂରକ୍ଷିତ ଜଙ୍ଗଲରେ ମାଓ ବିରୋଧୀ ଅପରେସନ କରାଯାଇଥିଲା। ଏହି ସମୟରେ ଝଡଂଏ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପରେ ସର୍ଚ୍ଚ ଅପରେସନ ବେଳେ ଦୁଇ ଜଣ ମହିଳା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି ।ସିପିଆଇ ମାଓଇଷ୍ଟ କ୍ୟାଡର ପୋଷାକରେ ଥିବା ଏ ୨ ମହିଳା ମାଓବାଦୀଙ୍କ ନିକଟରୁ ୪ ବନ୍ଧୁକ, ୧୧ଟି ଗୁଳି, ଓରଉ ଜବତ କରାଯାଇଛି। ଜବତ ବନ୍ଧୁକ ଭିତରୁ ଗୋଟିଏ ଅତ୍ୟାଧୁନିକ ଇନ୍ ?ସାସ୍ ରାଇଫେଲ ରହିଛି। ମୃତ ଦୁଇ ମହିଳା ମାଓବାଦୀଙ୍କ ପରିଚୟ ଜାଣିବାକୁ ଉଦ୍ୟମ କରୁଛି ପୁଲିସ। ସେମାନେ ବଡ ମାଓ କ୍ୟାଡର ବୋଲି ସନ୍ଦେହ କରାଯାଉଥିବା ଡିଜି ସୁନିଲ



ବଂଶଲ କହିଛନ୍ତି ।ସେପଟେ ଏହି ଅଞ୍ଚଳରେ ଏବେ କମ୍ବିଂ ଅପରେସନକୁ ପୁଲିସ ପକ୍ଷରୁ ଜୋରଦାର କରାଯାଇଛି। ମାଓବାଦୀଙ୍କ ପକ୍ଷରୁ ଏବେ ଚଖଏଇ ସପ୍ତାହ ପାଳନ କରାଯାଉଥିବାରୁ ଏମାନେ କୌଣସି ବଡ଼ ଧରଣର ଅଘଟଣ ଘଟାଇବାକୁ ଯୋଜନା କରୁଥିଲେ ବୋଲି ଅନୁମାନ କରାଯାଉଛି ।ଏହା ପୂର୍ବରୁ ଗତ ନଭେମ୍ବର ୧୧ରେ ବଲାଙ୍ଗିର ଗନ୍ଧମାର୍ଦ୍ଦନ ପାହାଡ଼ରେ ସୁରକ୍ଷାକର୍ମୀ ଓ ନକ୍ସଲ ଏନ୍କାଉଣ୍ଟରରେ ଦୁଇ ଜଣ ମହିଳା ମାଓବାଦୀ ନିହତ ହୋଇଥିଲେ। ନିହତ ଦୁଇ ମାଓବାଦୀଙ୍କ ଘର ଛତିଶଗଡ଼ରେ ହୋଇଥିବା ବେଳେ ସେମାନଙ୍କ ମୁଣ୍ଡ ପିଛା ୪ ଲକ୍ଷର ପୁରସ୍କାର ଘୋଷଣା ଥିଲା। ତା' ପୂର୍ବରୁ ଅକ୍ଟୋବର ୧୧ରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା କଣାସୁଲୁ ଜଙ୍ଗଲରେ ଜଣେ ମହିଳା ମାଓବାଦୀଙ୍କର ଏନକାଉଣ୍ଟରେ ମୃତ୍ୟୁ ହୋଇଥିଲା। ସେଠାରୁ ବହୁ ପରିମାଣର ମାଓ ସାମଗ୍ରୀ ଜବତ ହୋଇଥିଲା।

## ଶ୍ରୀମନ୍ଦିର ଡ୍ରୋନ୍ ଭିଡ଼ିଓ ଭାଇରାଲ୍ ଘଟଣା

### ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ପୁରୀ ଡକାଯାଇଛି – ଏସପି

ପୁରୀ, ୬।୧୨(ପି.ଏନ): ଶ୍ରୀମନ୍ଦିର ଡ୍ରୋନ୍ ଭିଡ଼ିଓ ଭାଇରାଲ୍ ଘଟଣାରେ ଗଣମାଧ୍ୟମ ନିକଟରେ ନିଜର ପ୍ରତିକ୍ରିୟା ରଖି ପୁରୀ ଏସପି କେ. ବିଶାଲ ସିଂ କହିଛନ୍ତି ଯେ, ସିଂହଦ୍ୱାର ଥାନାରେ ମାମଲା ରୁଜୁ ହୋଇଛି । ଅଭିଯୁକ୍ତଙ୍କୁ ଏନେଇ ନୋଟିସ୍ ଜାରି ହୋଇଛି । ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ପୁରୀ ଡକାଯାଇଛି । ତାଙ୍କ ବୟାନ ସଂଗ୍ରହ କରାଯିବ । ଅଭିଯୁକ୍ତ ଯଦି ନିୟମ ଉଲ୍ଲଙ୍ଘନ କରିଥାନ୍ତି, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି । ଡିଏସପି ର୍ୟାଙ୍କ ର ଅଧିକାରୀ ତଦନ୍ତର ମନିଟରିଂ କରୁଛନ୍ତି । ପ୍ରକାଶ ଥାଉକି, ସମ୍ପୃକ୍ତ ୟୁଟ୍ୟୁବରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଶ୍ରୀମନ୍ଦିରକୁ ଉପଯୁକ୍ତ ସୁରକ୍ଷା ଦାବି କରି ଭଏସ୍ ଅଫ୍ କମନ୍ ମ୍ୟାନ୍ ଓ ଶ୍ରୀଜଗନ୍ନାଥ ଐତିହ୍ୟ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ୟୁଟ୍ୟୁବର ପଶ୍ଚିମବଙ୍ଗର ଅନିମେଶ ଚକ୍ରବର୍ତିଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦାୟର ହୋଇଥିଲା । ଏତଲାକୁ ଭିତି କରି ପୋଲିସ ମାମଲା ରୁଜୁ କରିଥିଲା । ଅନ୍ୟପକ୍ଷରେ ଶ୍ରୀମନ୍ଦିର ଭିଡ଼ିଓ ଭାଇରାଲ୍ ହେବା ପରେ ନିଜ ଭୁଲ୍ ସ୍ୱୀକାର କରିବା ସହ କ୍ଷମା ମାଗିଥିଲେ ୟୁ ଟ୍ୟୁବର ତଥା ଭିଡ଼ିଓ ଉତୋଳନକାରୀ ଅନିମେଶ। ଏଥିପାଇଁ ସେ ପ୍ରଭୁ ଶ୍ରୀ ଜଗନ୍ନାଥ ଓ ଓଡ଼ିଶା ବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ।

## ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗ

### ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ଉ

ଖୋର୍ଦ୍ଧା, ୬।୧୨(ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋଜ ଦାସଙ୍କ ସରକାରୀ କାର୍ଯ୍ୟାଳୟରେ ଚଢ଼ଉ କରିଛି ଭିଜିଲାନ୍ସ । ଏକକାଳୀନ ୭ଟି ସ୍ଥାନରେ ଚଢ଼ଉ ଜାରୀ ରହିଛି । ଭିଜିଲାନ୍ସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।ସୂଚନା ମୁତାବକ, ମଙ୍ଗଳବାର ସକାଳେ ନିର୍ବାହୀ ଯନ୍ତ୍ରୀ ମନୋଜ ଦାସଙ୍କ ସରକାରୀ କାର୍ଯ୍ୟାଳୟ ଚଢ଼ଉ କରଛି ଭିଜିଲାନ୍ସ ଟିମ୍। ଖୋର୍ଦ୍ଧାରେ ଥିବା ତାଙ୍କର ସରକାରୀ କାର୍ଯ୍ୟାଳୟରେ ଭିଜିଲାନ୍ସ ଇନ୍ସପେକ୍ଟର ମମିତା ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଫାଇଲ ଏବଂ ଅନ୍ୟାନ୍ୟ ଆସବାବପତ୍ର ଯାଂଚ୍ କରୁଛି। ଏପରିକି ଏକକାଳୀନ ୭ଟି ସ୍ଥାନରେ ଚଢ଼ଉ ଚାଲିଥିବା ସୂଚନା ମିଳିଛି।

## ଶିକ୍ଷକଙ୍କ ଠାରୁ ସାଇବର ଠକ ଲୁଟିନେଲେ ୨ ଲକ୍ଷ ୮୪ ହଜାର ଟଙ୍କା

ମାଲକାନଗିରି, ୬।୧୨(ପି.ଏନ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଏମପିଭି-୩୧ ଗ୍ରାମର ସମୀର କୁମାର ଗୋପ ସାଇବର ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ସେ ଏତଲା ଦେବା ପରେ ସାଇବର ସେଲ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।ଘଟଣା ଅନୁଯାୟୀ, ସମୀର କାଲିମେଲା ଷ୍ଟେଟବ୍ୟାଙ୍କକୁ ଯାଇଥିବାବେଳେ ସେଠାରେ ତାଙ୍କୁ କ୍ରେଡିଟ କାର୍ଡ କରିବା ପାଇଁ କୁହାଯାଇଥିଲା। ସେଥିପାଇଁ ତାଙ୍କୁ ସମସ୍ତ ଡକୁମେଂଟ ଦେବାକୁ କୁହାଯାଇଥିଲା। ସେ ବ୍ୟାଙ୍କରୁ ଫେରିବା ପରେ ଏନେଇ ଚିନ୍ତା କରୁଥିଲେ। ତେବେ ହଠାତ୍ ଦିନେ ତାଙ୍କ ମୋବାଇଲକୁ ଏକ ଲିଙ୍କ ଆସିଥିଲା। ସେହି ଲିଙ୍କରେ ତୁମର ୟୁନୋ ବ୍ୟାଙ୍କ କାମ କରୁନଥିବା ଦର୍ଶାଇ ତୁରନ୍ତ ଚାଲୁ କରିବାକୁ କୁହାଯାଇଥିଲା। ସମୀର ୟୁନୋ ବନ୍ଦ ପଡିଥିବାରୁ ହୁଏତ ଚାଲୁ କଲେ କ୍ରେଡିଟ କାର୍ଡ ମିଳିବ ଭାବି ଲିଙ୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। କିଛି ସମୟ ପରେ ବ୍ୟାଙ୍କରୁ କହୁଛି କହି ଏକ ଫୋନ ଆସିଥିଲା। ମୋତେ ତୁମର ଓଟିପି ନମ୍ବର ଦିଅ ନାହିଁ। ତେବେ ତୁମର ସମସ୍ତ କାମ ମୁଁ କରିଦେଉଛି କହି ସେ ଏନିଡେସ୍କ ଡାଉନଲୋଡ କରିବାକୁ କହିଥିଲା। ସମୀର ଏନିଡେସ୍କ ଡାଉନଲୋଡ କରୁ କରୁ କିଛି ମିନିଟ ଭିତରେ ପ୍ରଥମେ ଆକାଉଣ୍ଟରୁ ୨ ଲକ୍ଷ ଟଙ୍କା ଚାଲିଯାଇଥିଲା। ସମୀର କିଛି ଭାବୁ ଭାବୁ ପୁଣି ୬୦ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ଆଉ ଥରେ ୨୪, ୯୯୦ ଟଙ୍କା ତାଙ୍କ ଆକାଉଂଟରୁ କଟି ଚାଲିଗଲା। ସମୀର ସେହି ବ୍ୟକ୍ତିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରୁଥିବା ବେଳେ ସେ ଆଉ ଫୋନ ଉଠାଇନଥିଲା। ସେ ଷ୍ଟେଟ ବ୍ୟାଙ୍କ ଯାଇ ଏସବୁ ବିଷୟରେ କହିବା ପରେ ବ୍ୟାଙ୍କ କର୍ମଚାରୀ ସାଇବର ଥାନାରେ କେସ ରୁଜୁ କରିବାକୁ କହିଥିଲେ। ସମୀର ନିଜର ଝିଅ ବାହାଘର ପାଇଁ ଟଙ୍କା ଯୋଗାଡ କରି ରଖିଥିଲେ। ତେବେ ଏତେ ଟଙ୍କା ସାଇବର ଠକ ଲୁଟି ନେଇଥିବାରୁ ସେ ଏବେ ଚିନ୍ତାରେ ପଡିଛନ୍ତି। କଣ କରିବେ କିଛି ବୁଝିପାରୁନାହନ୍ତି।

## ମୁହଁ ଖୋଲିଲେ ସାରା ରାଜ୍ୟ ପରିବର୍ତ୍ତନ ହୋଇଯିବ : ଅର୍ଚ୍ଚନା ନାଗ

ଭୁବନେଶ୍ୱର, ୬।୧୨(ପି.ଏନ): କ୍ୟାପିଟାଲ ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିବା ବେଳେ ଅର୍ଚ୍ଚନା ନାଗ ଗଣମାଧ୍ୟମ ସାମନାରେ ବିସ୍ଫୋରକ ବୟାନ ଦେଇ କହିଛନ୍ତି । ସେ ପ୍ରଶ୍ନ କରିଛନ୍ତି ଯେ ମୋ ଉପରେ କଣ ଆପଣଙ୍କ ରାଗ ଅଛି କି । ସେ କହିଛନ୍ତି ଯେ ମୁଁ ଯେତେବେଳେ କହିବି, ସାରା ରାଜ୍ୟ ପରିବର୍ତ୍ତନ ହୋଇଯିବ, ମୋତେ ୩୦ ମିନିଟ୍ ଦରକାର, ମୋତେ ଫସାଇ ଦେଇଛନ୍ତି, ତଥ୍ୟ ପ୍ରମାଣ ସହ ସବୁ ଦେବି। ସେ କହିଛନ୍ତି ଯେ ଇଡି ଉପରେ ମୋର ବିଶ୍ୱାସ ଅଛି। ମୁଁ ତ ଇଡିକୁ ଅପେକ୍ଷା କରିଥିଲି। ତଦନ୍ତରେ ନିଶ୍ଚୟ ସହଯୋଗ କରିବି । ମୁଁ ଜାଣିପାରୁନି କିଏ ମୋତେ ଫସାଇଛନ୍ତି। ମୋର ପାଟିବନ୍ଦ କରି ଗିରଫ କଲା କମିସନରେଟ ପୁଲିସ। ମୁଁ କଣ ଆତଙ୍କବାଦୀ ଭଳି ଦେଖାଦେଉଛି। ସେ କହିଛନ୍ତି ଯେ ଆପଣଙ୍କ ମା' ଭଉଣୀ ଭଳି ମୁଁ ଜଣେ ମହିଳା। ମୋ ସହ ଯାହା ବି ହୋଇଛି ତାହାର ତଦନ୍ତ ହେଉ। ଏହାସହ କମିସନରେଟ ପୁଲିସ ଉପରେ ମଧ ବର୍ଷିଛନ୍ତି ଅର୍ଚ୍ଚନା। କିଏ କିଏ ସବୁ ସଂପୃକ୍ତ ଅଛନ୍ତି, ସବୁ ପ୍ରମାଣ ଦେଖାଇବି। ନେତା, ମନ୍ତ୍ରୀ କି ଆଉ କିଏ ଅଛନ୍ତି, ସବୁ ପ୍ରମାଣ କରିଦେବି। ମୋତେ ଫସାଇ ଦିଆଯାଇଛି, କାହାକୁ ଛାଡ଼ିବିନି ବୋଲି ସେ କହିଛନ୍ତି ।

## ପଦ୍ମପୁର ଉପନିର୍ବାଚନରେ ମୋଟ୍ ୮୧.୨୯ ପ୍ରତିଶତ ମତଦାନ

ଭୁବନେଶ୍ୱର, ୬।୧୨(ପି.ଏନ): ପଦ୍ମପୁର ଉପନିର୍ବାଚନରେ ମୋଟ୍ ୮୧.୨୯% ଭୋଟିଂ ହୋଇଥିବା ସଦ୍ୟତମ ତଥ୍ୟରୁ ଜଣାଯାଇଛି। ଗତକାଲି ୬ଟା ସୁଦ୍ଧା ୮୦.୫ ପ୍ରତିଶତ ମତଦାନ ହୋଇଥିଲା। ଏନେଇ ପଦମପୁର ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଭିଜିଲାନ୍ସ ଜାଲରେ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ, ଏକକାଳୀନ ୭ଟି ସ୍ଥାନରେ ଚଢାଉ

ଭୁବନେଶ୍ୱର,୬।୧୨(ପି.ଏନ): ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଖୋର୍ଦ୍ଧା କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ ମନୋଜ ରଞ୍ଜନ ଦାସଙ୍କ ସହ ସମ୍ପର୍କିତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି । ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ତାଙ୍କର ସରକାରୀ କାର୍ଯ୍ୟାଳୟରେ ସମେତ ଏକକାଳୀନ କଟକ ଓ ଖୋର୍ଧା ଜିଲ୍ଲାରେ ୭ଟି ସ୍ଥାନରେ ରେଡ ଜାରି ରହିଛି ।

## ଠିକା ସଂସ୍ଥା କ୍ୟାମ୍ପରେ ୩ ଡ୍ରାଇଭରଙ୍କୁ ପ୍ରବଳ ପିଟିଲେ, ଫାଠି ଯାଇଛି ପିଠି

ସମ୍ବଲପୁର,୬।୧୨(ପି.ଏନ): ଡିଜେଲ ଚୋରି ଅଭିଯୋଗରେ ଠିକା ସଂସ୍ଥା କ୍ୟାମ୍ପରେ ୩ ଡ୍ରାଇଭରମାନଙ୍କୁ ପ୍ରବଳ ମାଡ ମରାଯାଇଛି। ମାଡ ଖାଇ କାହାର ପିଠି ଫାଟିଛି ତ, କାହାର ଦେହ ସାରା ଦାଗ। ଘଟଣା ଘଟିଛି ସମ୍ବଲପୁର ଯୁଜୁମୁରାରେ। ପୁଲିସ ଖବର ପାଇ ଏହି ଡ୍ରାଇଭରମାନଙ୍କୁ ଉଦ୍ଧାର କରିଛି ।ସମ୍ବଲପୁର-ଅନୁଗୁଳ ୫୫ ନମ୍ବର ଜାତୀୟ ରାଜପଥ ନିର୍ମାଣ କାମ କରୁଥିବା ଠିକା ସଂସ୍ଥା ଇଓଟଖର ଯୁଜୁମୁରା ସ୍ଥିତ କ୍ୟାମ୍ପରେ ଘଟିଛି ଏହି ଘଟଣା। ମାଡମରା ହେଉଥିବା ସମୟର ଭିଡ଼ିଓ ଭାଇରାଲ ହୋଇଛି। ସେପଟେ ଘଟଣା ସମ୍ପର୍କରେ ସମ୍ବଲପୁର ଜିଲ୍ଲା ଡ୍ରାଇଭର ମହାସଂଘ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏତଲାରେ ଉଲ୍ଲେଖ କରାଯାଇଛି, ଗତ ଶୁକ୍ରବାର ଓ ଶନିବାର ଡ୍ରାଇଭରମାନଙ୍କୁ ଉଠାଇ ନିଆଯାଇ ମାଡ ମରାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ



କାର୍ଯ୍ୟାନୁଷ୍ଠାନ ଦାବି କରିଛି ସଂଘ। ନ ହେଲେ ଠିକା ସଂସ୍ଥା ଅଫିସ୍ ଘେରାଉ କରିବା ପାଇଁ ଚେତାବନୀ ଦିଆଯାଇଛି। ମାଡ ଖାଇଥିବା ଡ୍ରାଇଭରମାନେ ଅନୁଗୁଳ ଜିଲ୍ଲା ବାମୁର ସ୍ଥିତ କମ୍ପାନୀ କ୍ୟାମ୍ପରେ ଭାରି ଯାନ ଚଲାନ୍ତି ।ଏ ନେଇ ସମ୍ବଲପୁର ଏସ୍ ?ପି ବି. ଗଙ୍ଗାଧର କହିଛନ୍ତି, ମାଡ ଖାଇଥିବା ଡ୍ରାଇଭରମାନଙ୍କୁ ପୁଲିସ ଉଦ୍ଧାର କରିଛି। ପୁଲିସ ପକ୍ଷରୁ ମଧ ସେମାନଙ୍କ ଚିକିତ୍ସା କରାଯାଇଛି। କିନ୍ତୁ ସେମାନେ ଏବାବଦରେ ଏତଲା ଦେବାକୁ ଚାହୁଁ ନ ଥିଲେ। କମ୍ପାନୀ ଯଦି କେସ କରିବାକୁ ଚାହିଁବ, ତେବେ ବାମୁରରେ କରିପାରିବ। ଆବଶ୍ୟକ ହେଲେ ସଂପୃକ୍ତ ଡ୍ରାଇଭରମାନଙ୍କୁ ଡକାଯିବ ଓ ଡ୍ରାଇଭର ସଂଘ ଏତଲା ଆଧାରରେ ମାମଲା ରୁଜୁ କରାଯିବ ବୋଲି ଏସ୍ପି କହିଛନ୍ତି।

# ପାଠପଢ଼ା ଫିଁ' ଦେବାକୁ ଧାନ କାଟୁଛନ୍ତି ଡାକ୍ତରୀ ଛାତ୍ର

ବାଲିଗୁଡା,୬।୧୨(ପି.ଏନ): ଡାକ୍ତରୀ ପଠପଢ଼ା ଫି' ଦେବାକୁ ଧାନ କାଟୁଛନ୍ତି, ଦିନ ମଜୁରିଆ ଭାବେ ମୂଲ ବି ଲାଗୁଛନ୍ତି। କନ୍ଧମାଳ ଜିଲ୍ଲା ବାଲିଗାଡାର ଆଦିବାସୀ ମୂଳକରେ ଜଣେ ଡାକ୍ତରୀ ଛାତ୍ରଙ୍କ ଏଭଳି ସଂଘର୍ଷ ଏବେ ସବୁଠି ଅଲୋଚନାର ବିଷୟ ହୋଇଛି। ଗରିବ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ସରକାର ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦେଉଥିବା ଡିଣ୍ଡିମ ପିଟୁଥିଲେ ହେଁ ଏହି ଆଦିବାସୀ ଛାତ୍ର ଜଣକ ଏ ସବୁରୁ ବଞ୍ଚିତ। ପରିବାରର ଆର୍ଥିକ ସ୍ଥିତି ଭଲ ନଥିବା ବେଳେ ତାଙ୍କୁ ଏବେ ପାଠପଢ଼ା ସାଙ୍ଗକୁ ପରିବାର ଗୁଜୁରାଣ ନିମନ୍ତେ କଡା ପରିଶ୍ରମ କରିବାକୁ ପଡୁଛି ।ଏହି ଡାକ୍ତରୀ ଛାତ୍ର ଜଣକ କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ମିଡିଆକିଆ ପଂଚାୟତର ବାଗ୍ରାମିଲା ଗ୍ରାମର ଇଫୁ ମଲିକ। ଚଳିତ ବର୍ଷ ସେ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ଡାକ୍ତରୀ ପାଠ ପଢିବା ଲାଗି କୋରାପୁଟ ସହିଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ନାମ ଲେଖାଇଛନ୍ତି। କିନ୍ତୁ ପାଠ ପଢିବା ଲାଗି ଆବଶ୍ୟକ ଅର୍ଥ ଯୋଗାଡ ଲାଗି ସେ ଗ୍ରାମର ଅନ୍ୟ ମହିଳାମାନଙ୍କ ସହ ମିଶି ବିଲରେ ଧାନ କାଟିବା ଠାରୁ ଆରମ୍ଭ କରି ଅନ୍ୟାନ୍ୟ କାମ ବି କରୁଛନ୍ତି। ସେ ଏମବିବିଏସପ୍ରଥମ ବର୍ଷର ଛାତ୍ର। କେତେବେଳେ ସେ ଶ୍ରମିକ ସାଜି ବିଲରେ ଧାନ କାଟୁଛନ୍ତି ତ, ଆଉ କେତେବେଳେ ଘର ବାରଣ୍ଡାରେ ବସି ପାଠ ପଢୁଛନ୍ତି। ପାଠପଢ଼ିବା ବେଳେ ପାଖରେ ବସିଛନ୍ତି ତାଙ୍କର ବୃଦ୍ଧ ମାଆ ଓ ବାପା। ପୁଅର ମୁଣ୍ଡକୁ ଆଉଁଷି ଦେଉଛନ୍ତି। ହେଲେ ପୁଅର ଭବିଷ୍ୟତ ନେଇ ଉଭୟ ବାପା ମାଆ ଚିନ୍ତାରେ ରହିଛନ୍ତି। କାହିଁକି ନା ସେମାନେ ଏବେ ବୟସର ଅପରାହ୍ନରେ ପହଞ୍ଚି ସାରିଲେନି। କାମଦାମ କରିବା ଲାଗି ଶରୀରରେ ତାଙ୍କ ଶରୀରରେ ଆଉ ଯୁ ନାହିଁ। ପୁଅ ପାଠ ପଢି କିଭଳି ନିଜ ଗୋଡରେ ଠିଆ ହେବ ସେନେଇ ଉଭୟ ଚିନ୍ତିତ ।ଇଫୁଙ୍କ ଘରେ ତାଙ୍କ ବାପା, ମା'ଙ୍କ ବ୍ୟତୀତ ବଡ ଭାଇ ଓ ଛୋଟ ଭଉଣୀ ମଧ ରୁହନ୍ତି। କେହି ମଧ ରୋଜଗାରିଆ



ନୁହଁନ୍ତି। ଏଭଳି ପରିସ୍ଥିତିରେ ଇଫୁ ହାରି ଯାଇନାହାନ୍ତି। ଅହରହ ନିଜର ସଂଗ୍ରାମ ଜାରି ରଖିଛନ୍ତି। ବଡ କଷ୍ଟରେ ଟଙ୍କା ଯୋଗାଡ କରି ମେଡିକାଲ କଲେଜରେ ଆଡମିସନ ଫି' ଦେଇଛନ୍ତି। ହେଲେ ଆଗକୁ ପଢିବା ଲାଗି ତାଙ୍କ ପାଖରେ ପଇସା ନାହିଁ। ତେଣୁ ସେ ବି ଚିନ୍ତାରେ ।ଇଫୁ କହିଛନ୍ତି, ଯେନତେନ ଯୋଗାଡଯନ୍ତ୍ର କରି ମେଡିକାଲ କଲେଜରେ ପାଠପଢ଼ିବାକୁ ଆଡ୍ମିସନ କରି ଦେଇଛି। ହେଲେ ଆଗକୁ ୫ ବର୍ଷ ପାଠପଢ଼ିବାକୁ ପଡିବ। ଏଥିପାଇଁ ପ୍ରତିବର୍ଷ ରିଆଡମିସ ଫି' ସାଙ୍ଗକୁ ହଷ୍ଟେଲ ଫି', ମେସ୍ ଫି', ଯାତାୟତ ଖର୍ଚ୍ଚ, ବହି ଓ ପାଠପ ?। ଉପକରଣ କିଣିବା ଖର୍ଚ୍ଚ କରିବାକୁ ପଡିବ। ହେଲେ ନା ତାଙ୍କ ପାଖରେ ଏତେ ଟଙ୍କା ଅଛି, ନା ପରିବାର ପାଖରେ। ବାପା, ମା' ବୃଦ୍ଧ। ସେମାନଙ୍କୁ ସହାୟତା ଆବଶ୍ୟକ। ତେଣୁ ଏଭଳି ପରିସ୍ଥିତିରେ ସରକାର କିମ୍ବା କେହି ସହୃଦୟ ବ୍ୟକ୍ତି ସହାୟତା କଲେ ସେ ଡାକ୍ତରୀ ପ ? ଡାକ୍ତର ହୋଇପାରନ୍ତେ। ଏଥିସହ ସମସ୍ତ ଆଦିବାସୀ ଓ ଗରିବ ଲୋକଙ୍କ ସେବା କରିପାରିବାର ଲକ୍ଷ୍ୟ ସଫଳ କରିପାରନ୍ତେ। ତାଙ୍କ ମା' ଦେହୁରୀ ମଳିକ ଓ ବାପା ଟ୍ରେସକା ମଳିକ କହିଛନ୍ତି, ଅଭାବ ଅନାଟନ ଭିତରେ ପୁଅ କେବେ ବି ପାଠ ପଢାରେ ଅବହେଳା କରିନି। ଜଣେ ମେଧାବୀ ଛାତ୍ର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମାଟ୍ରିକ ହେଉ ଅବା ଯୁକ୍ତ ଦୁଇ। ଉଭୟ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଚଳିତ ବର୍ଷ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେ ସମସ୍ତ ଅଞ୍ଚଳବାସୀଙ୍କ ଉଦାହରଣ ହୋଇ ଉଭା ହୋଇଛନ୍ତି। ତେବେ ଆଗକୁ କେମିତି ପାଠପ ? ନିଜ ଗୋଡରେ ଠିଆ ହେବ ବୁଦ୍ଧିବାଟ ଦେଖାଯାଉନି। ସରକାର କିମ୍ବା ବଦାନ୍ୟ ବ୍ୟକ୍ତି ସହାଯ୍ୟ କଲେ ପୁଅ ପାଠପଢ଼ି ପାରନ୍ତା ଓ ଆଗକୁ ସମସ୍ତଙ୍କ ସେବା କରିପାରନ୍ତା।

## ପରୀକ୍ଷା ପେ ଚର୍ଚ୍ଚାରେ ବହୁଳ ଅଂଶଗ୍ରହଣ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆହ୍ୱାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୬।୧୨(ପି.ଏନ): କେନ୍ଦ୍ର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ "ପରୀକ୍ଷା ପେ ଚର୍ଚ୍ଚା ୨୦୨୩" ର ଷଷ୍ଠ ସଂସ୍କରଣରେ ଯୋଗଦେବା ପାଇଁ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆମନ୍ତ୍ରଣ ଜଣାଇଛନ୍ତି ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ଅନନ୍ୟ ମତ ବିନିମୟ କାର୍ଯ୍ୟକ୍ରମ ପରୀକ୍ଷା ପେ ଚର୍ଚ୍ଚାର ପରିକଳ୍ପନା କରିଥିଲେ । ପରୀକ୍ଷା ଯୋଗୁଁ ହେଉଥିବା ଚାପରୁ ମୁକ୍ତ ଲାଭ କରି ଜୀବନକୁ ଏକ ଉତ୍ସବ ଭାବେ ପାଳନ କରିବା ପାଇଁ ଶିକ୍ଷକ, ଅଭିଭାବକ ଓ ବିଦ୍ୟାର୍ଥୀ ଦେଶ ଓ ଦେଶ ବାହାରୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥାନ୍ତି । ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଗତ ପାଂଚ ବର୍ଷ ଧରି ସଫଳତାର ସହ ଆୟୋଜିତ ହୋଇ ଆସୁଛି । ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ପିତାମାତା ଏକ ଅନଲାଇନ ସୃଜନଶୀଳ ଲିଖିତ ପ୍ରତିଯୋଗିତା ଭିତିରେ ଏଥିରେ ଅଂଶଗ୍ରହଣ କରିବାକୁ ବଛା ହେବେ ।

## ଗୋଛାପଡାରେ କୁମ୍ବିଙ୍ଗ ବେଳେ ଜବାନ – ମାଓବାଦୀ ଗୁଳି ବିନିମୟ, କୁମ୍ବିଙ୍ଗ ଅପରେସନ ଜାରି

କନ୍ଧମାଳ,୬।୧୨(ପି.ଏନ):କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଂଚଳରେ ମାଓ କୁମ୍ବିଙ୍ଗ ବେଳେ ଜବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି ।ସୂଚନା ଅନୁଯାୟୀ, ସେହି ଅଂଚଳର ମାଓବାଦୀ ମାନଙ୍କ ଗତିବିଧି ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ କନ୍ଧମାଳ ଏସପି ଭିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ, ଏସ ଓ ଜି ଏବଂ ଡିଭିଏଫ ଜବାନଙ୍କ ମିଳିତ ଅଭିଯାନରେ କୁମ୍ବିଙ୍ଗ ଅପରେସନ ଜାରି କରାଯାଇଥିଲା। ଏହି ଅବସରରେ ମାଓବାଦୀ ମାନଙ୍କ ସହିତ ମୁହାଁମୁହିଁ ହୋଇଥିଲା।








## ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# -ଝରିଗଲେ 'ଝରଣା'-

ତାଙ୍କ କଣ୍ଠ ସ୍ୱର ବେଶ ଚମତ୍କାର ଥିଲା। ଯିଏ ଥରେ ରେଡ଼ିଓରେ ତାଙ୍କ କଣ୍ଠସ୍ୱର ଶୁଣିଛି ସେ ଅନ୍ତତଃପକ୍ଷେ ଜୀବନ ଥିବା ଯାଏ ଭୁଲିବା ମୁସ୍କିଲ। ଯୁବତୀ ସମୟରେ ଯେଉଁଭଳି କଣ୍ଠ ଥିଲା, ବୟସର ଅପରାହ୍ନରେ ମଧ୍ୟ ସ୍ୱରର ଦମ ଠିକ ସେହିଭଳି ରହିଥିଲା। ସେଥିପାଇଁ ରେଡ଼ିଓ ଅଭିନୟରେ ସେ ଥିଲେ ସର୍ବୋଚ୍ଚ ସ୍ତରରେ।

ଝରଣା ଦାସଙ୍କ ଜନ୍ମ ୧୯୪୫ ମସିହାରେ କଟକର ଚାନ୍ଦିନୀଚୌକର ଏକ ଖ୍ରୀଷ୍ଟିଆନ ଯୌଥ ପରିବାରରେ ହୋଇଥିଲା। ସମସ୍ତେ ତାଙ୍କୁ ଶ୍ରଦ୍ଧାରେ ଡାକୁଥିଲେ ଝୁମୁ। ଝରଣାଙ୍କ ଘରେ ସେମାନେ ଥିଲେ ଦଶଭାଇ ଭଉଣୀ। ତାଙ୍କ ମା'ଲେଖି ଦେଇଥିବା ନାଟକକୁ, ଘର ଖଟ ଯୋଡ଼ି ଓ ଶାଢ଼ୀ ଟାଣି ମଞ୍ଚା କରି ଭାଇ ଭଉଣୀ ମିଶି ଅଭିନୟ କରୁଥିଲେ। ଝରଣା ଦାସ ନରସିଂହ ମହାପାତ୍ରଙ୍କ ଏକ ନାଟକରେ



ପ୍ରଥମ କରି ନାୟିକା ଭାବେ ଅଭିନୟ କରିଥିଲେ। ତାଙ୍କ ବଡ଼ଭାଇଙ୍କ ଅନ୍ତରଙ୍ଗ ବନ୍ଧୁ ଅଭିନେତା ଅକ୍ଷୟ ମହାନ୍ତି (କଶ୍ୟପ) ଓ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି ଚାହୁଁଥିଲେ ଝୁମୁ ଅଭିନେତ୍ରୀ ହୁଅନ୍ତୁ। କଳାକାର ହେବାର କିଛି ପ୍ରତିଭା ବି ପିଲାଦିନୁ ଦେଖିବାକୁ ମିଳିଥିଲା ଝରଣା ଦାସଙ୍କ କ୍ଷେତ୍ରରେ। ସେ ଅନେକ ସମୟରେ ବାପାଙ୍କ ଗୀଟାର ଲୁଚାଇ ଲୁଚାଇ ବଜାଉଥିଲେ। ବିନା ତାଲିମରେ ସ୍କୁଲରେ ପଢୁଥିବା ସମୟରେ ଆକାଶବାଣୀ କଟକର 'ଶିଶୁ ସଂସାର'



କାର୍ଯ୍ୟକ୍ରମରେ ଭାଗ ନେଉଥିଲେ। ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷା କରିଥିଲେ ଝରଣା ଦାସ। ଚିତ୍ରତୋଳକ ଦୀପକ ଦାସଙ୍କୁ ସେ ବିବାହ କରିଥିଲେ। ଝରଣା ଦାସଙ୍କ ଘରେ ତାଙ୍କ ବାପା, କକା ଆଦି ସଙ୍ଗୀତ ସାଧକ ଥିଲେ ଓ ବିଭିନ୍ନ ବାଦ୍ୟଯନ୍ତ୍ର ବଜାଉଥିଲେ। ସେ ଆକାଶବାଣୀ କଟକରେ ଜଣେ ଶିଶୁ କଳାକାର ଭାବରେ ଅଭିନୟ ଆରମ୍ଭ କରିଥିଲେ। ମିସନ ଗାର୍ଲସ ସ୍କୁଲରୁ ମ୍ୟାଟ୍ରିକ ପାସ କଲା ପରେ, ଶୈଳବାଳା ମହିଳା ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ ଝରଣା ଦାସ। ସେ ସ୍ନାତକ ଶିକ୍ଷାପ୍ରାପ୍ତ କରିଥିବା ପ୍ରଥମ ଓଡ଼ିଆ ଅଭିନେତ୍ରୀ। ଶୈଳବାଳା କଲେଜର ପଢୁଥିବା ସମୟରେ ବେତାର ନାଟକ କରିବା ଆରମ୍ଭ କରିଥିଲେ। ନରସିଂହ ମହାପାତ୍ରଙ୍କ ଏକ ନାଟକରେ ପ୍ରଥମ କରି ନାୟିକା ଭାବେ ଅଭିନୟ କରିଥିଲେ। ସେ ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷାଲାଭ କରିଥିଲେ। ରକ୍ଷଣଶୀଳ ପରିବାରରେ ସିନେମାର ଅଭିନୟ କରିବା ପାଇଁ ଅନୁମତି ନଥିଲା। ୧୯୬୪ ମସିହା ନିର୍ମିତ କଥାଚିତ୍ର 'ଅମଡ଼ାବାଟ' ମାଧ୍ୟମରେ ଓଡ଼ିଆ କଥାଚିତ୍ର ଜଗତରେ ପାଦ ଥାପିଥିଲେ। ୧୯୬୫ ମସିହାରେ ନିର୍ମିତ ଚଳଚ୍ଚିତ୍ର 'ମଲାଜହ୍ନ'ରେ 'ସତୀ' ଭୂମିକାରେ ଅଭିନୟ କରି ସେ ଲୋକପ୍ରିୟତା ହାସଲ କରିପାରିଥିଲେ। ଚଳଚ୍ଚିତ୍ର ବ୍ୟତୀତ, ସେ ଆକାଶବାଣୀ ଓ ଦୂରଦର୍ଶନ ସହିତ ମଧ୍ୟ ଜଡ଼ିତ ରହିଥିଲେ। ହରେକୃଷ୍ଣ ମହତାବଙ୍କ ଉପରେ ନିର୍ମିତ ଏକ 'ବୃତ୍ତଚିତ୍ର'ରେ ସେ ମଧ୍ୟ ନିର୍ଦ୍ଦେଶନା ଦେଇଥିଲେ। ସେ ସେଠାରେ ଥିବା ବେଳେ ସେ 'ଘର ଭଡ଼ା ଦିଆଯିବ' ଓ 'ମଣିଷ' ଆଦି କାର୍ଯ୍ୟକ୍ରମରେ ଅଭିନୟ କରିଥିଲେ। ଏଥିସହିତ ସେ ନିଜର ଫିଲ୍ମରେ ଅଭିନୟ ଚାଲୁ ରଖିଥିଲେ।

ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ଠାରୁ ଓଡ଼ିଶୀ ଶିକ୍ଷା କରିଥିଲେ ଝରଣା ଦାସ। ଚିତ୍ରତୋଳକ ଦୀପକ ଦାସଙ୍କୁ ସେ ବିବାହ କରିଥିଲେ। ଚଳଚ୍ଚିତ୍ର ଦୁନିଆରେ ତାଙ୍କର ପ୍ରବେଶ ଓଡ଼ିଆ ସିନେ ଜଗତକୁ ଏକ ପ୍ରତିଭାବାନ ଅଭିନେତ୍ରୀ ଭେଟି ଦେଇଥିଲା। ଚଳଚ୍ଚିତ୍ର ବ୍ୟତୀତ ଆକାଶବାଣୀ, ଦୂରଦର୍ଶନ ସହିତ ସେ ଜଡ଼ିତ ରହିଥିଲେ। ଡ.ହରେକୃଷ୍ଣ ମହତାବଙ୍କ ଉପରେ ନିର୍ମିତ ଏକ ବୃତ୍ତଚିତ୍ରରେ ସେ ମଧ୍ୟ ନିର୍ଦ୍ଦେଶନା ଦେଇଥିଲେ। ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସାରା ଓଡ଼ିଶାକୁ ନିଜ କଣ୍ଠର ଯାଦୁରେ ମୋହାବିଷ୍ଟ କରି ରଖିଥିବା ଲବ୍ଧପ୍ରତିଷ୍ଠ ଅଭିନେତ୍ରୀ ଝରଣା ଦାସଙ୍କୁ ଶେଷ ସମ୍ମାନ ଜଣାଉଛି।

**-ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

# ଶହୀଦ ସଂଗ୍ରାମୀ-ଜୟୀ ରାଜଗୁରୁ

**----------ଅକ୍ଷୟ କୁମାର ରାଉତ----------**





ଯେଉଁ ଦେଶର କ୍ଷିତ୍, ଆପ୍, ତେଜ, ମରୁତ୍ ଓ ବ୍ୟୋମରେ ଜୟୀକୃଷ୍ଣ ରାଜଗୁରୁଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମି, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶପ୍ରେମ, ସାହସ ଓ ତ୍ୟାଗ ଓଡିଶା ଇତିହାସରେ ବିରଳ। ଜୟୀ କୃଷ୍ଣ ରାଜଗୁରୁ ଅବିଭକ୍ତ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ବଂଶରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖରେ ଜନ୍ମଗ୍ରହଣ କରିଥିଲେ ବୋଲି ସ୍ଥିର କରାଯାଇଛି। ତାଙ୍କର ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ (ଚାନ୍ଦ ମହାପାତ୍ର) ଏବଂ ମାତାଙ୍କର ନାମ ହାରାମଣି ଦେବୀ।

ବାଲ୍ୟକାଳରୁ ଜୟୀକୃଷ୍ଣ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ଘୋଡାର ବେଲ୍ଟକୁ ଧରି ଘୋଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ। ଏହି ଦୃଶ୍ୟ ପିତା ଚାନ୍ଦ ରାଜଗୁରୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେହିଦିନଠାରୁ ସେ ଘୋଡା ଉପରେ ଖେଳୁଥିବା ଦେଖାଯାଉଥିଲା। ପିଲାଦିନରୁ ଏହି ସାହସ ତାଙ୍କର ଜଣାପଡୁଥିଲା। ନଅବର୍ଷରେ ଜୟୀକୃଷ୍ଣଙ୍କର ବ୍ରତୋପନୟନ, ପରେ ସଂସ୍କୃତ ଟୋଲ୍‌ରେ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ। ସେ ଗୋବର୍ଦ୍ଧନ ପୀଠ ଓ ଏମାର ମଠରୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଶିକ୍ଷା କରିଥିଲେ। ସେ ମଲ୍ଲଯୁଦ୍ଧ, ତରବାରି ଚାଳନା, କୁସ୍ତି ପ୍ରଭୃତି ପାଇକ ଆଖଡାରୁ ଶିକ୍ଷା କରିଥିଲେ। ପିତାଙ୍କ ମୃତ୍ୟୁ ପରେ ଜୟକୃଷ୍ଣ ବିବାହ କରିନଥିଲେ। କାଶୀରେ ଜୟକୃଷ୍ଣ ଜଣେ ସାଧକଙ୍କଠାରୁ 'ଦଶ ମହାବିଦ୍ୟା' ଓ 'ଧୂମାବତୀ' ସାଧନା ଶିକ୍ଷା କରି ସିଦ୍ଧି ଲାଭ କରିଥିଲେ। ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବେ ଯୋଗଦେଲେ। ମା'ଙ୍କ ଉପଦେଶରେ ସେ ଦେଶ, ଦଶ ଓ ଲୋକମାନଙ୍କର ସେବା କରିବାକୁ ଶପଥ ନେଲେ। ୧୭୯୦ ମସିହାରେ ପ୍ରଥମ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଶ୍ୟାମସୁନ୍ଦର ଦେବ ଇଂରେଜମାନଙ୍କ ସହାୟତାରେ ସିଂହାସନରେ ବସିବାକୁ ଚେଷ୍ଟା କଲେ। ମାତ୍ର ଜୟୀକୃଷ୍ଣ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଥିଲେ। ଜୟୀ ରାଜଗୁରୁ ଡମପଡା ଆକ୍ରମଣ କରି ବାଙ୍କି ରାଜାଙ୍କ ଭାଇ ବାସୁଦେବ ଭ୍ରମରବରଙ୍କୁ ମାରି ଡମପଡା ଦଖଲ କଲେ। ଏହି ସମୟ ମଧ୍ୟରେ ବ୍ରିଟିଶ ଶାସକମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରିସାରିଥାନ୍ତି। ଇଂରେଜମାନେ ମରହଟ୍ଟାମାନଙ୍କୁ ବିଦା କରି ଓଡିଶାକୁ ଦଖଲ କରିବାକୁ ଯୋଜନା ପ୍ରସ୍ତୁତ କଲେ। ଇଂରେଜ ସେନାଧ୍ୟକ୍ଷ କର୍ଣ୍ଣେଲ ହାର୍‌କୋଟ ଖୋର୍ଦ୍ଧା ରାଜାଙ୍କୁ ଏକ ପ୍ରସ୍ତାବ ଦେଲେ, ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିବେ ତେବେ ଓଡିଶା ଅଧିକାର ପରେ ଏକ ଲକ୍ଷ ଟଙ୍କା ଓ ସେ ହରାଇଥିବା ଚାରୋଟି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ, ଲେମ୍ବାଇକୁ ତାଙ୍କୁ ଫେରସ୍ତ ମିଳିବ। ତେଣୁ ରାଜା ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ। ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ରାଜାଙ୍କ ନିକଟକୁ ଟ.୧୦,୦୦୦ ପଠାଇଥିଲେ।

କର୍ଣ୍ଣେଲ ହାର୍‌କୋର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ ଓଡିଶା ଆସିଲେ। ମରହଟ୍ଟାମାନଙ୍କ ତରଫରୁ ନିଯୁକ୍ତ ଫତେ ମହମ୍ମଦଙ୍କ ଦ୍ୱାରା ଇଂରେଜମାନେ ପୁରୀରେ ପହଞ୍ଚି ମରହଟ୍ଟା ସୈନ୍ୟମାନଙ୍କୁ ବଶୀଭୂତ କରି ପୁରୀ ଦଖଲ କଲେ। ପୁରୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ହିନ୍ଦୁ ସିପାହୀମାନଙ୍କ ହାତରେ ଦେଇ କର୍ଣ୍ଣେଲ ହାର୍‌କୋର୍ଟ କଟକ ଯାତ୍ରା କରିବା ବାଟରେ ଅହମ୍ମଦପୁର ଓ ଦାଣ୍ଡମୁକୁନ୍ଦପୁରରେ ମରହଟ୍ଟାମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ। କର୍ଣ୍ଣେଲ ହାର୍‌କୋର୍ଟ ବାରଙ୍ଗ ଦେଇ କଟକରେ ପହଁଚି ଅକ୍ଟୋବର ମାସ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ମରହଟ୍ଟାମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କଲେ। ଓଡିଶା ଅଧିକାର ପରେ ଇଂରେଜମାନେ ଚାରୋଟି ପ୍ରଗଣା ଖୋର୍ଦ୍ଧା ରାଜାଙ୍କୁ ଦେବାକୁ ରାଜି ହେଲେ ନାହିଁ। କେବଳ ଜୟ ରାଜଗୁରୁଙ୍କୁ ପ୍ରାପ୍ୟ ନବେ ହଜାରରୁ ଚାଳିଶ ହଜାର ଟଙ୍କା ଦେଇଥିଲେ। ଇଂରେଜ ମାନଙ୍କର କୌଣସି ଚୁକ୍ତିପତ୍ରରେ ରାଜା ଓ ଜୟୀ ରାଜଗୁରୁ ସ୍ୱାକ୍ଷର ଦେଲେ ନାହିଁ କି ଇଂରେଜମାନଙ୍କ ଆଦେଶ ମାନିଲେନାହିଁ। କିନ୍ତୁ ଦ୍ୱିତୀୟ ମୁକୁନ୍ଦ ଦେବ ୧୮୦୪ ମସିହା ଅଗଷ୍ଟ ମାସ ୨ ତାରିଖରେ ଚୁକ୍ତିପତ୍ରରେ ସ୍ୱାକ୍ଷର ଦେଲେ। ରାଜା ଇଂରେଜମାନଙ୍କୁ ରାଜସ୍ୱ ଦେଲେନାହିଁ, ଫଳସ୍ୱରୂପ ଇଂରେଜମାନେ ଜୟୀ ରାଜଗୁରୁଙ୍କୁ ଦାୟୀ କରି ତାଙ୍କୁ ରାଜଗୁରୁ ପଦରୁ ହଟାଇବା ପାଇଁ ଚକ୍ରାନ୍ତ କରି ଗୋଲାମ ଅମିନ ନାମକ କର୍ମଚାରୀଙ୍କୁ ପରାମର୍ଶଦାତା ଭାବେ ଏକତରଫା ନିଯୁକ୍ତ ଦେଇ ରାଜ ଦରବାରକୁ ପଠାଇଲେ।

ଜୟୀ ରାଜଗୁରୁ ଇଂରେଜମାନଙ୍କର ଚକ୍ରାନ୍ତ ବୁଝିପାରି ମାତୃଭୂମିର ସୁରକ୍ଷା ପାଇଁ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ରାଜାଙ୍କର ଅନୁମତି ଲୋଡିଲେ। ରାଜାଙ୍କ ଅନୁମତି ପରେ ଜୟୀ ରାଜଗୁରୁ କୁଜଙ୍ଗ, କନିକା, ଖୋରଧା ମଧ୍ୟରେ ଏକ ତ୍ରିପାକ୍ଷିକ ମୈତ୍ରୀ ଗଠିତ କଲେ। ଏଥିରେ ହରିଶପୁର, ମରିଚପୁର ଓ ବିଷ୍ଣୁପୁରର ଜମିଦାରମମାନେ ଯୋଗଦେଲେ। କୁଜଙ୍ଗର ଦୁର୍ଦ୍ଧର୍ଷ ନୌବାହିନୀର ସୈନ୍ୟମାନେ ନିଜର ମାତୃଭୂମିକୁ ରକ୍ଷାକରିବା ପାଇଁ କୌଣସି ବିଦେଶୀମାନଙ୍କୁ କଳିଙ୍ଗ ସାଗର (ବଙ୍ଗୋପସାଗର)ରେ ପୂରାଇ ଦେଉ ନ ଥିଲେ। ଏହି ମାତୃଭକ୍ତ କୁଜଙ୍ଗବାସୀ ବହୁସଂଖ୍ୟାରେ ଜୟୀ ରାଜଗୁରୁଙ୍କ ସୈନ୍ୟବାହିନୀରେ ଯୋଗଦେଲେ। ପ୍ରଥମେ ଜୟୀ ରାଜଗୁରୁ ଇଂରେଜମାନଙ୍କୁ ହଟାଇବାକୁ ସୈନ୍ୟସଂଖ୍ୟା ବୃଦ୍ଧି କଲେ। ତା'ପରେ ପାଇକମାନଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରମାନଙ୍କୁ ନିଯୁକ୍ତ କରାଗଲା। ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାଜ୍ୟ ସୁରକ୍ଷା ପାଇଁ ରାସ୍ତାଘାଟ ମରାମତି କରାଇଲେ ଓ ବାକି ଟଙ୍କାରେ ପାଇକମାନଙ୍କ ପାଉଣା ବାବଦରେ ଖର୍ଚ୍ଚକଲେ। ଖୋରଧା ଦୁର୍ଗର ବାହାର ଓ ଭିତର ପଟେ ସୈନ୍ୟ, ତୋପ ରହିବାର ବ୍ୟବସ୍ଥା କଲେ। ପ୍ରତି ଘାଟି ଜାଗା ଯଥା ଡେଲାଙ୍ଗ, ତରଡୁଆ, ଗଙ୍ଗପଡା ପ୍ରଭୃତି ବିଭିନ୍ନ ସ୍ଥାନରେ ପାଇକ ବାହିନୀ ମୃତୟନ କଲେ। ଜୟୀ ରାଜଗୁରୁ ନିଜର ବାସଭବନଟିକୁ ବନ୍ଧା ଦେଇ ତା' ବଦଳରେ ଏକ ଘୋଡା କିଣି ସେହି ଘୋଡାରେ ନାଗପୁର ଯାଇ ରଘୁଜୀ ଭୋନ୍‌ସଲାଙ୍କୁ ଭେଟିଲେ। ଫଳରେ ଖୋରଧା ରାଜା ଓ ରଘୁଜୀ ଭୋନ୍‌ସଲାଙ୍କ ମଧ୍ୟରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ବୁଝାମଣା ହୋଇଥିଲା। ଏହାପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ଅଧିକୃତ ଅଞ୍ଚଳରେ ରାଜାଙ୍କ କର୍ତ୍ତୃତ୍ୱ ବିସ୍ତାର କରି ଖଜଣା ଆଦାୟ କଲେ। ୧୮୦୪ ମସିହାରେ ଅକ୍ଟୋବର ମାସରେ ପାଇକମାନେ ପିପିଲିର ବହୁ ଇଂରେଜ ଅଧିନ ଗ୍ରାମ ଆକ୍ରମଣ କରି କ୍ଷୟକ୍ଷତି ଘଟାଇଲେ। ଇଂରେଜମାନେ ମହାନଦୀ ପଠାରେ ସୈନ୍ୟମାନଙ୍କ ସମରାଭ୍ୟାସ କରୁଥିଲେ। ଜୟୀ ରାଜଗୁରୁ ହଠାତ୍ ଇଂରେଜ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିରସ୍ତ୍ର କରିଦେଲେ। ରାଜାଜ୍ଞା ପାଇଁ ଜୟୀକୃଷ୍ଣ ଡେଲାଙ୍ଗ ଅଧିକୃତ କଲେ, ଇଂରେଜ ସୈନ୍ୟମାନେ ଡେଲାଙ୍ଗ ଛାଡି ପଳାଇଲେ। କ୍ୟାପ୍‌ଟେନ୍ ହିକ୍ ଲ୍ୟାଣ୍ଡଙ୍କ ନେତୃତ୍ୱରେ ସୈନ୍ୟମାନେ ପିପିଲି ଦୁର୍ଗଠାରେ ପାଇକମାନଙ୍କୁ ଆକ୍ରମଣ କଲେ। ପିପିଲିରୁ ଫେରିବା ବାଟରେ ହିକ୍ ଲ୍ୟାଣ୍ଡ ପାଇକମାନଙ୍କ ଦ୍ୱାରା ପରାସ୍ତ ହେଲେ। ମୁସ୍ତଫା ଖାଁ ରାଜାଙ୍କ ଆଦେଶରେ ଟାଙ୍ଗିଆପଡା ଅଭିମୁଖେ ଯାତ୍ରା କଲେ। ସେ ମେଜର ଫ୍ଲେଚରଙ୍କ ଦ୍ୱାରା ପରାସ୍ତ ହେଲେ। ମେଜର ଫ୍ଲେଚର ନୟାଗଡ, ଖଣ୍ଡପଡା ଓ ରଣପୁର ରାଜାମାନଙ୍କ ସହାୟତାରେ ଖୋର୍ଦ୍ଧାର ଦକ୍ଷିଣରୁ ଆକ୍ରମଣ କଲେ। କର୍ଣ୍ଣେଲ ହାର୍‌କୋଟ ଓ ମେଲ୍‌ଭିଲେ ବାଙ୍କି ରାଜାଙ୍କ ସହାୟତାରେ ଖୋରଧା ଅଭିମୁଖେ ଯାତ୍ରା କଲେ।

ଶୁଣାଯାଏ ଖୋର୍ଦ୍ଧାଗଡର ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ଓ କରୁଣାଇ ଜୟୀ ରାଜଗୁରୁଙ୍କ ତନ୍ତ୍ର ସାଧନା ବଳରେ ସିଂହବାହନରେ ବସି ଯୁଦ୍ଧକଲେ। କିନ୍ତୁ କାଞ୍ଚିଦେବ୍ୟା ଇଂରେଜମାନଙ୍କୁ ଜଣାଇଲେ ଷଣ୍ଢ ବଳି ଦେଇ ତା' ରକ୍ତରେ ଗୋଳା ବର୍ଷଣ କଲେ ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ। କର୍ଣ୍ଣେଲ ଫ୍ଲେଚର ଗାଈର ମୁଣ୍ଡ କାଟି ତା ରକ୍ତରେ ଗୋଳା ବୁଡାଇ ଆକ୍ରମଣ କଲେ। ଦେବୀ ଯୁଦ୍ଧକ୍ଷେତ୍ରରୁ ପଳାୟନ କଲେ। ଇଂରେଜମାନେ ଗଡକୁ ଚାରି ଦିଗରୁ ଆକ୍ରମଣ କରି ନଅର ଭିତରକୁ ଗୁଳି ବର୍ଷଣ କଲେ। ମେଜର ଫ୍ଲେଚର ଦୁର୍ଗ ଭିତରକୁ ପ୍ରବେଶ କରି ଜୟୀ ରାଜଗୁରୁଙ୍କ ଗୃହରେ ତାଲା ପକାଇ ଦେଲେ। ଦୁର୍ଗ ମଧ୍ୟରେ ଜୟୀ ରାଜଗୁରୁଙ୍କ ସହିତ ଇଂଜେମାନଙ୍କର ଘମାଘୋଟ ଯୁଦ୍ଧ ହେଲା। ଜୟୀ ରାଜଗୁରୁ ତାଙ୍କ ଗୃହରୁ ସୁନା କୁଲାଇ ଆଣିପାରିଲେ ନାହିଁ। ଫଳରେ ତାଙ୍କର ଧୂମାବତୀ ସାଧନା ବିଫଳ ହେଲା। ରାଜା ପୂର୍ବରୁ ଦୁର୍ଗ ଛାଡି କାଇପଦରଗଡର କାଶିଆ ଗୋହରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ। ଜୟୀ ରାଜଗୁରୁ ଦୁର୍ଗରୁ ପଳାଇଯାଇ ସେଠାରେ ରାଜାଙ୍କୁ ଭେଟିଲେ।

୧୮୦୪ ମସିହା ଡିସେମ୍ବର ମାସରେ ଇଂରେଜ ଶାସନର ବିରୋଧାଚରଣ କରିଥିବାରୁ ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜପଦରୁ ଇଂରେଜମାନେ ବହିଷ୍କାର କରିଥିଲେ। ଇଂରେଜମାନଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିରର କେତେକ କର୍ମଚାରୀ ପୂଜା ସମୟରେ ରାଜାଙ୍କ ନାମ ଉଚ୍ଚାରଣ କଲେ ନାହିଁ। କମଳ ବଡଜେନା ନାମକ ବ୍ୟକ୍ତି ଷଡଯନ୍ତ୍ର କରି ଜୟୀ ରାଜଗୁରୁଙ୍କୁ ଇଂରେଜମାନଙ୍କୁ ଧରାଇଦେଲେ। କେହି କେହି ପିଣ୍ଡିକି ହରିଚନ୍ଦନଙ୍କୁ ଦାୟୀ କରିଥାଆନ୍ତି। ଇଂରେଜ ସୈନ୍ୟମାନେ ଜୟୀ ରାଜଗୁରୁଙ୍କୁ ମେଜର ଫ୍ଲେଚରଙ୍କ ପାଖକୁ ଆଣିଥିଲେ। ତା'ପରେ କର୍ଣ୍ଣେଲ ହାର୍‌କୋଟଙ୍କ ନିକଟକୁ ଜୟୀ ରାଜଗୁରୁଙ୍କୁ ପ୍ରେରଣ କରାଗଲା। ମେଦିନୀପୁରସ୍ଥିତ ବାଲିତୋଟାଠାରେ ତାଙ୍କର ବିଚାର କରି ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ଏକ ବରଗଛରେ ଇଂରେଜମାନେ ଫାଶୀଦଣ୍ଡରେ ଦଣ୍ଡିତ କରିଥିଲେ। କେହି କେହି କୁହନ୍ତି ଖୋର୍ଦ୍ଧାର ମଧ୍ୟସ୍ଥଳରେ ଏକ ବରଗଛରେ ଜୟୀ ରାଜଗୁରୁଙ୍କୁ ଚାରିଡାଳିଆ କରି ଫାଶୀ ଦିଆଯାଇଥିଲା। ଇଂରେଜଙ୍କ ସହିତ ସଂଗଠିତ ସଂଗ୍ରାମରେ ଜୟୀ ରାଜଗୁରୁ ବ୍ୟର୍ଥ ହେଲେ ସତ, କିନ୍ତୁ ସେ ସବୁ ଦୋଷ ନିଜ ଉପରକୁ ନେଇ ଯେପରିଭାବେ ଚରିତ୍ରବତ୍ତା, ଦେଶଭକ୍ତି ଓ ମହାନ ସଂଗ୍ରାମ ଇତିହାସର ଦୃଷ୍ଟାନ୍ତ ଦେଇଛନ୍ତି ତାହା ବିରଳ।

***-ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ. ନଂ.- ୯୯୩୭୬୯୧୪୭୫***

# ସରକାରୀ ଜମିରେ ବଢୁଛି ବେଆଇନ ମନ୍ଦିର ନିର୍ମାଣ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ମୂଲ୍ୟବାନ ସରକାରୀ ଜମିରେ ହେଉଛି ବେଆଇନ ମନ୍ଦିର ନିର୍ମାଣ। ପ୍ରଶାସନିକ କଟକଣା ନଥିବାରୁ ଯିଏ ଯେଉଁଠି ପାରିଲା ମନ୍ଦିର ଗଢୁଛି। ତାହା ପୁଣି ବେଆଇନ ଚାନ୍ଦାରେ। ବିଶେଷ କରି ପ୍ରଭାବଶାଳୀ ବ୍ୟକ୍ତିଙ୍କ କଳାଧନରେ ମନ୍ଦିର ନିର୍ମାଣ ହେଉଛି। ଧନୀବ୍ୟକ୍ତିମାନେ ସରକାରୀ ଜମିରେ ହେଉଥିବା ମନ୍ଦିର ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଦାନ କରୁଥିବା ବେଳେ ନିଜର ସ୍ଥିତିବାନ ଜମିରେ ମନ୍ଦିର କରିବାକୁ ପରାମର୍ଶ ଦେଉନାହାନ୍ତି। ପରବର୍ତୀ ସମୟରେ ସରକାରୀ ପ୍ରକଳ୍ପ ନିର୍ମାଣ ସମୟରେ ବହୁ ଲକ୍ଷ ଟଙ୍କାରେ ନିର୍ମିତ କେତେକ ମନ୍ଦିରକୁ ଭାଙ୍ଗିବାକୁ ପଡୁଛି। ୨୦୦୪ରେ ୫ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ ସମୟରେ ଜାରକା ଛକରେ ଥିବା ତାରିଣୀ ପୀଠ, ଦେଉଳି ଗାଁ ନିକଟରେ ଥିବା ଅଙ୍ଗେଶ୍ୱରୀ ମନ୍ଦିର, ବନଦୁର୍ଗା ମନ୍ଦିର ଏବଂ ୨୦୧୭ରେ ବମ୍ଫୁ ଗାଁ ରାସ୍ତା ପାର୍ଶ୍ୱରେ ଥିବା ସାଇ ମନ୍ଦିର ଆଦି ଭଙ୍ଗା ଯାଇଥିଲା। ସେହିପରି ମନ୍ଦିର କାମ ଶେଷ ହୋଇଗଲେ ଠାକୁରଙ୍କ ଦର୍ଶନ ନାଁରେ ଏଠାରେ ପ୍ରେମୀଯୁଗଳଙ୍କ ଗହଳି ହେଉଥିବା ବେଳେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ନିଛାଟିଆ ସ୍ଥାନରେ ଥିବା ମନ୍ଦିରରେ ନିଶା କାରବାର ଓ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଏପରିକି କେତେକ ମନ୍ଦିରରେ ମହିଳା ଓ ଯୁବତୀମାନେ ଅସଦାଚରଣର ଶିକାର ହେଉଥିବା ନଜିର ରହିଛି। କିଛିଦିନ ହେଲା କେତେକ ମନ୍ଦିରରୁ ମୂର୍ତି ଚୋରି, ଦେବାଦେବୀଙ୍କ ଅଳଙ୍କାର ଓ ବିଭିନ୍ନ ପୂଜାସାମଗ୍ରୀ ଲୁଟ୍ ହେଉଛି। ଏଭଳି ଅବସ୍ଥାରେ ଜଣେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ପାଇଁ ମନ୍ଦିରକୁ ଯିବାକୁ ନିରାପଦ ମଣୁନାହିଁ। କୁମାରୀ ପଂଚାୟତ ଦେଉଳିପାଳ ପାହାଡ଼ ପାଦଦେଶରେ ପୂର୍ବରୁ ଏକ ସାଇ ମନ୍ଦିର ଥିବା ବେଳେ ଏବେ ଆଉ ଏକ ଶାରଳା ମନ୍ଦିର ନିର୍ମାଣ ହେଉଛି। ତାହା ପୁଣି ଧର୍ମଶାଳା ଆଦର୍ଶ ବିଦ୍ୟାଳୟ ସାମ୍‌ନାରେ। ଏଠାରେ ଏବେ କେତେକ ବ୍ୟକ୍ତି ଗଞ୍ଜେ ଟାଣିବା ସହତ ମଦ୍ୟପାନ କରିବା ଆରମ୍ଭ କରି ଦେଲେଣି। ସ ନଇଁଲା ପରେ ଏହି ରାସ୍ତାରେ ଯାତାୟାତ କରିବାକୁ ସ୍ଥାନୀୟ ଅଂଚଳବାସୀ ନିରାପଦ ମଣୁନାହାନ୍ତି। ବିଶେଷ କରି ସହରାଂଚଳ ଓ ଛକବଜାରରେ ଅଧିକ ସଂଖ୍ୟାରେ ମନ୍ଦିର ଗଢ଼ା ହେଉଛି। ଅଧିକାଂଶ ସାହି ଓ କଲୋନୀରେ ବିଭିନ୍ନ ଦେବାଦେବୀଙ୍କ ବେଆଇନ ମନ୍ଦିର ନିର୍ମାଣ ହେଉଛି। ପରେ ମନ୍ଦିରର ଆବଶ୍ୟକତା ଅନୁସାରେ ପ୍ରାର୍ଥନା ମଣ୍ଡପ, ରୋଷେଇ ଘର, ଅନ୍ୟାନ୍ୟ ପ୍ରକୋଷ୍ଠ, ବଗିଚା ଆଦି ନାଁରେ ବହୁ ମୂଲ୍ୟବାନ ଜମି ଜବରଦଖଲ କରାଯାଉଛି। କେତେକ ମନ୍ଦିରରେ ବିପୁଳ ସରକାରୀ ଅର୍ଥ ମଧ୍ୟ ବ୍ୟୟ କରାଯାଉଛି। ଏବେ ବି ଜାରକା ଓ ଏହାର ଆଖପାଖ ଅଂଚଳରେ ବହୁମୂଲ୍ୟ ସରକାରୀ ଜମିରେ ଏକାଧିକ ମନ୍ଦିର ନିର୍ମାଣ ଜାରି ରହିଛି। ଏଥିପ୍ରତି ଯାଜପୁର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ପାଖରଠାରେ ରେଳ ରହଣି ଦାବି ଜୋର ଧରିଲା, ଦାବିପୂରଣ ନ ହେଲେ ରେଳରୋକ ୧୨ରେ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଖର ଗାଁ ନିକଟରେ ରେଳ ରହଣି ପାଇଁ ଦାବି ଜୋର ଧରିଛି। ୧୦ଟି ପଂଚାୟତର ଲୋକମାନଙ୍କୁ ନେଇ ପାଖର ପାସେର ହଲଟ୍ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ବହୁବର୍ଷ ହେଲା ଏଠାରେ ପାସେଂଜର ହଲଟ୍ କରିବାକୁ ଦାବି ହୋଇଆସୁଛି। ମାତ୍ର ରେଳ ବିଭାଗର ବୈମାତୃକ ମନୋଭାବ ଯୋଗୁ ପାଖର ଲେଭଲ୍ କ୍ରସିଂ ନିକଟରେ ପାସେଂଜର ହଲଟ୍ ନିର୍ମାଣ ହୋଇ ପାରୁନାହିଁ। ଡିସେମ୍ବର ୨୫ତାରିଖ ମଧ୍ୟରେ ଦାବି ପୂରଣ ନହେଲେ ଜାନୁଆରୀ ୫ ତାରିଖଠାରୁ ୧୧ତାରିଖ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବ ବୋଲି ଗଡ଼ମଧୁପୁର ଷ୍ଟେସନ ମାଷ୍ଟରଙ୍କୁ କମିଟି ଏକ ଦାବିପତ୍ର ପ୍ରଦାନ କରିଛି। ଏହା ସତ୍ତ୍ୱେ ବିଭାଗ ପକ୍ଷରୁ ପାଖରଠାରେ ପାସେଂଜର ହଲଟ୍ ପାଇଁ ଲିଖିତ ପ୍ରତିଶ୍ରୁତି ନଦେଲେ ଜାନୁଆରୀ ୧୨ ତାରିଖରେ ରୋଳରୋକ କରାଯିବ ବୋଲି କମିଟି ଚେତାବନୀ ଦେଇଛି। ପ୍ରକାଶ ଯେ, ଦୀର୍ଘବର୍ଷ ହେଲା ଏହି ବ୍ଲକର ମହିଶରା, ସଂପାରୁ, ତରିଆ, ପାଖର, ଥାନୁଆଳ, ଗଙ୍ଗାଧରପୁର ଆଦି ପଂଚାୟତର ଶ୍ରମିକ ଶ୍ରେଣୀୟ ଲୋକମାନେ କାମ କରିବାକୁ ଦୂରଦୂରାନ୍ତକୁ ଯିବା ପାଇଁ ହରିଦାସପୁର କିମ୍ବା ଗଡ଼ମଧୁପୁର ରେଳଷ୍ଟେସନକୁ ଯାଇଥାନ୍ତି। ଅନେକ ସମୟରେ ରେଳ ପହଁଚିବାରେ ବିଳମ୍ବ ହେଲେ ଶ୍ରମିକମାନେ ସେଦିନ କାମ କରିବାରୁ ବଂଚିତ ହୋଇଥାନ୍ତି। ପାଖରଠାରେ ପାସେଂଜର ହଲଟ୍ କରାଗଲେ ସ୍ଥାନୀୟ ଅଂଚଳର ହଜାର ହଜାର ଲୋକ ଉପକୃତ ହୋଇପାରିବେ। ତେବେ ୨୭ବର୍ଷ ହେଲା ଏଠାରେ ପାସେଂଜର ହଲଟ୍ କରାଯିବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ରେଳ ବିଭାଗ ଦାବିପୂରଣ ନେଇ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରୁନାହିଁ। ଏନେଇ ବାରମ୍ବାର ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ହେଲେ କ୍ଷତିର ଆଳ ଦେଖାଇ ବିଭାଗ ପାଖରଠାରେ ପାସେଂଜର ହଲଟ୍ ନିର୍ମାଣ କରୁନାହିଁ। ଏଠାରେ ପାସେଂଜର ହଲଟ୍ ନିର୍ମାଣ କରାଗଲେ ପ୍ରାୟ ୫୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହା କାର୍ଯ୍ୟକ୍ଷମ ହେଲେ ବାର୍ଷିକ ୧କୋଟି ୮ଲକ୍ଷ ଟଙ୍କା କ୍ଷତି ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଥିବା କୁହାଯାଇଛି। ଏକ ସମାଜ ମଙ୍ଗଳ ରାଷ୍ଟ୍ରରେ ଲୋକଙ୍କ ହିତରେ ଅର୍ଥ ଖର୍ଚ୍ଚକୁ କ୍ଷତି ହେବ ଦର୍ଶାଯିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି। ରେଳବାଇ ପକ୍ଷରୁ ଏଠାରେ ରେଳ ରହଣି କରାନଗଲେ ଅଂଚଳବାସୀଙ୍କ ପକ୍ଷରୁ ବାଧ୍ୟହୋଇ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟିର ସଭାପତି ଯୁଧିଷ୍ଠିର ସ୍ୱାଇଁ, ଆବାହକ ବିଜୟ କୁମାର ଦାସ ଓ ବଳରାମ ଦାସ ଚେତାବନୀ ଦେଇଛନ୍ତି।

# ଗାଁରେ ବୋମାମାଡ କରି ଆତଙ୍କ ସୃଷ୍ଟି କରିଥିବା ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ତାଳଜଙ୍ଗ ଛକରେ ବୋମାମାଡ କରି ଆତଙ୍କ ସୃଷ୍ଟି କରିଥିବା ଯୁବକକୁ ପୁଲିସ ଗିରଫ କରିଛି। ସୂଚନା ମୁତାବକ ତାଳଜଙ୍ଗା ଗ୍ରାମର ପୀତାମ୍ବର ମଲିକ(୪୦) ନିଶାସକ୍ତ ଅବସ୍ଥାରେ ଗତ ଅକ୍ଟୋବର ମାସ ୧ ତାରିଖ ରାତିରେ ନିଜ ଗାଁ ଛକ ଠାରେ ଲୋକମାନଙ୍କୁ ଭୟଭିତ କରିବା ଉଦ୍ଦେଶ୍ୟରେ ବୋମାମାଡ କରିଥିଲା। ତେବେ ଏହି ବୋମାମାଡରେ କାହର କିଛି କ୍ଷୟକ୍ଷତି ହୋଇ ନଥିବା ବେଳେ ଜେନାପୁର ପୁଲିସ ପକ୍ଷରୁ ୨୭୬/୨୨ରେ ଏକ କେଶ ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ତେବେ ଗତକାଲି ରାତିରେ ପୁଲିସ ଅଭିଯୁକ୍ତ ପୀତାମ୍ବରକୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ରାଜଧାନୀରେ ପ୍ରତିଷ୍ଠା ପାଇଁ ଦାବି




ଭୁବନେଶ୍ୱର (ପିଏନ୍): ଭାରତର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ସହିଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖାର କାର୍ଯ୍ୟନିର୍ବାହୀ ସମିତି ବୈଠକରେ ଦାବି ହୋଇଛି। ଅନୁଷ୍ଠାନର ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବା ପରେ ଦିବଙ୍ଗତ ସଦସ୍ୟ ମାନଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଗତ ବର୍ଷର ବାର୍ଷିକ ଓ ଆର୍ଥିକ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଆସନ୍ତା ଜାନୁଆରୀ ମାସ ୧୫ ତାରିଖ ଦିନ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖାର ନିର୍ବାଚନ ହେବ ବୋଲି ଦିନ ଧାର୍ଯ୍ୟ ହୋଇଥିଲା। ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗ୍ରହଣ କରୁଥିବା ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ। ବୈଠକରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମହେଶ୍ୱର ବିଶ୍ୱାଳ, ଇଂ. ନଳିନୀ କୁମାର ମହାନ୍ତି, ପ୍ରତାପ କୁମାର ନନ୍ଦ, ସମରଂଜନ ମହାନ୍ତି, ପ୍ରକାଶ କୁମାର ସାମଲ, ରାମଚନ୍ଦ୍ର ସାମଲ, ଅଜୟ କୁମାର କାନୁନଗୋ ଓ ଗୋପୀମୋହନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସମ୍ମିଳନୀର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ପ୍ରସନ୍ନ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

# ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ନାୟକଙ୍କ ପରଲୋକ



ଖୋର୍ଦ୍ଧା (ପିଏନ୍): ଜଣାଶୁଣା ଉଦ୍ଭିଦବିଜ୍ଞାନୀ, ସାହିତ୍ୟିକ, ବ୍ୟଙ୍ଗ ନାଟ୍ୟକାର ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ନାୟକଙ୍କର ୭୨ ବର୍ଷ ବୟସରେ ପ୍ରାଣନାଥ କଲେଜ ସନ୍ନିକଟ ବିଦ୍ୟାବିହାର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଗତ ୨୪ ତାରିଖ ରାତି ଦୁଇଟା ସମୟରେ ସେ ଛାତିରେ ଯଂତ୍ରଣା ଅନୁଭବ କରିଥିଲେ। ଏହାପରେ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଓଡ଼ିଶା ବାହାରେ ଥିବା ଦୁଇ ପୁଅ ଓ ଝିଅ ଆସିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ୧୯୫୦ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲାର ଭାମଣ୍ଡା ଗାଁରେ ଡ. ନାୟକଙ୍କ ଜନ୍ମ। ୧୯୭୫ ମସିହାରୁ ସେ ପ୍ରାଣନାଥ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗରେ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ମଝିରେ କିଛି ବର୍ଷ ତାଙ୍କର ନୟାଗଡ଼ ମହାବିଦ୍ୟାଳୟକୁ ବଦଳି ହୋଇଥିଲେ ମଧ୍ୟ ଦୀର୍ଘସମୟ ପ୍ରାଣନାଥ ମହାବିଦ୍ୟାଳୟରେ ଅଧ୍ୟାପକ ଓ ପରେ ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ଶେଷରେ ନାଚୁଣୀ କଲେଜର ଅଧ୍ୟକ୍ଷ ରୂପେ ୨୦୧୦ ମସିହାରେ ସେ ଅବସର ନେଇଥିଲେ। ଜଣେ ଛାତ୍ରବତ୍ସଳ ଓ ପ୍ରଭାବୀ ଅଧ୍ୟାପକ ଭାବେ ସେ ପରିଚିତ ଥିଲେ। ଉଦ୍ଭିଦ ବିଜ୍ଞାନରେ ତାଙ୍କର ବହୁ ଗବେଷଣାତ୍ମକ କୃତି ବହୁ ଅନ୍ତର୍ଜାତୀୟ ଜର୍ଣ୍ଣାଲରେ ପ୍ରକାଶ ପାଇଛି। ବ୍ୟଙ୍ଗକାର ଭାବେ ସମାଜର ବହୁ ଛୋଟ ବଡ଼ ଘଟଣାକୁ ସେ ନିଜ ଲେଖନୀରେ ସ୍ଥାନଦେଇଛନ୍ତି। ବ୍ୟଙ୍ଗ ଓ କଟାକ୍ଷ ମାଧ୍ୟମରେ ସମାଜକୁ ସୁଧାରିବା ପାଇଁ ଚେଷ୍ଟା କରିଛନ୍ତି। ତାଙ୍କ ଲିଖିତ ବହୁ ଏକକ ଅଭିନୟ ଆକାଶବାଣୀ, କଟକ, ପ୍ରାଣନାଥ ମହାବିଦ୍ୟାଳୟ ସମେତ ବିଭିନ୍ନ ମଂଚରେ ଅଭିନୀତ ହୋଇଛି। ବ୍ୟଙ୍ଗ ସଂକଳନ ମଖନବାଜି ଓ କାଙ୍ଗାଳି ଗୁରୁ ହେଉଚି ତାଙ୍କର ଦୁଇଟି ଚର୍ଚ୍ଚିତ ପୁସ୍ତକ। ଓଡ଼ିଆ ଭାଷାରେ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ତାଙ୍କର ବହୁ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି। ଏଥିପାଇଁ ଓଡ଼ିଶା ବଟାନିକାଲ ସୋସାଇଟି ପକ୍ଷରୁ ସମ୍ମାନଜନକ ମହେଶ ପ୍ରସାଦ ପୁରୋହିତ ସମ୍ମାନ ଲାଭ କରିଛନ୍ତି। ଅବସର ପରେ ବିଭିନ୍ନ ସମାଜମଙ୍ଗଳ କାର୍ଯ୍ୟକ୍ରମରେ ଡ. ନାୟକ ନିଜକୁ ଜଡ଼ିତ ରଖିଥିଲେ। ମୃତ୍ୟୁଖବର ପାଇବା ପରେ ସ୍ଥାନୀୟ ବିଧାୟକ ଜିତୁ ମିତ୍ର, ପୂର୍ବତନ ଅଧ୍ୟକ୍ଷ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଖୋର୍ଦ୍ଧା ପୌରପାଳିକାର ଅଧ୍ୟକ୍ଷା କନକଲତା ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ, ଡ. ପତିତପାବନ ଦଳାଇ, ବରିଷ୍ଠ ନାଗରିକ ମଂଚର ସଭାପତି ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସ, ଆମରିସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ, ସମାଜସେବୀ ସୁବ୍ରତ ମହାନ୍ତି, ପ୍ରାବନ୍ଧିକ ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ତାଙ୍କର ଶେଷଦର୍ଶନ କରିଥିଲେ। ଡ. ନାୟକଙ୍କ ବିୟୋଗରେ ପ୍ରାଣନାଥ ମହାବିଦ୍ୟାଳୟ, କଳିଙ୍ଗ ପାଇକ ସଂଗଠନ ଓ ଆମରି ସତ୍ୟ ପକ୍ଷରୁ ଶୋକପ୍ରକାଶ ପାଇଛି।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଡିସେମ୍ବର ୦୭

# ଜୀବନର ପରମ ଲକ୍ଷ୍ୟ



ଆତ୍ମ ଉପଲବ୍ଧି ଜୀବନର ପରମ ଲକ୍ଷ୍ୟ। ଆତ୍ମା କୌଣସି ବାହ୍ୟ ବସ୍ତୁ କିମ୍ବା ଦୂରାଗତ ପଦାର୍ଥ ନୁହେଁ। ମୁଁ ସ୍ୱୟଂ ହିଁ ଆତ୍ମା। ଏହି ବିସ୍ମୃତ ସ୍ୱସତ୍ତାର ଉପଲବ୍ଧି ପାଇଁ ଏତେସବୁ ପ୍ରୟାସ। ଆମର ଜନ୍ମ ଆମର ସମସ୍ତ କର୍ମ, ଏହି ବିଶ୍ୱର ସଂସାର ପରମ ଈଶ୍ୱର। ବେଦ ବେଦାନ୍ତ ଆଦି ସମସ୍ତ ଶାସ୍ତ୍ରର ଲକ୍ଷ୍ୟ ଓ ଆବଶ୍ୟକତା କେବଳ ଏହି ଆତ୍ମ ଉପଲବ୍ଧି ପାଇଁ। ଦୁର୍ଲଭ ମାନବ ଜନ୍ମ ଯଦି ଏହା ଏହି ଜନ୍ମରେ ନହେଲା ତେବେ ଜୀବନ ବ୍ୟର୍ଥ ହୋଇଗଲା। ମିଳିଥିବା ସୁଯୋଗ ହାତଛଡ଼ା ହେଲାବୋଲି ବୁଝିବାକୁ ହେବ। ସଂସାର ଚକ୍ର ଘୁରୁଛି। ଶାସ୍ତ୍ରରେ କୁହାଯାଇଛି 'ପୁନର୍ବିତ୍ତଂ ପୁନର୍ମତ୍ରଂ ପୁନର୍ଭାର୍ଯ୍ୟା ପୁନର୍ମହୀ, ଏତ ସର୍ବଂ ପୁନଲର୍ଭ୍ୟଂ ନଶରୀର ପୁନଃ ପୁନଃ।' ବିତ୍ତ, ମିତ୍ର, ଭାର୍ଯ୍ୟା, ଭୂପତି ହେବା ବାରମ୍ବାର ଜୀବନରେ ଆସିପାରେ ହେଲେ ପ୍ରାପ୍ତ ହୋଇଥିବା ଏହି ଶରୀର କେବେ ପୁନର୍ବାର ପ୍ରାପ୍ତ ହୁଏନାହିଁ। ଏହି ସଂସାର ରୂପକ ଜନ୍ମମୃତ୍ୟୁ ଚକ୍ର ଅତ୍ୟନ୍ତ ଦୁଃଖଦାୟକ। ବୁଦ୍ଧିମାନ ବ୍ୟକ୍ତି ଏହି ସଂସାର ଚକ୍ରରୁ ନିବୃତ୍ତ ହେବାପାଇଁ ପ୍ରାପ୍ତ ସୁଯୋଗକୁ ଆଦୌ ହାତଛଡ଼ା କରିବା ଉଚିତ ନୁହେଁ। ଏଥିରୁ ନିବୃତ୍ତ ହେବାର ପୂର୍ଣ୍ଣ ଅଧିକାର ଆମର ଅଛି। ମୁକ୍ତି ମନୁଷ୍ୟର ଜନ୍ମଗତ ଅଧିକାର। ଏହି ଅଧିକାରରୁ କେହି ଆମକୁ ବଞ୍ଚିତ କରି ପାରିବେ ନାହିଁ କିମ୍ବା ବାଧା ଦେଇପାରିବେ ନାହିଁ । କିନ୍ତୁ ନିବୃତ୍ତ ହେବାର ଦାୟିତ୍ୱ ଆମର।

ଆତ୍ମ ସାକ୍ଷାତକାର ବା ଆତ୍ମ ଉପଲବ୍ଧି କୌଣସି ଏକ ଅଦ୍ଭୁତ ଉଦ୍ଭାବନ ନୁହେଁ କିମ୍ବା କୌଣସି ନୂତନ ବସ୍ତୁତ ପ୍ରାପ୍ତି ନୁହେଁ। ଆତ୍ମ ବିସ୍ମୃତିର ଉପଲବ୍ଧି ବା ଆବିଷ୍କାର ହେଉଛି ଆତ୍ମ ସାକ୍ଷାତକାର। ଏହା ଏକ ବୋଧ, ଏକ ଅବଗତି। ବିସ୍ମୃତ ଚେତନାର ପୁନ୍ନ ଜାଗରଣ ସହିତ ତାକୁ ଅନୁଭବ କରିବାର ଅବବୋଧ ହେଉଛି ଆତ୍ମ ଉପଲବ୍ଧି। ଏଥିପାଇଁ ସମୟ, ଶ୍ରମ, ଅବାଗମନ ଆଦି କିଛିର ଆବଶ୍ୟକତା ନାହିଁ। କେବଳ ବୋଧ ହେବାର ଅଛି। ଏହି ବୋଧଶୀଳ ଅବସ୍ଥା ସବୁଠାରୁ ସହଜ ଓ ସବୁଠାରୁ କଷ୍ଟ ମଧ୍ୟ। ମୁଁ ଆତ୍ମା। ଏହି ବୋଧ ଦୃଢ଼ ହୋଇଗଲେ ହେଲା। ଖାଲି ଶୁଣା କଥାରେ ଆତ୍ମଜ୍ଞାନ ହୋଇଯାଏ ନାହିଁ। ପୋଥିଗତ ବିଦ୍ୟାକୁ ଅନୁଭବରେ ଆଣିବାକୁ ହେବ। ମିଳିଥିବା ଜ୍ଞାନକୁ ବିଜ୍ଞାନରେ ରୂପାନ୍ତର କରିବାକୁ ହେବ। କୁହାଯାଇଛି – 'ଜ୍ଞାନ ଶାସ୍ତ୍ରୀୟ, ବିଜ୍ଞାନ ଅନୁଭବ'। ଜ୍ଞାନ ବିଜ୍ଞାନ ନ ହେଲେ ଅନୁଭବରେ ଆସିବ ନାହିଁ।

ଜ୍ଞାନ ବିଜ୍ଞାନ ହେବା ଅର୍ଥ ନିଜ ସ୍ଥିତିରେ ଦୃଢ଼ ହେବ। ଆତ୍ମ ସଚ୍ଚିଦାନନ୍ଦ ସ୍ୱରୂପ। ଏହା ଆତ୍ମ ସ୍ଥିତି। ସତ ଏବଂ ଚିତ ଏକ ଏବଂ ଅଭିନ୍ନ। ଯେଉଁଠାରେ ସତ ଯେଉଁଠାରେ ଚିତ ସେଠାରେ ସ୍ୱତଃ ଆନନ୍ଦ ଅଭିବ୍ୟକ୍ତ ହେବେ। ଏହା ଏକ ଅନିର୍ବଚନୀୟ ସ୍ଥିତି। ପରମ ଆନନ୍ଦ, ପରମ ପ୍ରଶାନ୍ତିର ଏହା ଘନୀଭୂତ ରୂପ। ଚେତନାର ଜାଗରଣରେ ପରମ ଆନନ୍ଦ ପ୍ରାପ୍ତ ହୁଏ। ପ୍ରଥମେ ଗୁରୁ କିମ୍ବା ଜ୍ଞାନୀମାନଙ୍କ ମୁଖରୁ ଶୁଣିବା ଦରକାର। ଏହି ବିଷୟରେ ସ୍ୱାଧ୍ୟାୟ କରିବା ଉଚିତ। ତାପରେ ଯାହା ଶ୍ରବଣ ଓ ସ୍ୱାଧ୍ୟାୟରୁ ଜାଣିଲେ ତାହା ବିଷୟରେ ମନନ କରିବା ଦରକାର। ଏହି ବିଚାର ଗଭୀର ହେଲେ ଧୀରେ ଧୀରେ ଧ୍ୟାନରେ ମନ ନିମଗ୍ନ ହୋଇଯିବ। ଗଭୀର ଧ୍ୟାନ ଦ୍ୱାରା ଆତ୍ମସାକ୍ଷାତକାର ସମ୍ଭବ ହୋଇପାରିବ। ସେତେବେଳେ ସ୍ୱତଃ ଅନୁଭବ ହେବ 'ତତ ତ୍ୱମ ଅସି'। ମୁଁ ହିଁ ସେହି ଅନିର୍ବଚନୀୟ ସତ୍ତା। ମୁଁ ଏକ ଏବଂ ଅଭିନ୍ନ।

ଧ୍ୟାନ ବିନା ଜ୍ଞାନ ନାହିଁ। ଧ୍ୟାନ ହେଉଛି ଏକତ୍ୱ ଅନୁଭବର ସାଧନା। ନିୟମିତ ଧ୍ୟାନ ସାଧକକୁ ଅଧିକରୁ ଅଧିକ ଅନ୍ତର୍ମୁଖୀ କରିଥାଏ। ଧ୍ୟାନ ଦ୍ୱାରା ମନ ସୂକ୍ଷ୍ମର ସୂକ୍ଷ୍ମତର ହୋଇ ଶେଷରେ ଆତ୍ମ ଚେତନାରେ ନିମଜ୍ଜିତ ହୋଇଯାଏ। ଆତ୍ମ ଚେତନା ସହ ଏକାକାର ହେବା ହେଉଛି ଅମୃତ ପ୍ରାପ୍ତି। ଏକଦା ଅମୃତ ପ୍ରାପ୍ତି ପାଇଁ ବିଶ୍ୱର ଦୁଇ ବୃହତ ଶକ୍ତି ଦେବ ଓ ଦାନବ ମାନେ ଏକତ୍ରିତ ହୋଇ ସମୁଦ୍ର ମନ୍ଥନ କରିଥିଲେ। ସମୁଦ୍ର ମନ୍ଥନରୁ ଅନେକ ଅମୂଲ୍ୟ ବସ୍ତୁ ସହିତ ଅମୃତ ପ୍ରକଟ ହୋଇଥିଲେ। ମନ୍ଥନ ପ୍ରଭାବରେ ପ୍ରଥମେ ହଳାହଳ ବିଷ ପ୍ରକଟ ହୋଇଥିଲା। ସମୁଦ୍ର ମନ୍ଥନ ହେଉଛି ପ୍ରତୀକାତ୍ମକ ଭାବେ ମାନସ ମନ୍ଥନ। ସେହିଭଳି ଧ୍ୟାନ ହେଉଛି ମାନସ ମନ୍ଥନ। ମନର ମୂଳେ ଏ ଜଗତ। ଆମରି ମନତିର ବିଷ, ଆମରି ମନରେ ଅମୃତ। ମନ ହେଉଛି ରତ୍ନଗର୍ଭା ରତ୍ନାକର। ଆପଣାର ସମସ୍ତ ଶକ୍ତି ଲଗାଇ ଧ୍ୟାନ କରିବାକୁ ପଡ଼ିଥାଏ। ଧ୍ୟାନ କଲେ ଅନନ୍ତ ଜନ୍ମରୁ ସଞ୍ଚିତ ପାପ କର୍ମର ଫଳ ପ୍ରଥମେ ସମ୍ମୁଖକୁ ଆସିଥାଏ ଶେଷରେ ଅମୃତ ପ୍ରକଟ ହୋଇଥାନ୍ତି। ଆତ୍ମ ଅନୁଭବ ହେଉଛି ଅମୃତ ପ୍ରାପ୍ତି। ଏହା ସମାଧିର ଗଭୀରତମ ଅବସ୍ଥାରେ ଅନୁଭୂତ ହୋଇଥାଏ। ଆମର ସମସ୍ତ ସାଧନାର ମୂଳ ହେଉଛି ଶାଶ୍ୱତ ଶାନ୍ତି ଏବଂ ପରମାନନ୍ଦ ପ୍ରାପ୍ତି। ଏଥିପାଇଁ ଧ୍ୟାନ ହେଉଛି ପ୍ରଶସ୍ତ ପଥ। ଧ୍ୟାନ କରିବା ନୁହେଁ ଧ୍ୟାନ ସ୍ୱାଭାବିକ ଭାବେ ସ୍ୱତଃ ହୋଇଟିବା ଉଚିତ। ଗଭୀର ପ୍ରେମ ହେଉଛି ଗଭୀର ଧ୍ୟାନର ଆଧାର। ଜଣେ ମା'ର ତା ନବଜାତ ଶିଶୁ ପ୍ରତି ମାନସିକ ଆକର୍ଷଣ, ପ୍ରେମିକ ପ୍ରେମିକାଙ୍କର ମାନସିକ ଆକର୍ଷଣ ଭଳି ଈଶ୍ୱରଙ୍କ ପ୍ରତି ଆକର୍ଷଣ ହେବା ଦରକାର। ସତ୍‌ସଙ୍ଗ, ସ୍ୱାଧ୍ୟାୟ, ଶ୍ରଦ୍ଧା, ଭକ୍ତି, ପ୍ରେମ ଧୀରେ ଧୀରେ ଧ୍ୟାନରେ ରୂପାନ୍ତର ହୋଇଯାଏ। ସେତେବେଳେ ଧ୍ୟାନ କରିବାକୁ ପଡ଼େ ନାହିଁ। ଧ୍ୟାନ ସ୍ୱତଃ ହୋଇଯାଏ। ଭଗବାନ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି – 'ତସ୍ମାସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ ଚ। ମର୍ଯ୍ୟାର୍ପିତ ମନୋବୁଦ୍ଧିର୍ମାମେ ବୈଷ୍ୟସ୍ୟ ସଂଶୟ' ଅର୍ଥାତ୍ ତୁମେ ସବୁ ସମୟରେ ମୋତେ ସ୍ମରଣକର ଏବଂ ଯୁଦ୍ଧ କର। (ଯୁଦ୍ଧ ଅର୍ଥ ଏଠାରେ କର୍ତ୍ତବ୍ୟ କର୍ମ) ମୋ ଠାରେ ମନବୁଦ୍ଧି ଅର୍ପଣ କଲେ ନିଃସନ୍ଦେହରେ ମୋତେ ହିଁ ପ୍ରାପ୍ତି ହେବ। ଏହା ହେଉଛି ସବୁ ସାଧନାର ମୂଳ ବୀଜ। ପ୍ରେମ ଭକ୍ତିର ସହିତ ଈଶ୍ୱରାନୁରାଗ ଧୀରେ ଧୀରେ ସାଧନାର ଗଭୀରତମ ପ୍ରଦେଶ ସୂକ୍ଷ୍ମାତି ସୂକ୍ଷ୍ମ ସମାଧି ଆଡ଼କୁ ଟାଣି ନେବ। ପରମ ପ୍ରଶାନ୍ତି, ପରମ ଆନନ୍ଦ କୌଣସି ଗ୍ରନ୍ଥ ବା ମଠ ମନ୍ଦିର, ମସଜିଦ, ଚର୍ଚ୍ଚ ଆଦିରେ ମିଳେ ନାହିଁ। ଏହା ଅନ୍ତକରଣର ସଞ୍ଚିତ ଗୁପ୍ତଧନ। ଗଭୀର ଧ୍ୟାନ ଦ୍ୱାରା ମାନସ ମନ୍ଥନ କରି ଅପାର ଆନନ୍ଦର ଅମୃତ ଧାରା ପାନ କରିବାକୁ ହୋଇଥାଏ। ଅମୃତ ଆନନ୍ଦ ସମସ୍ତଙ୍କୁ ପ୍ରାପ୍ତ ହେଉ।

**ହେମନ୍ତ କୁମାର ପରିଡ଼ା, ସିଡ଼ିଏ, କଟକ, ଦୂରଭାଷ: ୮୭୬୩୧୦୭୧୨୬**

# ଅର୍ଥନୀତିର ନବୋଦୟ

ସୌମେନ୍ଦ୍ର ଜେନା



ପୃଥିବୀରେ କୋରୋନା ପର ଯୁଦ୍ଧ ପରିସ୍ଥିତିରେ ଅନେକ ଦେଶର ଅର୍ଥନୀତି ପାଇଁ ସମୟ କଷ୍ଟକର ହୋଇଛି । କେଉଁଠି ଯୋଗାଣ ଅଭାବରୁ ଅନେକ କାରଖାନା ବନ୍ଦ ରହିଛି, ପୁଣି କେଉଁଠି ଯୁଦ୍ଧ ପାଇଁ ଉତ୍ପାଦନରେ ସମସ୍ୟା ସୃଷ୍ଟି ହୋଇଛି । ୟୁରୋପରେ ଗ୍ୟାସ ଯୋଗାଣର ଅଭାବ ହେତୁ ବିଦ୍ୟୁତକାଟ ଆରମ୍ଭ ହେଲାଣି । ବିଦ୍ୟୁତ ଯୋଗାଣରେ ଅଭାବ ଯୋଗୁ ପୂର୍ଣ୍ଣ ସମୟ କାରଖାନା ଚାଲିପାରୁନାହିଁ । ଏହି ପରିସ୍ଥିତିରେ ବହୁ ଦେଶର ଜିଡିପି ବିଯୁକ୍ତାତ୍ମକ ସ୍ଥିତିକୁ ଯିବା ନିଶ୍ଚିତ । ଅନେକ ବିକାଶଶୀଳ ରାଷ୍ଟ୍ରର ବିକାଶ ହାର ଚଳିତବର୍ଷ କମ୍ ରହିବ ବୋଲି ସ୍ପଷ୍ଟ ହୋଇଗଲାଣି । କିନ୍ତୁ ଏସବୁ ନିରାଶା ମଧ୍ୟରେ ଭାରତର ଅର୍ଥନୀତି ଭଲ ସମୟ ଦେଖିବ ବୋଲି କୁହାଯାଉଛି । ଭାରତର ସେୟାର ବଜାର ସେନ୍‌ସେକ୍ସ ୬୩୦୦୦କୁ ଧରିଥିଲା ବେଳେ ନିଫ୍‌ଟି ଇଣ୍ଡେକ୍ସ ୧୮୭୦୦କୁ ଛୁଇଁଛି । ବଡ ବଜାର ଭିତରେ ଭାରତ ଏକମାତ୍ର ରାଷ୍ଟ୍ର ଯିଏକି ପୂର୍ବ ରେକର୍ଡକୁ ଭାଙ୍ଗିବାକୁ ସକ୍ଷମ ହୋଇଛି । ଜାପାନ, ତାଇୱାନ, ହଂକଂ, ଥାଇଲାଣ୍ଡ, ଇଣ୍ଡୋନେସିଆ ପ୍ରଭୃତି ରାଷ୍ଟ୍ରରେ ବଜାରରେ ଦୁର୍ବଳତା ପରିଲକ୍ଷିତ ହୋଇଛି । ଆର୍ଥନୀତିକ ଅସ୍ଥିରତା ପାଇଁ ସୁଧ ହାର ଅନେକ ଦେଶରେ ବଢିବା ଦେଖାଯାଇଛି । ବିଗତ ଦିନରେ ଅକ୍ଟୋବର ୨୦୨୧- ଜୁନ ୨୦୨୨ ମଧ୍ୟରେ ବିଦେଶୀ ପୁଞ୍ଜି ନିବେଶକାରୀ ଭାରତୀୟ ବଜାରରୁ ପ୍ରାୟ ୨.୫୫ ଲକ୍ଷ କୋଟି ଟଙ୍କା କାଢି ନେବା ଯୋଗୁ ପୁଞ୍ଜିବଜାର ଦୁର୍ବଳ ହୋଇଥିଲା । କିନ୍ତୁ ଏବେ ପାଶ୍ଚାତ୍ୟ ରାଷ୍ଟ୍ରର ନିବେଶକାରୀମାନେ ଭିନ୍ନ ଭିନ୍ନ ରେଟିଂ ଏଜେନ୍ସୀର ସୂଚକାଙ୍କକୁ ଦେଖି ଭାରତରେ ଅଧିକ ପୁଞ୍ଜି ଲଗାଇବାକୁ ଆରମ୍ଭ କଲେଣି । କେବଳ ନଭେମ୍ବର ମାସରେ ଭାରତର ଷ୍ଟକ ମାର୍କେଟରେ ୨୮୭୬୮ କୋଟି ଟଙ୍କା ନିବେଶ ହୋଇଛି । ଆମେରିକାରେ ମୁଦ୍ରାସ୍ଫୀତିରେ ସୁଧାର ହେବା ଯୋଗୁ ଡଲାର ନମନୀୟ ହେବାରେ ଲାଗିଛି । ବିଗତ ଦିନରେ ଦେଶରେ ମୁଦ୍ରାସ୍ଫୀତି ବଢିବା ଯୋଗୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଣ୍ଡବ୍ୟଥା ବଢିଥିଲା । ଫଳରେ ବଜାରକୁ ବାଧହୋଇ ଡଲାର ଛାଡିବାକୁ ହୋଇଥିଲା । ଏବେ କିନ୍ତୁ ବିଦେଶୀ ନିବେଶ ଉତ୍ସାହଜନକ ହେବାରେ ଲାଗିଛି । ତିନି ସପ୍ତାହ ଧରି ବିଦେଶୀ ମୁଦ୍ରା ଭଣ୍ଡାର ବଢିବାରେ ଲାଗିଛି । ନିକଟରେ ମରିସସ୍‌କୁ ହଟାଇ ସିଙ୍ଗାପୁର ଭାରତର ଦ୍ୱିତୀୟ ବୃହତ ନିବେଶକ ହୋଇଛି । ପୂର୍ବପରି ଆମେରିକା ଭାରତରେ ପ୍ରଥମ ବିଦେଶୀ ନିବେଶକ ସ୍ଥାନରେ ରହିଛି । ବିଶେଷ କରି ଚୀନରେ ଶୂନ୍ୟ ପ୍ରତିଶତ କୋରୋନା ନୀତି ଯୋଗୁ ଲକ୍‌ଡାଉନ୍ ଚାଲିଥିବା ଯୋଗୁ ସେଠାରୁ କେତେକ ନିବେଶକାରୀ ପୁଞ୍ଜି ବାହାର କରି ଭାରତରେ ନିବେଶ କରୁଛନ୍ତି । ଏହାଛଡା ତୈଳଦର ହ୍ରାସ ହେବା ଯୋଗୁ ମଧ୍ୟ ଭାରତର ଆର୍ଥିକ ସ୍ଥିତିରେ ସୁଧାର ଆସିବା ପରିଲକ୍ଷିତ ହେଉଛି । ଚୀନରେ ଲକ୍‌ଡାଉନ୍ ଯୋଗୁ ତୈଳର ବ୍ୟବହାର ହ୍ରାସ ପାଇଛି । ତେଣୁ ଆନ୍ତର୍ଜାତିକ ବଜାରରେ ତୈଳର ଦର ହ୍ରାସ ପାଇଛି । ଚଳିତବର୍ଷ ମାର୍ଚ୍ଚ ମାସରେ (୨୦୨୨) ତୈଳ ବ୍ୟାରେଲ ମୂଲ୍ୟ ୧୩୦ ଡଲାର ରହିଥିଲା ଯାହା ଏବେ ଡିସେମ୍ବର ମାସ ବେଳକୁ ହ୍ରାସ ପାଇ ୮୦ ଡଲାରକୁ ଖସିବ ବୋଲି କୁହାଯାଉଛି । ବ୍ରେଣ୍ଟ କ୍ରୁଡ ଅଏଲର ବ୍ୟାରେଲ ପିଛା ଦର ୮୧.୩୯ ଡଲାରକୁ ଆସିଛି ।

ଦେଶରେ ମୁଦ୍ରାସ୍ଫୀତି ହାର ସେପ୍ଟେମ୍ବରରେ ୭.୪ ପ୍ରତିଶତ ଥିଲାବେଳେ ଅକ୍ଟୋବର ବେଳକୁ ୬.୭୭ ପ୍ରତିଶତକୁ ହ୍ରାସ ପାଇଥିଲା । ସେପ୍ଟେମ୍ବରର ମାସରେ ଏହି ହାର ୬.୨ ପ୍ରତିଶତ ରହିଥିଲା । ବିଶେଷଜ୍ଞମାନଙ୍କ କହିବାନୁସାରେ ଦେଶର ଆଭ୍ୟନ୍ତରୀଣ ସ୍ଥିତି ସୁଦୃଢ ରହିବ । ସେମିତି ବିଦେଶରେ ରହୁଥିବା ଭାରତୀୟମାନେ ମଧ୍ୟ ଦେଶର ଅର୍ଥନୀତିକୁ ସାହାଯ୍ୟ କରିଆସୁଛନ୍ତି । ଚଳିତ ବର୍ଷ ୨୦୨୨ରେ ବିଦେଶରେ ରହୁଥିବା ଭାରତୀୟ ଲୋକେ ପୃଥିବୀରେ ସର୍ବାଧିକ ପରିମାଣର ଅର୍ଥ ନିଜ ଦେଶକୁ ପଠାଇଛନ୍ତି । ଚଳିତବର୍ଷ ଏହି ପରିମାଣ ୧୦୦ ବିଲିଅନ ଡଲାର ଛୁଇଁଛି । ଏଥିରୁ ଆମେରିକାରୁ ଆସିଥିବା ଅର୍ଥ ୨୩ ବିଲିଅନ ଡଲାର ରହିଛି । ଏବେ ପ୍ରାୟ ୫୦ଲକ୍ଷ ଭାରତୀୟ ଆମେରିକାରେ ଅଧିକ ଦକ୍ଷ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି । ଆମେରିକା ଓ ବ୍ରିଟେନରେ ୨୦ ପ୍ରତିଶତ କାର୍ଯ୍ୟରତ ଭାରତୀୟ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ଅନେକ ଅଧିକ ବେତନଧାରୀ କର୍ମଚାରୀ । ଆମେରିକାରେ ପ୍ରାୟ ୫୭ ପ୍ରତିଶତ କାର୍ଯ୍ୟରତ ଭାରତୀୟ ୧୦ବର୍ଷରୁ ଅଧିକ ସମୟ ହେଲା କାର୍ଯ୍ୟ କରୁଛନ୍ତି । ଏ କ୍ଷେତ୍ରରେ ପୂର୍ବରୁ ସଂଯୁକ୍ତ ଆରବ ଅମିରାତ ପ୍ରଥମ ସ୍ଥାନରେ ରହିଥିଲା । ଗତବର୍ଷ ତୁଳନାରେ ଏହି ଅର୍ଥ ପରିମାଣ ୧୨ପ୍ରତିଶତ ବୃଦ୍ଧି ପାଇଛି । ଆଗାମୀ ଦିନରେ ଏହା ୧୨୦ ବିଲିଅନ ଡଲାରକୁ ଛୁଇଁବ ବୋଲି କୁହାଯାଉଛି । ବିଦେଶରୁ ନିଜ ଦେଶକୁ ଅର୍ଥ ପଠାଉଥିବା ଲୋକଙ୍କ କ୍ଷେତ୍ରରେ ଭାରତ ପଛକୁ ମେକ୍‌ସିକୋ ୬୦ ବିଲିଅନ ଡଲାର ସହ ଦ୍ୱିତୀୟ ସ୍ଥାନରେ ରହିଛି । କାରଣ ମେକ୍‌ସିକୋ ଆମେରିକାର ପଡୋଶୀ ରାଷ୍ଟ୍ର । ବହୁ ସଂଖ୍ୟକ ମେକ୍ସିକୋବାସୀ ଆମେରିକାକୁ ପ୍ରତିବର୍ଷ ରୋଜଗାର ପାଇଁ ଯାଇଥାନ୍ତି । ମେକ୍ସିକୋ ପଛକୁ ଚୀନ ୬୦ ବିଲିଅନ ଡଲାର, ଫିଲିପାଇନ୍ସ ୨୮ ବିଲିଅନ ଡଲାର, ଇଜିପ୍ଟ୍ ୩୩ ବିଲିଅନ ଡଲାର, ପାକିସ୍ଥାନ ୨୯ ବିଲିଅନ ଏବଂ ବଙ୍ଗଳାଦେଶ ୨୧ ବିଲିଅନ ଡଲାର ପାଇଛି ।

ଅର୍ଥନୀତିକୁ ସୁଦୃଢ କରିବାକୁ ଦେଶରେ ପ୍ରତିଦିନ ସଂସ୍କାର କାର୍ଯ୍ୟ ଜାରି ରହିଛି । ଅର୍ଥର ଦେଣନେଣ ପାଇଁ ପୂର୍ବେ ଡଲାର, ଭିସା, ମାଷ୍ଟର କାର୍ଡକୁ ମାଧ୍ୟମ ରୂପେ ଭାରତରେ ବ୍ୟବହାର କରାଯାଉଥିଲା । ଏବେ ରୁପେ କାର୍ଡ ଆସିବା ପରେ ସ୍ୱଦେଶୀ ବିକଳ୍ପ ଲୋକଙ୍କ ହାତକୁ ଆସିଛି । ଯାହାଫଳରେ ବଜାରରେ ଭିସା ଓ ମାଷ୍ଟରକାର୍ଡର ଏକଚାଟିଆ କାରବାର ହ୍ରାସ ପାଇଛି । ଅନ୍ୟ କାର୍ଡ ତୁଳନାରେ ଭାରତର ୟୁପିଆଇ ବ୍ୟବସ୍ଥା ଅଢେଇ ଗୁଣ ଶୀଘ୍ର ହେଉଛି । ଏବେ ପ୍ରତିଦିନ ୨୨ କୋଟି ଟଙ୍କା ପ୍ରତିଦିନ ୟୁପିଆଇ ମାଧ୍ୟମରେ ଦେଣନେଣ ହେଉଛି । ଚୀନର ସିବିଡିସି ୨୦୧୪ରେ ଡିଜିଟାଲ ଗ୍ରୁପ ଗଠନ କରି ୨୦୨୦ରୁ କାର୍ଯ୍ୟ କରୁଛି । ଭାରତ ମଧ୍ୟ ଚଳିତ ମାସ ଡିସେମ୍ବରରୁ ଡିଜିଟାଲ ମୁଦ୍ରା ବଜାରକୁ ଛାଡିଛି । ଏହାଛଡା ୨୦୨୦-୨୧ରେ ଦୈନିକ ୯୦ ଲକ୍ଷ ଲୋକଙ୍କ ଖାତାକୁ ଅର୍ଥ ଯାଉଥିବା ସ୍ଥଳେ ୨୦୨୫ବେଳକୁ ଏହାର ପରିମାଣ ୧୫ ଟ୍ରିଲିଅନ ହୋଇଯିବ ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି । ଭାରତର ନେସନାଲ ପେମେଣ୍ଟ କର୍ପୋରେସନ ୨୧ଟି ବ୍ୟାଙ୍କ ସହ ୨୦୧୬ରେ ଏଥିପାଇଁ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରିଥିଲା । ଯାହାର ସଫଳତା ଏବେ ଦେଖିବାକୁ ମିଳୁଛି । ୨୫ ଅଗଷ୍ଟ ୨୦୧୬ରେ ବ୍ୟାଙ୍କଗୁଡିକ ୟୁପିଆଇର ଆପ୍ ଗୁଗଲ ଷ୍ଟୋରରୁ ଡାଉନଲୋଡ କରିବା ଆରମ୍ଭ କରିଥିଲେ । ଏବେ ୨୦୨୨ ସୁଦ୍ଧା ୩୦୪ ବ୍ୟାଙ୍କ ଏହି ବ୍ୟବସ୍ଥାରେ ଯୋଡି ହୋଇଛନ୍ତି । ଏମାନେ ମାସିକ ୮.୨୫ ଲକ୍ଷ କୋଟି ଟଙ୍କା ଦେଣନେଣ କରୁଛନ୍ତି । ନଭେମ୍ବର ୨୦୨୧ ପର୍ଯ୍ୟନ୍ତ କେବଳ ମୋବାଇଲ ମାଧ୍ୟମରେ ୬୮୦୦ କୋଟି ଟଙ୍କାର ଦେଣନେଣ ହୋଇଥିବାର ଜଣାପଡିଛି ।

ରପ୍ତାନୀ କ୍ଷେତ୍ରରେ ୨୦୨୦-୨୧ରେ ୪୯୯.୧୦ ବିଲିଅନ ଡଲାର, ୨୦୨୧-୨୨ରେ ୬୬୦.୫୦ ବିଲିଅନ ଡଲାରର ରେକର୍ଡ କରି ଏବେ ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ୬ମାସ ମଧ୍ୟରେ ୪୪୪.୭୪ ବିଲିଅନରେ ପହ□ିଛି, ଯାହା ଏପ୍ରିଲ ସୁଦ୍ଧା ୮୦୦ ବିଲିଅନରେ ପହ□ିବ । ବିଦେଶକୁ ରପ୍ତାନୀ ମଧ୍ୟରେ ପ୍ରତିରକ୍ଷା ସାମଗ୍ରୀ ଏବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ୨୦୨୦-୨୧ରେ ୮୪୩୪ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ ହୋଇଥିଲା ବେଳେ ୨୦୧୯-୨୦ରେ ଏହା ୯୧୧୫ କୋଟି ଥିଲା । ୨୦୧୫-୧୬ରେ ଏହି ରପ୍ତାନୀ ୨୦୫୯ କୋଟି ଥିଲା । କିନ୍ତୁ ୨୦୨୧-୨୨ରେ ଏହି ରପ୍ତାନୀ ବୃଦ୍ଧିପାଇ ୧୩୦୦୦ କୋଟିକୁ ଛୁଇଁଥିଲା । ଚଳିତ ବର୍ଷ ୨୦୨୨-୨୩ର ପ୍ରଥମ ୬ମାସରେ ପ୍ରତିରକ୍ଷା ରପ୍ତାନୀ ୮୦୦୦ କୋଟିକୁ ଅତିକ୍ରମ କଲାଣି । ୨୦୨୫ ସୁଦ୍ଧା ଏହାର ଲକ୍ଷ୍ୟ ୩୫୦୦୦ କୋଟିରେ ପହ□ିବ ବୋଲି ସମସ୍ତଙ୍କ ମନରେ ଆଶା ସ□ାରିତ ହୋଇଛି । ୨୦୨୨-୨୩ ବର୍ଷରେ ପ୍ରତିରକ୍ଷା ସାମଗ୍ରୀର ରପ୍ତାନୀ ୧୭୦୦୦କୋଟିକୁ ଛୁଇଁବ । ୨୦୨୫ ସୁଦ୍ଧା ପ୍ରତିରକ୍ଷା ସାମଗ୍ରୀର ଉତ୍ପାଦନ ୧.୭୫ ଲକ୍ଷ କୋଟିକୁ ନେବା ଲକ୍ଷ୍ୟ ରହିଛି । ୨୮୫୧ ପ୍ରକାର ସାମଗ୍ରୀ ମଧ୍ୟରୁ ୨୫୦୦ ସାମଗ୍ରୀର ଦେଶୀୟ ଉତ୍ପାଦନ ଆରମ୍ଭ ହୋଇଛି । ଆଗାମୀ ଦିନରେ ସାଉଦି ଆରବ ସଂଯୁକ୍ତ ଆରବ ଅମିରାତକୁ ବ୍ରହ୍ମୋସ୍ ପରି କ୍ଷେପଣାସ୍ତ୍ର ଏବଂ ଇଜିପ୍ଟ, ମାଲେସିଆ, ଆର୍ଜେଣ୍ଟିନାରୁ ତେଜସ ବିମାନ ରପ୍ତାନୀର ଅର୍ଡର ମିଳିବାର ସମ୍ଭାବନା ରହିଛି ।

ଭାରତର ଅର୍ଥନୀତି ୨୦୨୭ ସୁଦ୍ଧା ବର୍ତ୍ତମାନର ପ□ମ ସ୍ଥାନରୁ ଉଠି ତୃତୀୟ ସ୍ଥାନରେ ପହ□ିବ ବୋଲି ଆଶା କରାଯାଉଛି । ଆର୍ଥିକ ସର୍ବେକ୍ଷଣ କରୁଥିବା ଷ୍ଟାନଲେ ମୋର୍ଗାନର ଆକଳନ ଅନୁଯାୟୀ ଗତ ଦଶବର୍ଷ ହେବ ଭାରତ ବାର୍ଷିକ ୫.୫ ପ୍ରତିଶତ ହାରରେ ଘରୋଇ ଉତ୍ପାଦ ବୃଦ୍ଧି (ଜିଡିପି)କୁ କାଏମ ରଖିଆସିଛି । ବିଶ୍ୱରେ ବାଣିଜ୍ୟ ବୃଦ୍ଧି, ଡିଜିଟାଲକରଣକୁ ଗୁରୁତ୍ୱ, ଶକ୍ତି ଉତ୍ପାଦନ ବୃଦ୍ଧିକୁ କେନ୍ଦ୍ରକରି ଭାରତ ଆଗକୁ ଯାଉଛି । ଏହାଧାରା ଜାରି ରହିଲେ ୨୦୩୦ ବେଳକୁ ପୃଥିବୀର ତୃତୀୟ ବୃହତ ଷ୍ଟକ୍ ମାର୍କେଟ ଭାରତ ହିଁ ହେବ ବୋଲି ସଂସ୍ଥାର ମୁଖ୍ୟ ରଣନୀତିକାର ରିଧମ ଦେଶାଇ କହିଛନ୍ତି । ଅଷ୍ଟ୍ରେଲିଆ, ୟୁଏଇ ସହ ବାଣିଜ୍ୟ ବୁଝାମଣା ସରିଥିଲେ ମଧ୍ୟ ଅନେକଗୁଡିଏ ରାଷ୍ଟ୍ର ସହ ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ଭାରତ ଆଲୋଚନା ଜାରି ରଖିଛି । ଯଦ୍ୱାରା ୨୦୩୧ ସୁଦ୍ଧା ବର୍ତ୍ତମାନର ଜିଡିପି ୩.୫ ଟ୍ରିଲିଅନ ଡଲାରରୁ ବଢି ୭.୫ ଟ୍ରିଲିଅନ ଡଲାରରେ ପହ□ିବ । ଆସନ୍ତା ଦଶନ୍ଧିରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୧୦ ଟ୍ରିଲିଅନ ଡଲାରର ମାର୍କେଟ ହେବ । ବିଶ୍ୱର ତିନୋଟି ଅର୍ଥଶକ୍ତି ମଧ୍ୟରୁ ଭାରତ ୨୦୨୩ଠାରୁ ବାର୍ଷିକ ୪୦୦ ବିଲିଅନ ଡଲାରର ଉତ୍ପାଦନ ବୃଦ୍ଧିକୁ ଦେଖିବ, ଯାହା ୨୦୨୮ ବେଳକୁ ୫୦୦ବିଲିଅନ ଡଲାରକୁ ଛୁଇଁବ । କାରଣ ବର୍ତ୍ତମାନର ସରକାର ଉତ୍ପାଦନ, ବାଣିଜ୍ୟ ବୃଦ୍ଧି ଉପରେ ଜୋରଦେଇ କମ୍ପାନୀ ଟିକସରେ ହ୍ରାସ, ପୁଞ୍ଜି ନିବେଶ ପାଇଁ ସୁବିଧା, ଢା□ାଗତ ବିକାଶ ଉପରେ ଦୃଷ୍ଟି ଦେଉଥିବା ହେତୁ ତାହା ଆଗାମୀ ଦିନରେ ଅଧିକ ପୁଞ୍ଜିନିବେଶ ସହ ନିର୍ମାଣ ବୃଦ୍ଧିରେ ସହାୟକ ହେବ । ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁସବୁ ବଡ ବଡ ବିଦେଶୀ କମ୍ପାନୀ ଭାରତରେ ପୁଞ୍ଜିନିବେଶ କରିବାକୁ ସଙ୍କୋଚ କରୁଥିଲେ ଏବେ ସେମାନେ ଢା□ାଗତ ବିକାଶକୁ ଦୃଷ୍ଟିରେ ରଖି ଆଗ୍ରହୀ ହେଲେଣି । ଭାରତର ମୋଟ ଘରୋଇ ଉତ୍ପାଦ ବର୍ତ୍ତମାନର ୧୫.୬ ପ୍ରତିଶତରୁ ବୃଦ୍ଧି ପାଇ ୨୦୩୧ ବେଳକୁ ୨୧ ପ୍ରତିଶତ ହେବ ବୋଲି ସୂଚନା ମିଳିଲାଣି. ଯାହା ଭାରତର ରପ୍ତାନୀକୁ ବୃଦ୍ଧି କରିବ । ଭାରତକୁ ଏବେ ଆର୍ଥିକ ଶକ୍ତି ଭାବେ ଅଧିକ ଗୁରୁତ୍ୱ ଦିଆଯାଉନାହିଁ ସତ । କାରଣ ପାଖାପାଖି ୧୪୦ କୋଟି ଜନସଂଖ୍ୟା ଭାରତରେ ରହିଛନ୍ତି, ଯେଉଁ ଲୋକଙ୍କ ପାଇଁ ଅନେକ ସମସ୍ୟା ଦୂର କରିବାକୁ ରହିଛି । କିଛି ଲୋକ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସକୁ ଆଲୋଚନା କରୁଛନ୍ତି । କିନ୍ତୁ ଡଲାର ତୁଳନାରେ ୟେନ, ୟୁଆନ, ପାଉଣ୍ଡ, ୟୁରୋ ପରି ବିଶ୍ୱର ପ୍ରମୁଖ ମୁଦ୍ରାଗୁଡିକର ବିନିମୟ ମୂଲ୍ୟ ୨୦୨୨ରେ ଟଙ୍କା ତୁଳନାରେ ଯେ ଅଧିକ ହ୍ରାସ ପାଇଛି, ସେ କଥା କହୁନାହାନ୍ତି । ବର୍ତ୍ତମାନ ସ୍ଥିତିରେ ବିଶ୍ୱର ଅସ୍ଥିରତା ମଧ୍ୟରେ ଟଙ୍କା ଅନ୍ୟ ମୁଦ୍ରାଗୁଡିକ ତୁଳନାରେ ଅଧିକ ସ୍ଥିର ଅଛି ବୋଲି କୁହାଯାଇପାରିବ । ଏବେ ଜିଡିପିର ଋଣ ପ୍ରତିଶତ ଏବେ ଭାରତରେ ୫୭ ପ୍ରତିଶତ ରହିଛି ଯାହା ଆଗାମୀ ୧୦ବର୍ଷରେ ୧୦୦ ପ୍ରତିଶତରେ ପହ□ିବ । କାରଣ ଭାରତର ଘରୋଇ କ୍ରୟଶକ୍ତି ୨୦୨୨ରେ ୨ ଟ୍ରିଲିଅନ ଡଲାର ରହିଛି, ଯାହା ଦଶବର୍ଷରେ ଦୁଇ ଗୁଣ ବୃଦ୍ଧିପାଇ ୪.୯ ଟ୍ରିଲିଅନରେ ପହ□ିବ । ୨୦୩୧ ବେଳକୁ ବାର୍ଷିକ ଘରୋଇ ରୋଜଗାର ୧୦୦୦୦ରୁ ୩୫୦୦୦ ଡଲାର ମଧ୍ୟରେ ୪୬ ପ୍ରତିଶତ, ୫୦୦୦ରୁ ୧୦୦୦୦ ଡଲାର ମଧ୍ୟରେ ୩୪ ପ୍ରତିଶତ, ୩୫୦୦୦ରୁ ଅଧିକ ୭ ପ୍ରତିଶତ ପରିବାରରେ ରହିବାବେଳେ ୫୦୦୦ ଡଲାରରୁ କମ୍ ରୋଜଗାର କରିବା ପରିବାରଙ୍କ ହାର ୧୩ ପ୍ରତିଶତ ରହିବ । ଫଳରେ ଚୀନ ୨୦୦୭ରୁ ୨୦୧୨ ମଧ୍ୟରେ ଯେପରି ପୁଞ୍ଜିନିବେଶର ସୁଯୋଗ ସୃଷ୍ଟି କରିଥିଲା, ଭାରତ ସେହିପରି ନିବେଶ ଆଗାମୀ ୧୦ ବର୍ଷରେ ସୃଷ୍ଟି କରିବ । ତେଣୁ ଆଗାମୀ ଦଶନ୍ଧିକୁ ଭାରତର ଦଶନ୍ଧି ଭାବେ ଅନେକ ଦେଖୁଥିବା ହେତୁ ଭାରତର ଅର୍ଥନୀତି ପାଇଁ ଭଲ ଦିନ ଆସୁଛି ବୋଲି କହି ହେବ ।

*–ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର–୭୫୧୦୦୩*

# ଭାରତୀୟ ସମ୍ବିଧାନ : ଗଣତନ୍ତ୍ରର ଅମୂଲ୍ୟ ଗ୍ରନ୍ଥ

ସମ୍ବିଧାନକୁ ଗୋଟିଏ ରାଷ୍ଟ୍ରର ଦର୍ପଣ ଭାବେ ଗ୍ରହଣ କରାଯାଇଥାଏ। ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ଶାସନ ପରିଚାଳନା ନିମନ୍ତେ ଅନୁସୃତ ନିୟମାବଳୀର ସମଷ୍ଟିକୁ ସମ୍ବିଧାନ କୁହାଯାଏ। ଭାରତୀୟ ସମ୍ବିଧାନ ହେଉଛି ବିଶ୍ୱର ଦୀର୍ଘତମ ଲିଖିତ ସମ୍ବିଧାନ। ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ରୂପେ ପାଳନ କରାଯାଏ। ୧୯୪୭ ଅଗଷ୍ଟ ୧୫ ତାରିଖରେ ବ୍ରିଟିଶ ଶାସନ କବଳରୁ ଭାରତ ସ୍ୱାଧୀନତା ହାସଲ କଲାବେଳେ ଦେଶର ଏକ ସ୍ଥାୟୀ ସମ୍ବିଧାନ ନ ଥିଲା। ୧୯୫୦ ଜାନୁଆରୀ ୨୬ ତାରିଖରେ ବ୍ରିଟିଶ ସାମ୍ବିଧାନିକ ବ୍ୟବସ୍ଥାର ଅପସାରଣ ହୋଇ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେବା ସହ ଏକ ଲିଖିତ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ୨୬ ଜାନୁଆରୀ ୧୯୫୦ରୁ ଏହା କାର୍ଯ୍ୟକାରୀ ହୋଇଥିଲା। ସମ୍ବିଧାନର ମୂଳ କପି ଏବେ ମଧ୍ୟ ପାର୍ଲାମେଣ୍ଟ ଲାଇବ୍ରେରୀରେ ରଖାଯାଇଛି। ସେତେବେଳେ ଏହାର ସପକ୍ଷରେ ସଂସଦର ୨୮୪ ଜଣ ସଦସ୍ୟ ହସ୍ତାକ୍ଷର କରିଥିଲେ। ସେମାନଙ୍କ ମଧ୍ୟରେ ୧୫ଜଣ ମହିଳା ସଦସ୍ୟ ଥିଲେ। ସେତେବେଳେ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ସମ୍ବିଧାନର କେତେକ ଅଂଶ ଭାରତୀୟ ସମ୍ବିଧାନରେ ସାମିଲ କରାଯାଇଥିଲା। ମୂଳ ସମ୍ବିଧାନରେ ସର୍ବମୋଟ ୨୨ ଗୋଟି ଭାଗ ବା ଅଧ୍ୟାୟ ମଧ୍ୟରେ ୩୯୫ଟି ଧାରା ଓ ୮ଗୋଟି ପରିଶିଷ୍ଟ ରହିଥିଲା। ବର୍ତ୍ତମାନ ଭାରତୀୟ ସମ୍ବିଧାନରେ ଏକ ପ୍ରସ୍ତାବନା ଓ ୨୫ଟି ଭାଗରେ ୪୭୦ଟି ଧାରା ରହିଛି। ତା ସହିତ ଏଥିରେ ୧୨ଟି ପରିଶିଷ୍ଟ ରହିଛି। ଡା.ବି.ଆର. ଆମ୍ବେଦକର ଭାରତର ସମ୍ବିଧାନକୁ ଦୁଇବର୍ଷ ଏଗାର ମାସ ଏବଂ ୧୮ ଦିନରେ ପ୍ରସ୍ତୁତ କରି ରାଷ୍ଟ୍ରକୁ ସମର୍ପି ଦେଇଥିଲେ। ୧୯୪୯ ନଭେମ୍ବର ୨୬ରେ ସମ୍ବିଧାନ ସଭା ଦ୍ୱାରା ଭାରତର ସମ୍ବିଧାନ ଗୃହୀତ ହୋଇଥିବାରୁ ପ୍ରଥମ ଥର ପାଇଁ ଭାରତ ସରକାରଙ୍କ ଦ୍ୱାରା ୨୦୧୫ ମସିହାରେ ଏହି ଦିନଟିକୁ ସମ୍ବିଧାନ ଦିବସ ରୂପେ ପାଳନ କରାଗଲା। ସେହିବର୍ଷ ଭାରତୀୟ ସମ୍ବିଧାନର ଜନକ ବାବାସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଶହେ ପଚିଶତମ ଜୟନ୍ତୀ ପାଳିତ ହୋଇଥିଲା। ତାଙ୍କ ସମ୍ମାନାର୍ଥେ ସମ୍ବିଧାନ ଦିବସ ପାଳନ ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ତାହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ସଂସଦ ଓ ସମ୍ବିଧାନ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଆଗାମୀ ପିଢ଼ିକୁ ସମ୍ବିଧାନ ବାବଦରେ ଅଧିକରୁ ଅଧିକ ଜ୍ଞାନ ଦେବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। କେତେକ ଜରୁରୀ ଧାରା ଅନୁଚ୍ଛେଦ ପ୍ରଥମରେ କେନ୍ଦ୍ର ଓ ଏହାର ସାର୍ବଭୌମ୍ୟ ଅଂଶ ଉପରେ ଉଲ୍ଲେଖ କରାଯାଇଛି। ଭାରତର ସମସ୍ତ ଅଧିବାସୀଙ୍କୁ ନାଗରିକତ୍ୱ, ନାଗରିକର ଜୀବନ ଧାରଣ ନିମିତ୍ତ ମୌଳିକ ଅଧିକାର ଦିଆଯାଇଛି। ମୁଖ୍ୟତଃ ୧୩ଧାରାରେ ସାଧାରଣ ଜୀବନ ଯାପନ, ୧୪ ଧାରାରେ ସମାନତା, ୧୫ ଧାରାରେ ଧର୍ମ ଲିଙ୍ଗ ଜାତି, ଜନ୍ମସ୍ଥାନ କାରଣ ଓ ବୈଷମ୍ୟ ଦୂର ଉପରେ ୧୬ ଧାରାରେ ସମାନତା, ୧୭ ଧାରାରେ ଅସ୍ପୃଶ୍ୟତା ଉଚ୍ଛେଦ, ୧୮ ଧାରାରେ ଉପାଧି ଉଚ୍ଛେଦ, ୧୯ ଧାରାରେ ସ୍ୱାଧୀନତା ଯଥା ବକ୍ତବ୍ୟ, ଶାନ୍ତିପୂର୍ଣ୍ଣ ବକ୍ତବ୍ୟ ଏକତ୍ରିତ ହେବା, ସଂସ୍ଥା ବା ସଂଘ ଗଠନ କରିବା, ଦେଶ ଭିତରେ ମୁକ୍ତ ବିଚରଣ, ବସବାସ, ବୃତ୍ତି, ବାଣିଜ୍ୟ ବା ବ୍ୟବସାୟ କରିବା, ୨୦ ଧାରାରେ ଦୋଷୀ ସାବ୍ୟସ୍ତ ସମ୍ବନ୍ଧେ ସୁରକ୍ଷା, ୨୧ରେ ବ୍ୟକ୍ତିର ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା ସୁରକ୍ଷା, ଶିକ୍ଷା, ୨୨ ଧାରାରେ ଗିରଫ ବିରୋଧରେ ଶିକ୍ଷା, ୨୩ରେ ମାନବ ଚାଲାଣ ଓ ବାଧ୍ୟତାମୂଳକ ଶ୍ରମ ବନ୍ଦ କରିବା, ୨୪ ଧାରାରେ କଳକାରଖାନା ମାନଙ୍କରେ ଶିଶୁ ଶ୍ରମିକ ଉଚ୍ଛେଦ କରିବା, ୨୫ରେ ନିଜସ୍ୱ ଧର୍ମଗତ ଅଧିକାର, ୨୬ରେ ନିଜ ଧର୍ମର ପ୍ରଚାର ଓ ପ୍ରସାର କରିବା, ୨୭ ଧାରାରେ ନିଜର ସଂସ୍କୃତି ଓ ଶିକ୍ଷା ଚଳଣୀକୁ ସୁରକ୍ଷା, ୨୮ ଧାରାରେ କୌଣସି ଶିକ୍ଷାନୁଷ୍ଠାନରେ ଧର୍ମୀୟ ଶିକ୍ଷା ନଦେବା ପରି ବ୍ୟକ୍ତିର ଅଧିକାରକୁ ସୁରକ୍ଷିତ ରଖାଯାଇଛି। ଯେପରି ତାର ନିଜସ୍ୱ ଚିନ୍ତା ଓ ଅଭିବ୍ୟକ୍ତି ପ୍ରଚାର ପ୍ରସାର କରି ଜୀବନଶୈଳୀ ଗଠନ କରିବା। ସେହିପରି ରାଜ୍ୟର ନୀତି ନିର୍ଦ୍ଧାରଣ ସମ୍ବନ୍ଧରେ ସୂଚୀତ କରାଯାଇଥିବା ବେଳେ ୫୧ ଧାରାରେ ରାଷ୍ଟ୍ର ପ୍ରତି ମଧ୍ୟ ନାଗରିକର ମୌଳିକ କର୍ତ୍ତବ୍ୟ ପ୍ରତି ମଧ୍ୟ ଦାୟିତ୍ୱ ଦେଇଛି। ସରକାର ଗଠନ ପାଇଁ ଯେପରି ୫ ଅନୁଚ୍ଛେଦରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ସଂସଦ ଉପରେ ୭୪ ଧାରାରେ ମନ୍ତ୍ରୀ ପରିଷଦ, ୭୭ରେ ସରକାରୀ ବ୍ୟବସ୍ଥା ପରିଚାଳନା, ୧୨୪ ଧାରାରେ କେନ୍ଦ୍ର ସରକାର ବିଚାର ବିଭାଗୀୟ ବ୍ୟବସ୍ଥା, ୨୩୯ ଧାରାରେ କେନ୍ଦ୍ର ଶାସିତ ଅଞ୍ଚଳ ସମ୍ବନ୍ଧେ ଓ ଗଣତାନ୍ତ୍ରିକ ବ୍ୟବସ୍ଥାରେ କ୍ଷମତା ବିକେନ୍ଦ୍ରକରଣ ନିମନ୍ତେ ୨୪୩ ରେ ପଞ୍ଚାୟତ ଗଠନ, ୨୨୪ରେ ସୂଚିତ ଓ ଆଦିବାସୀ ସୂଚିତ ଅଞ୍ଚଳ କରିବା, ୨୪୫ରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ, ୩୨୪ଧାରାରେ ନାଗରିକଙ୍କ ଦ୍ୱାରା ସେମାନଙ୍କ ମନୋନୀତ ସରକାର ଗଠନ ନିମିତ ନିର୍ବାଚନ କରାଇବା, ୩୩୦ ଧାରାରେ ସଂରକ୍ଷଣ କରିବା, ୩୪୧ ଧାରାରେ ସାମାଜିକ କ୍ଷେତ୍ରରେ ଅନୁସୂଚୀତ ଜାତି, ୩୪୨ରେ ଜନଜାତିଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ରଖିବା, ୩୪୩ ଧାରାରେ ସବୁ ବର୍ଗଙ୍କ ପାଇଁ ଭାଷା ଅଧିକାରରେ ନାଗରିକମାନଙ୍କ ଉପରେ ସମ୍ବିଧାନ ଗୁରୁତ୍ୱ ଦେଇଛି। ସମ୍ବିଧାନ ଏବେ ସୁଧା ୧୨୫ଥର ସଂଶୋଧନ କରାଯାଇଛି। ବର୍ତ୍ତମାନ ୪୬୫ଟି ଧାରା ୨୫ଟି ଅନୁଚ୍ଛେଦ ୨୨ଭାଗ ଅଛି। ଏହି ଅମୂଲ୍ୟ ସମ୍ବିଧାନରେ ୧୬/୧୨ ଘଣ୍ଟା ପ୍ରତି ବଦଳେ ଶ୍ରମିକଙ୍କୁ ୮ଘଣ୍ଟା କାମ, ଶ୍ରମିକ ବୀମା ଓ ପ୍ରଶିକ୍ଷଣ ନିୟମ ବିଧବା ପୁନଃ ବିବାହ ଆଇନ ପରି ବହୁ ଅମୂଲ୍ୟ ଦାନ ଭାରତ ଇତିହାସରେ ଏକ ମହାନ ଓ ଚିରନମସ୍ୟ ହୋଇ ରହିଛି। ସମ୍ବିଧାନ ଗୋଟିଏ ରାଷ୍ଟ୍ର ପାଇଁ ଅପରିହାର୍ଯ୍ୟ। ସାମ୍ବିଧାନିକ ବ୍ୟବସ୍ଥା ସେହି ରାଷ୍ଟ୍ରର ଅତୀତର ମୂଳଦୁଆ ଉପରେ ପ୍ରତିଷ୍ଠିତ, ଯାହାର ମୌଳିକ ନୀତିରେ ରାଷ୍ଟ୍ର ପରିଚାଳିତ ଓ ଶାସିତ ହୋଇଥାଏ। ସମ୍ବିଧାନ ଏକ ସମ୍ପୂର୍ଣ୍ଣ ସର୍ବତୋମୁଖୀ ଦଲିଲ, ବୈଧ ଦସ୍ତାବିଜ୍ ଏବଂ ଏକ ଜୀବନ୍ତ ଗ୍ରନ୍ଥ। ଯେହେତୁ ଭାରତ ଏକ ସ୍ୱାଧୀନତ ଓ ଜନମଙ୍ଗଳ ରାଷ୍ଟ୍ର ତେଣୁ ଭାରତ ପାଇଁ ସମ୍ବିଧାନ ମଧ୍ୟ ନିତାନ୍ତ ଅପରିହାର୍ଯ୍ୟ।

**ବିଷ୍ଣୁରଞ୍ଜନ ପାଣିଗ୍ରାହୀ (ଆଇଟିଏସ୍),**
ମହାପ୍ରବନ୍ଧକ (ବିଏସଏନଏଲ), ଭୁବନେଶ୍ୱର, ଦୂରଭାଷ : ୯୪୩୭୦୫୧୦୮

## ନାମ ଲେଖାଇଲେ ମେଧା ତାଲିକାରୁ ବାଦ ପଡ଼ିଥିବା ଛାତ୍ରଛାତ୍ରୀ

ପାଠକଙ୍କ କଲମରୁ
ମତାମତ ପାଇଁ ସମ୍ପାଦକ ଦାୟୀ ନୁହଁନ୍ତି

**ମହାଶୟ**-ଦିନକୁ ୮ରୁ ୧୦ ଘଣ୍ଟା ପାଠପଢ଼ି ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ୫୦ରୁ ୬୦ ପ୍ରତିଶତ ନମ୍ବର ରଖି ପାସ କରିଥିଲେ। ଏହାକୁ ନେଇ କଲେଜ କର୍ତ୍ତୃପକ୍ଷ ଏବଂ ଅଭିଭାବକମାନେ ପିଲାଙ୍କର ଏ ସଫଳତାକୁ ନେଇ ଖୁସି ହୋଇଥିଲେ। ମାତ୍ର ସ୍ନାତକ ନାମ ଲେଖାକୁ ନେଇ ଏହି ଛାତ୍ରଛାତ୍ରୀ ହଇରାଣ ହୋଇଥିଲେ। ସାମ୍‌ସ ପକ୍ଷରୁ ସ୍ନାତକ ନାମ ଲେଖା ପାଇଁ ପ୍ରକାଶ ପାଇଥିବା ପ୍ରଥମ ଓ ଦ୍ୱିତୀୟ କଟଅଫ ମାର୍କ ଅନୁସାରେ ପସନ୍ଦ ଥିବା କଲେଜରେ ସୁଯୋଗ ପାଇ ନଥିବାରୁ ଚିନ୍ତାରେ ପଡ଼ି ଯାଇଥିଲେ। ପ୍ରଥମ ଡିଭିଜନ ପାଇଥିଲେ ମଧ୍ୟ ତୃତୀୟ ଡିଭିଜନ ପିଲାଙ୍କ ଭଳି ସ୍ପଟ ନାମ ଲେଖାକୁ ଅପେକ୍ଷା କରିଥିଲେ। ସାମସ ପକ୍ଷରୁ ସ୍ଥିର ହୋଇଥିବା କଟ ଅଫ ମାର୍କ ଅନୁସାରେ ଅନେକ ସ୍ପଟ ନାମ ଲେଖାରୁ ମଧ୍ୟ ବଞ୍ଚିତ ହୋଇଥିଲେ। ଏବେ କଲେଜ ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁନର୍ବାର ନାମ ଲେଖା ପାଇଁ ତାଲିକା ପ୍ରକାଶ ପାଇବାରୁ ଛାତ୍ରଛାତ୍ରୀ ଆଶ୍ୱସ୍ତି ହୋଇଛନ୍ତି। ହେଲେ ସାମସର ନାମଲେଖା ପଦ୍ଧତି ଏବଂ କଟ ଅଫ ମାର୍କ ସ୍ଥିର କରିବାକୁ ନେଇ ବହୁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷାବିତମାନେ ପ୍ରଶ୍ନ ଉଠାଇଛନ୍ତି। ଭାତ ହାଣ୍ଡିରୁ ଗୋଟିଏ ପରି ଚଳିତ ଶିକ୍ଷାବର୍ଷ ଠାରୁ ରେଭେନ୍ସାରେ ସାମସ ମାଧ୍ୟମରେ ନାମଲେଖା କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା। ପ୍ରଥମ କଟ ଅଫ ମାର୍କ ୯୦ ପ୍ରତିଶତ ଏବଂ ଦ୍ୱିତୀୟ କଟଅଫ ମାର୍କ ୮୫ ପ୍ରତିଶତରୁ ଅଧିକ ରହିଥିଲା। ଫଳରେ କେବଳ ରେଭେନ୍ସାରେ ନୁହେଁ ବରଂ କଟକର ପ୍ରମୁଖ କଲେଜ ଜେକେବିକେ, ଶୈଳବାଳା, ଖ୍ରୀଷ୍ଟ ଏବଂ ଷ୍ଟିୱାର୍ଟ କଲେଜରେ ଏହି ବ୍ୟବସ୍ଥା ହୋଇଥିଲା। ଏହାକୁ ନେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଚିନ୍ତାରେ ପଡ଼ିଥିଲେ। ଛାତ୍ରଛାତ୍ରୀ ୫୦ରୁ ୬୦ ପ୍ରତିଶତ ନମ୍ବର ରଖି ସୁଦ୍ଧା ସାମସ ମେରିଟ ଲିଷ୍ଟରେ ସ୍ଥାନ ପାଇନଥିଲେ। ପ୍ରଥମ ଏବଂ ଦ୍ୱିତୀୟ ସିଲେକସନରେ ନାମ ଆସିନଥିବାରୁ କେଉଁ କଲେଜରେ ନାମ ଲେଖାଇବେ ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ। ସ୍ପଟ ନାମ ଲେଖାକୁ ଅପେକ୍ଷା କରିଥିଲେ। ହେଲେ ଏଥିରେ ବି ସ୍ଥାନ ମିଳିନଥିଲା। ଫଳରେ ଅନେକ କଲେଜରେ ସିଟ ଫାଙ୍କା ପଡ଼ିଥିଲା। ଏବେ ଏହି ଫାଙ୍କା ପଡ଼ିଥିବା ସିଟ ପୂରଣ କରିବା ପାଇଁ କଲେଜ ଏବଂ ବିଶ୍ୱବିଦ୍ୟାଳୟ ନୋଟିସ କରି ଛାତ୍ରଛାତ୍ରୀଙ୍କ ମେରିଟ ଲିଷ୍ଟ ପ୍ରକାଶ କରିଛନ୍ତି। ଏହି ତାଲିକାରେ ଯେଉଁମାନେ ଆଡ଼ମିସନରୁ ବଞ୍ଚିତ ହୋଇଥିଲେ ସେମାନେ ଏବେ ନାମଲେଖା ସୁଯୋଗ ପାଇଛନ୍ତି। ତେବେ ସାମସ ପକ୍ଷରୁ କରାଯାଉଥିବା ତ୍ରୁଟି ପାଇଁ ଛାତ୍ରଛାତ୍ରୀ ଅସୁବିଧାରେ ପଡୁଥିବାରୁ ଅଭିଭାବକମାନେ ଏହି ବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିଛନ୍ତି। ପୂର୍ବଭଳି ଯେମିତି କଲେଜ ଏବଂ ବିଶ୍ୱବିଦ୍ୟାଳୟ ନିଜସ୍ୱ ନାମଲେଖା କରୁଥିଲେ, ସେମିତି କରାଯାଉ ବୋଲି ଦାବି କରିଛନ୍ତି।

**ଯୁଧିଷ୍ଠିର ମହାରଣା,** ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮



# ମୋ ଗାଁ

## ମୂଳ ଲକ୍ଷ୍ୟରୁ ଓହରି ଯାଉଛି ସ୍ୱଚ୍ଛ ଭାରତ ଅଭିଯାନ, ଅବ୍ୟବହୃତରେ ରହିଛି ଅନେକ ଶୌଚାଳୟ

ଯୋଡା,(ପି.ଏନ):ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପ୍ରତି ପରିବାରରେ ଶୌଚାଳୟ ନିର୍ମାଣ କରାଇ ମଳମୁକ୍ତ ହେବା ସହ ସ୍ୱଚ୍ଛ ଭାରତ ଦେଶ ଗଠନର ସ୍ୱପ୍ନ ଦେଖିବାକୁ ସରକାର ପ୍ରୟାଶ କରୁଥିବା ବେଳେ ବ୍ଲକ ପ୍ରଶାସନର ଦକ୍ଷତାହୀନ ଓ ନିଜ ମୁଣ୍ଡରୁ ତରବରିଆ ଭାବେ ଅଠା ଛଡାଇବା ପାଇଁ ବ୍ୟସ୍ତ ହୋଇ ପଡିଛି । ମହତ୍ୱାକାଂକ୍ଷୀ ପରି ଯୋଜନା ସ୍ୱଚ୍ଛ ଭାରତ ମିଶନ କ୍ରମରେ ଦେଶର ପ୍ରତି ଘରକୁ ସରକାର ଶୌଚାଳୟ ଯୋଗାଇ ଦେବାକୁ ଯୋଜନା ରଖିଛନ୍ତି । ହେଲେ ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ପାଇଖାନା ନିର୍ମାଣ ଯୋଜନା ବ୍ଲକରେ ଦିଗହରା ହୋଇଯାଇଛି । ଏଥି ନିମନ୍ତେ ସରକାର କୋଟି କୋଟି ଟଙ୍କାର ଅନୁଦାନ ପ୍ରଦାନ କରୁଥିବା ବେଳେ ସ୍ୱଚ୍ଛ ଭାରତ ପାଇଖାନା ଯୋଜନା ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଯୋଡା ବ୍ଲକର ସମସ୍ତ ୧୯ଟି ପଂଚାୟତ ଅଂଚଳରେ ସ୍ୱଚ୍ଛ ଭାରତ ମିଶନରେ ତତ୍ପରତା ପ୍ରକାଶ ପାଉନଥିବା ଅଭିଯୋଗ ହେଉଛି । ଏଥିରେ ଜଡିତ ଅଧିକାରୀ ତଥା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅବହେଳା ଯୋଗୁଁ ପରିମଳ ବ୍ୟବସ୍ଥା ବିପର୍ଯ୍ୟୟ ହୋଇ ପଡିଛି । ବିଭିନ୍ନ ସମୟରେ ବ୍ଲକ ପକ୍ଷରୁ ପ୍ରତ୍ୟେକ ପରିବାରକୁ ଘରୋଇ ପାଇଖାନା ନିର୍ମାଣ କରିବା ପାଇଁ ସଚେତନ କରାଯାଉଥିବା କୁହାଯାଉଛି । ହେଲେ ଯୋଡା ବ୍ଲକ ସମ୍ପୂର୍ଣ୍ଣ ଖୋଲା ଶୌଚମୁକ୍ତ ଅଂଚଳ ଭାବେ ଘୋଷିତ ମଧ୍ୟ ହୋଇଛି । ଅଥଚ ମୁଖ୍ୟରାସ୍ତା କଡରେ ଲୋକେ ଅପରିଷ୍କାର କରିବାରେ ଯେଉଁ ଅଭ୍ୟାସ ପରିବର୍ତ୍ତନ ହେଉନାହିଁ । ଘରୋଇ ପାଇଖାନା ଓ ପରିମଳ ସେବା ସମ୍ପର୍କରେ ସଚେତନ କରାନଯାଇ ବ୍ଲକରେ କାଗଜ କଲମରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି । ଏଥିଯୋଗୁଁ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ ହୋଇପାରୁ ନାହାଁନ୍ତି । ଅନେକ ଆବେଦନକାରୀ ତଥା ଇଚ୍ଛୁକ ବ୍ୟକ୍ତିମାନେ ପାଇଖାନା ନିର୍ମାଣ ପାଇଁ ଦରଖାସ୍ତ କରି ବ୍ଲକକୁ ଦୌଡି ଦୌଡି ନୟାନ୍ତ ହେବାପରେ ବାଧ୍ୟ ହୋଇ ରାସ୍ତା କଡରେ ଅପରିଷ୍କାର କରୁଛନ୍ତି । ବିଶେଷ କରି ଯୋଡା ବ୍ଲକରେ ସ୍ୱଚ୍ଛ ଭାରତ ମିଶନ, ଗ୍ରାମ୍ୟ ପାନୀୟ ଜଳ ଯୋଜନା, ମନରେଗା ପ୍ରଭୃତି କାର୍ଯ୍ୟକାରିତାରେ ମନ୍ଥରତା ପରିଲକ୍ଷିତ ହେଉଛି । କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନାରେ କୋଟି କୋଟି ଟଙ୍କା ପ୍ରଦାନ କରୁଛନ୍ତି । ଏହି ଅନୁଦାନ ଅର୍ଥରେ ପାଇଖାନା ନିର୍ମାଣ ହେଉଛି । କିନ୍ତୁ ସଚେତନତା ଅଭାବ କାରଣରୁ ହେଉ କିମ୍ବା ପାଇଖାନା ଗୁଡିକ ନିମ୍ନମାନର ନିର୍ମାଣ କାରଣରୁ ହେଉ ଗ୍ରାମାଞ୍ଚଳର ଅନେକ ପାଇଖାନା ଅବ୍ୟବହୃତ ହୋଇ ରହିଥିବା କାରଣରୁ ଯୋଜନାଟି ମୂଳ ଲକ୍ଷ୍ୟ ଠାରୁ ବିଚ୍ୟୁତ ହେଉଥିବା ଅଭିଯୋଗ ହେଉଛି । କେତେକ ସ୍ଥାନରେ ନିମ୍ନମାନର ଟାଙ୍କି ଭାଙ୍ଗିରୁଜି ଗଲାଣି ତ ଆଉ କେତେକ ସ୍ଥାନରେ ଏଗୁଡିକ ବ୍ୟବହାର ଅନୁପଯୋଗୀ ହୋଇ ପଡିଛି । ନିର୍ମାଣ କରାଯାଇଥିବା ପାଇଖାନା ଗୁଡିକ ମଧ୍ୟରୁ ଅଧାରୁ ଅଧିକ ଅନୁପଯୋଗୀ ହୋଇପଡି ରହିଥିବା ବେଳେ ଶୌଚ ପାଇଁ ପାଣିର ଅଭାବ ଏହାର ଏକ ପ୍ରମୁଖ କାରଣ ହୋଇପଡିଛି । ଅପରପକ୍ଷେ ଘରୋଇ ପାଇଖାନା ଗୁଡିକ ନିର୍ମଆମ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା କାରଣରୁ କେତେକ ସ୍ଥାନରେ ବର୍ଷେ ନପୂରୁଣୁ ଏଗୁଡିକ ଭାଙ୍ଗିରୁଜି ଗଲାଣି କିମ୍ବା ଅନୁପଯୋଗୀ ହୋଇ ପଡି ରହିଛି । ଏଥିସହ କେତେକ ସ୍ଥାନରେ ନିମ୍ନମାନର ଛାଉଣୀ ଓ କବାଟ ଯୋଗୁଁ ପାଇଖାନା ବ୍ୟବହାର ଅନୁପଯୋଗୀ ହୋଇ ରହିଛି । ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ସହ ବିଭାଗୀୟ ଯନ୍ତ୍ରୀଙ୍କ ସଠିକ୍ ତଦାରଖ ଅଭାବରୁ ଯୋଡା ବ୍ଲକ ଅଂଚଳର ଅନେକ ପାଇଖାନା ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି । ବ୍ଲକ ଅଂଚଳରେ ଏଭଳି ଲକ୍ଷ୍ୟହୀନ ପାଇଖାନା ଅବ୍ୟବହୃତ ହୋଇ ରହିଥିବା ବେଳେ ହିତାଧିକାରୀମାନେ ପାଇଖାନାକୁ କିପରି ବ୍ୟବହାର କରିବେ ସେଥିପାଇଁ ବ୍ଲକ ପ୍ରଶାସନ ବ୍ୟାପକ ସଚେତନା ସୃଷ୍ଟି କରିବା ଦିଗରେ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ବିପିପୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଚମ୍ପିୟାନ ର ବାଜି ମାରିଲେ ସ୍କୋର୍ପିନୋ: ବିଶ୍ୱ ରଞ୍ଜନ

କୁଏତ,(ପି.ଏନ): ବିପିପି (ଭାରତୀୟ ପ୍ରଭାସୀ ପରିଷଦ ଆସୋସିଏସନ) କୁଏତର ଏକ ବୃହତ ସାମାଜିକ ଓ ଜନ କଲ୍ୟାଣ ସଂଗଠନ, ଭାରତର ବିଭିନ୍ନ ରାଜ୍ୟ ର ନାଗରିକ ଙ୍କୁ ନେଇ ଏହୀ ସଂଗଠନ ଗଠିତ ।ଗତ ଫେବୃଆରୀ ୨, ଶୁକ୍ରବାର ଦିନ, ବିପିପି ଆବୁହଲିଫା କ୍ରିକେଟ୍ ପଡ଼ିଆରେ ଏହାର ସିଜନ୍ ୨ କ୍ରିକେଟ୍ ଫାଇନାଲ୍ ଉଦଯାପନ ହୋଇଛି ।ସ୍କର୍ପିଓନ୍ - କୁଏତ ଏବଂ ନାଗା-୧୧ ଫାଇନାଲରେ ପ୍ରବେଶ କରି ମୁହାଁମୁହିଁ ହୋଇଥିଲେ ।ବିପିପି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମ୍ୟାଚ୍ ରେ, ପ୍ରଥମେ ବ୍ୟାଟିଂଙ୍ଗ୍ କରି ୧୨ ଓଭର ରେ, ୭- ଓ୍ୱିକେଟ୍ ହରାଇ ୧୩୫ ରନ୍ କରି ଥିଲେ । ସ୍କରପିନୋ ଦଳ ରୁ ଦୀପକ୍ ସର୍ବାଧିକ ୧୯ ଟି ବଲ୍ ରୁ ୪୩ ରନ୍ କରିଥିଲେ । ସେହିପରି, ନାଗା- ୧୧ ଟିମ୍, ୧୨ ଓଭର ଖେଳି, ୮ଓ୍ୱିକେଟ୍ ହରାଇ ୭୩ ରନ୍ ରେ ସୀମିତ ଥିଲେ । ସର୍ବଶେଷରେ, ସ୍କରପିନୋ ୬୨ ରନ୍ ରେ ଜିଥିଥିଲେ ! ଗ୍ରାଣ୍ଡ ପୁରସ୍କାର ପ୍ରଦାନ ସମାରୋହର ଆୟୋଜନ କରାଯାଇଥିଲା । ବିଜେତା ଏବଂ ରନର୍ ଦଳମାନଙ୍କୁ ଖେଳାଳିଙ୍କ ପାଇଁ ପୁରସ୍କାର ରାଶି ଏବଂ ପଦକ ସହିତ କପ୍ ପ୍ରଦାନ କରାଯାଇଥିଲା । ସେମାନଙ୍କୁ ସମ୍ମାନିତ କରିବା ପାଇଁ ଶ୍ରେଷ୍ଠ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ସହିତ କପ୍ ପ୍ରଦାନ କରାଯାଇଥିଲା ।ଏହି ମ୍ୟାଚ୍ ଆୟୋଜନ ପାଇଁ ଉଦଯାପନ ମ୍ୟାଚ୍ ରେ ଶ୍ରୀ ସନ୍ଥୋଜ୍ ମଣିଙ୍କୁ ସମ୍ମାନିତ ଅତିଥି କରାଯାଇଥିଲା । କପିକୋ ଟୁର୍ ଏବଂ ଟ୍ରାଭେଲ୍ସ ର ସମସ୍ତ ଆୟୋଜକମାନଙ୍କ ପାଇଁ ଦୁଇଟି ଉପହାର କୁପନ୍ ପ୍ରଦାନ କରିଛନ୍ତି ।ପ୍ରାରମ୍ଭ ରୁ ୧୬ ଟି ଦଳ





ସହିତ ବିପିପି ସିଜନ୍ ୨ ମ୍ୟାଚ୍ ଆରମ୍ଭ ହୋଇଥିଲା ଏବଂ ଖେଳର, ଷଷ୍ଠ ସପ୍ତାହରେ ଫାଇନାଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା । ସଂଗଠକ ସଚିବ ଶ୍ରୀ ରାଜୀବ, କୋଷାଧ୍ୟକ୍ଷ ଶ୍ରୀ ସୁରେନ୍ଦର ଏବଂ ସାଧାରଣ ସମ୍ପାଦକ ଶ୍ରୀ ସୁଧୀର ମେନନ୍‌ଙ୍କ ଦ୍ୱାରା ପ୍ରାରମ୍ଭ ଭାଷଣ ପ୍ରଦାନ କରାଯାଇଥିବା ସହିତ ଉତ୍କୃଷ୍ଟ ସମର୍ଥନ ସହିତ ବିପିପି ଉପାଧ୍ୟକ୍ଷ ଶ୍ରୀ ସମ୍ପଥ କୁମାର ସିଯିନ ୨ ଟୁର୍ନାମେଣ୍ଟକୁ ପରିଚାଳାଣ କରି ଥିଲେ । ପ୍ରାରମ୍ଭରେ ବିପିପି ର ସଭାପତି ଶ୍ରୀ ବିନୋ ସେବାଷ୍ଟିଆନ୍ ଟସ୍ କରି ମ୍ୟାଚ୍ ଉଦ୍ଘାଟନ କରିଥିଲେ । ସାଧାରଣ ସଚିବ ବିପିପି ତାମିଲ ଓ୍ୱିଙ୍ଗ ଶ୍ରୀ କାର୍ତ୍ତିକେୟାନ୍ ଏହି ମ୍ୟାଚ୍ କାର୍ଯ୍ୟକ୍ରମ ନିମନ୍ତେ ସହଯୋଗ କରିଛନ୍ତି । ବିପିପି ତାମିଲ ଓ୍ୱିଙ୍ଗ ଅଫିସ୍ ଧାରକ ଶ୍ରୀ ରାଜାରାମ, ଶ୍ରୀକ୍ଷୀଭେଲ, ଶ୍ରୀ ମନନାଇ ରାଜା, ଶ୍ରୀ ବିନୋଦ, ଶ୍ରୀ ନାଗରାଜ, ଶ୍ରୀ ପଲାନି ରାଜନ ଏବଂ ଶ୍ରୀ ବି ପରଣ ଏହି ସମସ୍ତ ଖେଳ କୁ ଏକ ବଡ଼ ସଫଳତା ଦେବା ରେ ପ୍ରମୁଖ ଭୂମିକା ପାଇଁ ସମସ୍ତ ସହ ଯୋଗ ବ୍ୟବସ୍ଥା କରିଥିଲେ । ଭାରତୀୟ ପ୍ରଭାସ ପରିଷଦ ଆସୋସିଏସନର ର ଏରିଆ ସଭାପତି ତଥା ଭାରତୀୟ ପ୍ରଭାସୀ ପରିଷଦ ଓଡ଼ିଶା ସଙ୍ଗ ର ସଭାପତି ଶ୍ରୀ ବିଶ୍ୱ ରଂଜନ ସାହୁ ଙ୍କ ପ୍ରତ୍ୟକ୍ଷ ସହଯୋଗ ରେ ସଙ୍ଗ ର ଅତିଥି ରୂପେ ଏହି ପୁରସ୍କାର ବିତରଣ କରି ଥିଲେ । ସବୁଠାରୁ ବଡ ଖୁସି ର କଥା ହେଉଛି, କୁଏତ ରୁ ଆସିଥିବା ବିଭିନ୍ନ ପ୍ରାନ୍ତ ରୁ ଶତାଧିକ ଓଡ଼ିଆ ବନ୍ଧୁ ଓ ବିଭିନ୍ନ କମ୍ପାନୀ ରେ କାର୍ଯ୍ୟରତ ଓଡିଆ ଭାଇମାନେ ଟୁର୍ଣ୍ଣାମେଣ୍ଟ ଦେଖିବା ନିମନ୍ତେ କୁଏତ ର ସୁଦୂର ପ୍ରାନ୍ତ ରୁ ସାକ୍ଷାତ୍ କରିବା ସହିତ ଏହି ଖେଳ ର ଆନନ୍ଦ ନେଇଥିଲେ । ଓଡ଼ିଆ ବନ୍ଧୁ ମାନଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ବୁଝି ଥିଲେ । ଓଡ଼ିଶା ରାଜ୍ୟ ର ବିଭିନ୍ନ ଜିଲ୍ଲା ସ୍ତରୀୟ ପ୍ରତିନିଧି ଙ୍କ ସହିତ ସାକ୍ଷାତ୍ କରି, ମହାପ୍ରଭୂ ଶ୍ରୀ ଜଗନ୍ନାଥ ଙ୍କ ଆଶ୍ରୀବାଦ୍ ରୁ ବହୁତ ଶୀଘ୍ର ନୂତନ ବର୍ଷର ବିଭିନ୍ନ ସାମାଜିକ ଓ ଜନ କଲ୍ୟାଣ କାର୍ଯ୍ୟକ୍ରମ ର ଆଧାରରେ ଯୋଗଦାନ କରି ସଙ୍ଗଠନ କୁ ଆହୁରି ମଜ୍ ବୁତ୍ ସହିତ କରିବେ । ସର୍ବଶେଷ ରେ, ବ୍ୟକ୍ତିଗତ ଭାବେ, ବିଶ୍ୱ ରଞ୍ଜନ ସମସ୍ତ ଓଡ଼ିଆ ଭାଇଙ୍କୁ ଓ ଅନ୍ୟାନ୍ୟ ରାଜ୍ୟ ର ପତିନିଧି ମାନଙ୍କୁ ବ୍ୟକ୍ତିଗତ ଭାବେ ଧନ୍ୟବାଦ୍ ପ୍ରଦାନ୍ କରିଥିଲେ । ସଂପୂର୍ଣ୍ଣ ଟୁର୍ନାମେଣ୍ଟ ଏବଂ ପୁରସ୍କାର ବିତରଣ ସମାରୋହ ୟୁଟ୍ୟୁବରେ ସିଧା ପ୍ରସାରଣ କରାଯାଇଥିଲା ।

## ନିକଲ୍‌ସନ୍ ବନ ବିଦ୍ୟାଳୟର ୧୦୬ ତମ ସମାବର୍ତ୍ତନ ଉତ୍ସବ

ଚମ୍ପୁଆ,(ପି.ଏନ): ଚମ୍ପୁଆ ସଦର ମହକୁମାରେ ୧୯୨୭ ମସିହାରେ ସ୍ଥାପିତ ସରକାରୀ ନିକଲ୍‌ସନ୍ ବନ ବିଦ୍ୟାଳୟର ୧୦୬ ତମ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି । ଏହି ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆର୍.ସି.ସି.ଏଫ୍ ଅରୁଣ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି ହନୁମନ୍ତ,ସି.ସି.ଏଫ୍ ଅକ୍ଷୟ କୁମାର ପଟ୍ଟନାୟକ,ଡି.ସି.ଏଫ୍ ତଥା ବନ ବିଦ୍ୟାଳୟର ଅଧକ୍ଷ ପ୍ୟାରୀମୋହନ ମାଝି ଓ ଏ.ସି.ଏଫ୍ ସତ୍ୟବ୍ରତ ମହାନ୍ତି ଓ ଶାରିରୀକ ପ୍ରଶିକ୍ଷକ ଅସିଦ ଗିରି ପ୍ରମୁଖ ଯୋଗ ଦେଇଥିଲେ । ୩୦ ଜଣ ପୁରୁଷ ଓ ୧୫ ଜଣ ମହିଳା ଙ୍କୁ ମିଶାଇ ୪୫ ଜଣ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ସକାଳ ୯ ଘଟିକାରେ ଆୟୋଜିତ ସମ୍ମିଳିତ ପ୍ୟାରେଡ ଉତ୍ସବରେ ଅତିଥି ମାନେ ଯୋଗ ଦେବା ସହିତ ପ୍ୟାରେଡ ପରିଦର୍ଶନ କରିଥିଲେ । ମଧ୍ୟାନରେ ବିଦ୍ୟାଳୟ ସଭା ଗୃହ ଠାରେ ସମାବର୍ତ୍ତନ ଉତ୍ସବ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଥିଲା । ଏହି ୪୫ ଜଣ ପଦନ୍ନୋତି ପାଇଥିବା ଫରେଷ୍ଟରଙ୍କୁ ନେଇ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ମାନେ ଧର୍ଯ୍ୟର ସହ କାର୍ଯ୍ୟ ନିର୍ବାହ କରିବା ସହିତ ସାଧାରଣ ଲୋକଙ୍କର ଆସ୍ଥା ଭାଜନ ହେବା ଉପରେ ମତ ରଖିଥିଲେ । ବିଶେଷ ଭାବରେ ପରିବେଶର ସୁରକ୍ଷା କରୁଥିବା ବୃକ୍ଷ ରାଜି ବା ଜଙ୍ଗଲ ସହିତ ଜନସାଧାରଣଙ୍କୁ ଅଙ୍ଗାଙ୍ଗି ଭାବେ ଜଳିତ କରିବା ପ୍ରଶିକ୍ଷଣ କେନ୍ଦ୍ରରେ ଦିଆ ଯାଇଥିବା ବିଭିନ୍ନ ଶିକ୍ଷାକୁ କର୍ମ କ୍ଷେତ୍ରରେ ଲଗାଇ ପାରିଲେ ନିଜକୁ ଜଣେ ବଳିଷ୍ଠ ବନକର୍ମଚାରୀ ଭାବେ ପ୍ରତିପାଦନ କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା । ଏହି ପରିପେକ୍ଷିରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତି ଯୋଗିଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଜାଗ୍ରତ କନ୍ଧମାଳ ଓଡ଼ିଶା ପକ୍ଷରୁ ବାବା ସାହେବ ଆମ୍ବେଦକରଙ୍କ ତିରୋଧାନ ଦିବସ ପାଳିତ

ଫୁଲବାଣୀ ,(ପି.ଏନ): ଆଜି ସମଗ୍ର ଭାରତ ବର୍ଷର ସମ୍ବିଧାନ ପ୍ରଣେତା ଡ଼ଃ ଭୀମ ରାଓ ଆମ୍ବେଦକର ଙ୍କର ୬୬ ବର୍ଷ ତିରୋଧାନ ଦିବସ କୁ ଆଜି ଜାଗ୍ରତ କନ୍ଧମାଳ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ମହା ଆଡମ୍ବର ସହକାରେ ପାଳନ କରୁଛି । ଆଜି ଜାଗ୍ରତ କନ୍ଧମାଳ ର ଏକ ବିରାଟ ଶୋଭାଯାତ୍ରା ସହିତ ଡ଼ଃ ଆମ୍ବେଦକର ରଥ ମାଦି କୁନ୍ଦା ଛକରୁ ବାହାରି କୋର୍ଟ ଛକ ସ୍ଥିତ ଗାନ୍ଧୀ ସ୍ମୃତି ଭବନରେ ପହଞ୍ଚିଥିଲା ଓ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା , ଆଜିର ତିରୋଧାନ ଦିବସର ମୁଖ୍ୟ ଅତିଥି ତଥା ଫିରିଙ୍ଗିଆ ତହସିଲଦାର ଏମ ଅନୁରାଧା ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଫୁଲବାଣୀ ସ୍ୱୟଂ ଶାଡିତ ମହାବିଦ୍ୟାଳୟ ର ଅଧ୍ୟାପିକା ଶ୍ରୀମତୀ ଯୋତିର୍ମୟୀ ପ୍ରଧାନ, ସାନମାନିତ ଅତିଥିଭାବେ ହଗ୍ରତ କନ୍ଧମାଳ ର ସଭାପତି ଶ୍ରୀ ପ୍ରଶାନ୍ତ କୁମାର ମହାନ୍ତି, ଟ୍ରେଡ଼ ଲେବର ୟୁନିୟନ କଂଗ୍ରେସ ର ସଭାପତି ଶ୍ରୀ ଘନ କୁମାର ଶବର ଓ ପୂଜାରୀ ଖଣ୍ଡାୟତ ସମାଜ ର ସଭାପତି ଶ୍ରୀ ଶ୍ୱେତବାନ ପୂଜାରୀ, ଖଜୁରୀପଡା ପଂଚାୟତ ସମିତି ର ଉପାଧାକ୍ଷା ଶ୍ରୀ ଅମିତ କୁମାର ଡିଗାଲ ,କନ୍ଧମାଳ ଶୁଦ ସମାଜ ରଜିଲ୍ଲା ସଭାପତି ସଭାପତି ଶ୍ରୀ ଅରୁଣ କୁମାର ନାୟକ, ସିନେ ତାରକା ଶ୍ରୀ ଜଳନ୍ଧର ବେହେରା, କନ୍ଧ ଗୌଡ଼ ସମାଜ ର ସଭାପତି ଶ୍ରୀ ପ୍ରେମାନନ୍ଦ ମାଝୀ, ପଢ଼ୋଶୀ ବୌଦ୍ଧ ଜିଲ୍ଲାର ସମାଜ ସେବି ଶ୍ରୀ ଦଶରଥ ବେହେରା, ଆନ୍ତର୍ଜାତୀୟ ପାଣ ସମାଜ ର ସଭାପତି ମନ୍ମଥ ନାୟକ, ଓ ଶ୍ରୀମତୀ ମେନକା ଆରଜେଲି, ଶ୍ରୀମତୀ ମଞ୍ଜୁଶ୍ରୀ ପ୍ରଧାନ ଅଧାପିକା ଶ୍ରୀମତୀ ଯୋତିର୍ମୟୀ ପ୍ରଧାନ, ଓ ଜାଗ୍ରତ କନ୍ଧମାଳ ର ପ୍ରତିଷ୍ଠାତା ସମାଜସେବୀ, ଓ ବରିଷ୍ଠ ଆଇନଜୀବୀ ଶ୍ରୀ ସତ୍ୟନାରାୟଣ ବେହେରା, ଡ଼ଃ ସୀମାନାଥ ବାଘ, ସମାଜସେବୀ ଡ଼ଃ ସୂର୍ଯ୍ୟ ନାରାୟଣ ବେହେରା ପ୍ରମୁଖ ଯୋଗଦାନ କରିଥିଲେ । ସଭା ରେ ଜିଲ୍ଲାର ଦକ୍ଷ ପ୍ରଶାସିକା ତଥା ଖଜୁରିପଡା ତହସିଲଦାର ସ୍ୱପ୍ନିତା ନାୟକ ଙ୍କୁ ଅନୁପସ୍ଥିତ ଥିଲେ ମଧ ପ୍ରସଂଶା କରାଯାଇଥିଲା । ବାବା ସାହେବ ଙ୍କ ତିରୋଧାନ ଦିବସରେ ୭ ଜଣ ଆଦର୍ଶ ବିବେଚିତ ହୋଇଥିବା ମା ବା ମହିୟସୀ ମହିଳା ଯଥା ଏମ ଲୀନା ଚାନ୍ଦ , ଗୀତାଞ୍ଜଳି ସାହୁ, ଶୈଳବାଳା ପରିଡା, ସୁମତି ରଥ, ସୁବାସିନୀ ରଣ ଭାଇନସା, ରୁନୁ ବେହେରା କୁନି ବେହେରା ଙ୍କୁ ଫୁଲ ତୋଡ଼ା ସହିତ ମାନପତ୍ର ଓ ଉପଢୌକନ ଦେଇ ବରଣ୍ୟ ମଂଚାସୀନ ମୁଖ୍ୟ ଅତିଥି ଏମ ଅନୁରାଧା ତଥା ଫିରିଙ୍ଗିଆ ତହସିଲଦାର ଓ ସାନମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇ ସାନମାନିତ କରାଯାଇଥିଲା । ଏହାପରେ ଜିଲ୍ଲାର ସମାଜ ସେବି ଓ ବିଭିର୍ଣ୍ଣ ପ୍ରଜର କଳାକାର ମାନଙ୍କୁ ମଧ ମାନପତ୍ର ଦେଇ ସାନମାନିତ କରାଯାଇଥିଲା । ଏହାପରେ ଜାଗ୍ରତ କନ୍ଧମାଳ ର ଉଧେଶ୍ୟ ଓ କାର୍ଯ୍ୟକ୍ରମ ବିଷୟରେ ଆବଦତ୍ତ କରାଯାଇଥିଲା । ବାବା ସାହେବ ଆମ୍ବେଦକର ଙ୍କ ତିରୋଧାନ ଦିବସରେ ଜାତି, ବର୍ଣ୍ଣ, ଧର୍ମ, ନିର୍ବିଶେଷରେ ସମସ୍ତଙ୍କପାଇଁ ସଚେତନ କରାଇବା ସହିତ ସାମ୍ବିଧାନିକ ଅଧିକାର ପାଇବାପାଇଁ ଲଢେଇ ଆରମ୍ଭ କରିଛି । ଦେଶ ସ୍ୱାଧୀନତା ପାଇବାର ୭୬ ବର୍ଷାରୁ ଉର୍ଦ୍ଧ ହୋଇଯାଇଥିଲେ ମଧ ସାଧାରଣ ଜନତା ବର୍ତ୍ତମାନ ସୁଦ୍ଧା ପରାଧୀନ ତାର ସ୍ୱାଦ ଚାଖୁଛନ୍ତି , ସେମାନଙ୍କୁ ସମ୍ବିଧାନ ବିଷୟରେ ଅନ୍ଧାର ଭିତରେ ରଖାଯାଇଛି । ସମ୍ବିଧାନ ବିଷୟରେ ଜାଣିବାପାଇଁ ଜନସାଧାରଣ ଙ୍କୁ ଦୁଯୋଗ ଦିଆଯାଉ ନାହିଁ । ଏଭଳି ବହୁ ଜିନିଷ ଲୁକ୍କାୟିତ ଅବସ୍ଥାରେ ରଖି ରାଜନେତା ଓ ପ୍ରଶାସନ କାର୍ଯ୍ୟ କରିଚାଲିଛି । ବର୍ତ୍ତମାନ ସୁଦ୍ଧା ସାଧାରଣ ଜନତା ନିଜର ମୌଳିକ ସୁବିଧା , ଅଧିକାର ପାଇବାରୁ ବଂଚିତ ହେଉଛନ୍ତି କ୍ଷ କନ୍ଧମାଳ ର ସମ୍ବିଧାନ କୁ ସୁରକ୍ଷା ଦେବାପାଇଁ ଲଢେଇ କରୁଥିବା ଜଣେ ଅବସର ପ୍ରାପ୍ତ ସେନା କର୍ମଚାରୀ ଶ୍ରୀ ଶରତ ସାହାଣୀ ଙ୍କୁ ମଧ ଆଜିର ମଞ୍ଚରେ ସାନମାନିତ କରାଯାଇଥିଲା । ଏଭଳି ବହୁ ଉଲ୍ଲଖନୀୟ କାର୍ଯ୍ୟ କ୍ରମ ହାତକୁ ନିଆଯାଇଥିଲା ! ଆଜିର କାର୍ଯ୍ୟକ୍ରମ କୁ ଉପସଭା ପତି ଶ୍ରୀ ବିଚିତ୍ର ବୀର୍ଯ୍ୟ ପ୍ରଧାନ, ଓ ଡ଼ଃ ସୋମବାର ବାଘ ପ୍ରଯ୍ୟାୟ କ୍ରମେ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଜାଗ୍ରତ କନ୍ଧମାଳ ର ଏହିଭଳି କାର୍ଯ୍ୟକ୍ରମ କୁ ବୁଦ୍ଧିଜୀବୀ ମାନେ ଓ ଆଇନଜୀବୀ ତଥା ମିଡ଼ିଆ ଫୋରମ ର ଉପସଭାପତି ଆଦିତ୍ୟ ତ୍ରିପାଠୀ ପ୍ରସଂଶା କରିଥିଲେ ।

## ଭାରତୀୟ ଷ୍ଟେଟ ବ୍ୟାଙ୍କ ଜାତି ଜନଜାତି କଲ୍ୟାଣ ପରିଷଦ ପକ୍ଷରୁ ଆମ୍ବେଦକରଙ୍କ ମହାପ୍ରାୟାଣ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ଭାରତର ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡଃ ବି ଆର୍ ଆମ୍ବେଦକରଙ୍କ ୬୬ ତମ ମହାପ୍ରାୟାଣ ଦିବସ ଭାରତୀୟ ଷ୍ଟେଟ ବ୍ୟାଙ୍କ ଜାତି ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ପକ୍ଷରୁ ଭୁବନେଶ୍ୱର ୟୁନିଟ୍ ୧ ସ୍ଥିତ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ସୌରଭ ରନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସିଜିଏମ୍ ଚନ୍ଦ୍ର ଶେଖର ଶର୍ମା ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ରୂପେ ଜିଏମ୍ ୧ ଏମ୍ ପୁନ୍ନାମବାଲାମ୍, ଜିଏମ୍ ୨ ଉତ୍ତମ କୁମାର ହାଜିରା ଚୌଧୁରୀ, ସର୍କଲ ଉନ୍ନୟନ ଅଧିକାରୀ ମନୋଜ କୁମାର ସି. ଡିଜିଏମ୍ ୨ କୁନ୍ଦନ ଜ୍ୟୋତି, ଡିଜିଏମ୍ ୧ ସୟ କୁମାର ଝା, ଏଜିଏମ୍ ମାନସ ରନ ଆଚାର୍ଯ୍ୟ, ଷ୍ଟାଫ ଆସୋସିଏସନର ସାଧାରଣ ସମ୍ପାଦକ ରଘୁନାଥ ପ୍ରସାଦ ଦାସ, ଅଫିସର ଆସୋସିଏସନର ସାଧାରଣ ସମ୍ପାଦକ ଅରୁଣ କୁମାର ବିଶୋଇ ଓ ସଭାପତି ଅମିତାଭ ଦାସ ପ୍ରମୁଖ ଯୋଗଦେଇ ବାବା ସାହେବ ଆମ୍ବେଦକରଙ୍କ ଭାରତୀୟ ସମ୍ବିଧାନ ଓ ଜାତି ଜନଜାତି ପାଇଁ ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ । ପରିଷଦର ପ୍ରତିଷ୍ଠାତା, ପୂର୍ବତନ ସାଧାରଣ ସମ୍ପାଦକ ତଥା ବର୍ତ୍ତମାନର ଉପଦେଷ୍ଟା ବଂଶୀଧର ସେଠୀ ପ୍ରାରମ୍ଭିକ ଅଭିଭାଷଣ ରଖି କହିଥିଲେ ଏସ୍‌ଟି ଏସ୍‌ସି କର୍ମଚାରୀ କଲ୍ୟାଣ ପରିଷଦ ଗଠିତ ହେବା ଦିନଠାରୁ ସମସ୍ତ କର୍ମଚାରୀଙ୍କ ସୁବିଧା ଅସୁବିଧା ବୁଝିବା ସହିତ ସେମାନଙ୍କର ସୁଖରେ ଦୁଃଖରେ ସାମିଲ ହୋଇଆସୁଛି ।

## ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ । ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ । ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ (ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି । ଇଚ୍ଛୁକ ଅଟୋ ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସି ଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ୍ୟ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।





## ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି । ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜର୍‌ମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ । ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି । ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ । ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ । ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ । ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା ।

## ସମ୍ବିଧାନର ସୁରକ୍ଷା ଜନନାୟକ ଆମ୍ବେଦକରଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ

କେନ୍ଦ୍ରାପଡ଼ା,(ପି.ଏନ): ସମ୍ବିଧାନର ମୁଖ୍ୟ ସ୍ଥପତି, ଧୂରୀଣ ଅର୍ଥଶାସ୍ତ୍ରୀ ତଥା ଭାରତର ପ୍ରଥମ ଆଇନ ମନ୍ତ୍ରୀ ଡଃ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୬୭ତମ ଶ୍ରାଦ୍ଧ ଦିବସ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ପୁରୁଣା ବସଷ୍ଟାଣ୍ଡରେ କେନ୍ଦ୍ରାପଡ଼ାର ଡଃ. ଆମ୍ବେଦକର ବିଚାର ମଞ୍ଚ ପକ୍ଷରୁ ପାଳିତ ହୋଇଯାଇଛି । ବିଚାର ମଞ୍ଚର ସଭାପତି ପ୍ରଫେସର ନନ୍ଦ କିଶୋର ପରିଡା ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ପୁରୁଣା ବସଷ୍ଟାଣ୍ଡସ୍ଥିତ ପୁଣ୍ୟାତ୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧା ନିବେଦନ କରାଯାଇଥିଲା । ରାଜନୀତି ବିଜ୍ଞାର ପ୍ରଫେସର ଶ୍ରୀ ପରିଡା ଏହି ଅବସରରେ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଥିଲେ ଯେ ଡଃ. ଆମ୍ବେଦକର ସାରା ବିଶ୍ୱର ସମସ୍ତ ସମ୍ବିଧାନ ଗୁଡିକୁ ଗଭୀର ଅନୁଶୀଳନ କରି ତନ୍ମଧ୍ୟରୁ ଶ୍ରେଷ୍ଠ ଧାରା ଓ ଉପଧାରା ଗୁଡିକୁ ଆମ ସମ୍ବିଧାନରେ ସନ୍ନିବେଶିତ କରିଥିଲେ । ଯେତେଦିନ ପର୍ଯ୍ୟନ୍ତ ସମ୍ବିଧାନ ଥିବ ସେତେଦିନ ପର୍ଯ୍ୟନ୍ତ ଭାରତବାସୀ ଡଃ. ଆମ୍ବେଦକରଙ୍କୁ କୃତଜ୍ଞତାର ସହିତ ସ୍ମରଣ କରୁଥିବେ । ବିଚାର ମଞ୍ଚର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ତାଙ୍କ ଶ୍ରଦ୍ଧାଞ୍ଜଳିରେ କହିଥିଲେ ଯେ ସମ୍ବିଧାନ ଆମ ଦେଶର ରକ୍ଷା କବଚ । ଯଦି ସମ୍ବିଧାନ ସୁରକ୍ଷିତ ତେବେ କେହି ଅସୁରକ୍ଷିତ ନୁହନ୍ତି । ସୁତରାଂ ସମ୍ବିଧାନର ସୁରକ୍ଷା ପାଇଁ ସମ୍ବିଧାନ ପ୍ରଣେତା ମହାନ ଜନନାୟକ ଡଃ. ଆମ୍ବେଦକରଙ୍କ ତିରୋଧାନ ତିଥି ପାଳନ ଅବସରରେ ଆମେ ସମସ୍ତ ଭାରତବାସୀ ଐକ୍ୟବଦ୍ଧ ଭାବେ ପ୍ରୟାସ ଜାରିରଖିଲେ ବାବା ସାହେବଙ୍କର ଉପଯୁକ୍ତ ଦାୟାଦ ଭାବେ ଦାବି କରିପାରିବା । ଏହି ଶ୍ରାଦ୍ଧୋତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ନଗରପାଳ ଧିରେନ କୁମାର ସାହୁ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ ଦାସ, ସିପିଆଇ ସାଧାରଣ ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଶିକ୍ଷକ ସଂଗଠନର ନେତା ଭ୍ରମରବର ନାୟକ, ବିଚାର ମଞ୍ଚ ସାଧାରଣ ସମ୍ପାଦକ ମୁକ୍ତାର ଖାଁ, ବିଶିଷ୍ଟ ସମାଜ ସଂଗଠକ ପ୍ରଦୀପ ମହାନ୍ତି, କାଉନସିଲର ରମେଶ ଚନ୍ଦ୍ର ଦାସ, ଆଦିକନ୍ଦ ରାଉଳ, ଡି.ସି.ସି . ସାଧାରଣ ସମ୍ପାଦକ ମୀର ମୁରସିଦ୍, ଡି.ସିସି ସାଧାରଣ ସମ୍ପାଦକ କମଳାକାନ୍ତ ବେହେରା, କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ସର୍ବେଶ୍ୱର ସେଠୀ, କଂଗ୍ରେସ ନେତା ନିରଞ୍ଜନ ପରିଡା, ସେକ ଜଲାଲଉଦ୍ଦିନ, ସେକ୍ ଆଜମାତ ଉଲ୍ଲା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।









ପଣ୍ଡୁଓଷା ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁପୂର୍ଣ୍ଣିମା କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡ଼ି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁର ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ଼ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ ନିର୍ଦ୍ଦିଷ୍ଟ ବିଧି ରହିଅଛି। ଏଥିପାଇଁ ଗୃହଚଟାଣକୁ ଗୋବରରେ ଚିକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତହିଁ ପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷ କରି ପୁରୋହିତଙ୍କ ଦ୍ୱାର ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆ ପୂର୍ଣ୍ଣଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୁନା କରି ସେଥିରେ ନଡ଼ିଆ ଦେଇ ନଡ଼ିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁ ଓଷା ଏକ ନିଷ୍ଠାର ବ୍ରତ। ନାରୀ ଜାତି ବିଶେଷକରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଲୋକ ଗୀତରେ ଅଛି, ଅଇଲା ପଣ୍ଡୁ ମଲେ ମଶା / ଫାଟୁଆ ଦେଲେ ମୁରୁକି ହସା।

ମାର୍ଗଶୀର ମାସ ପୂର୍ଣ୍ଣିମା ପଣ୍ଡୁ ପୂର୍ଣ୍ଣିମା ନାମରେ ଖ୍ୟାତ। ପାଣ୍ଡବମାନଙ୍କ ବଡ଼ ଭାଇ ଯୁଧିଷ୍ଠିରଙ୍କୁ ଏହି ଓଷା ସମର୍ପିତ। ଏହାକୁ ନେଇ ଓଡ଼ିଶାରେ ଏକ ଲୋକପ୍ରିୟ କାହାଣୀ ମଧ୍ୟ ରହିଛି। କଳିଙ୍ଗ ରାଜାଙ୍କର କୌଣସି ସନ୍ତାନ ନଥିଲା। ସେ ଓ ତାଙ୍କ ରାଣୀ ପଣ୍ଡୁ ଓଷା କରିବା ପରେ ତାଙ୍କ ଭାଗ୍ୟ ବଦଳିଥିବା ଶୁଣିବାକୁ ମିଳେ। ମାର୍ଗଶୀର ମାସ ସାରା ମହିଳାମାନେ ପ୍ରତ୍ୟହ ସକାଳୁ ରାସ୍ତା ଝାଡୁ କରନ୍ତି। ପଣ୍ଡୁ ପୂର୍ଣ୍ଣିମା ଦିନ ଏହା ଶେଷ ହୁଏ। ସନ୍ଧ୍ୟାରେ ସେମାନେ ପଣ୍ଡୁ ଓଷା ପାଳନ କରନ୍ତି। ଭାଇଙ୍କ ଶୁଭ ମନାସି ସେମାନେ ଏହି ପୂଜା କରିଥାନ୍ତି। ଶ୍ରୀମନ୍ଦିରରେ ପରମ୍ପରା ଓ ବିଧିବିଧାନର ସହ ପଣ୍ଡୁ ପୂର୍ଣ୍ଣିମା ପାଳନ କରାଯାଏ। ଏ ଅବସରରେ ପଣ୍ଡୁ ନୃସିଂହଙ୍କର ଚାରି ଆଶ୍ରମ ବିଜେ ପାଳିତ ହୋଇଥାଏ। ସକାଳ ଧୂପ ପରେ ପାଳିଆ ପୁଷ୍ପାଳକମାନେ ମଇଲମ ଓ ବେଶ ସମ୍ପାଦନ କରିଥାନ୍ତି। ଏହି ସମୟରେ ଶ୍ରୀଜଗନ୍ନାଥଙ୍କୁ ଆଜ୍ଞାମାଳ ଲାଗି କରାଯାଏ। ମଧ୍ୟାହ୍ନ ଧୂପ ପରେ ଦକ୍ଷିଣି ଭୋଗ ସମ୍ପାଦନ ହେଲେ, ମହାଜନ ସେବକ ପଣ୍ଡୁ ନୃସିଂହଙ୍କୁ ଭିତର ସିଂହାସନକୁ ବିଜେ କରାନ୍ତି। ସେଠାରେ ତାଙ୍କୁ ଆଜ୍ଞାମାଳ ପ୍ରଦାନ ପରେ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରାଯାଏ। ରୁନ୍ଧା ବଢ଼ିବା ପରେ ବିମାନବଡୁ ସେବକ ବିମାନକୁ ଶ୍ରୀକ୍ଷେତ୍ରର ଚାରି ଆଶ୍ରମରେ ପଦାର୍ପଣ କରାଇଥାନ୍ତି। ସେଠାରେ ଶୀତଳ ଭୋଗ ଓ ବନ୍ଦାପନା ପରେ ପଣ୍ଡୁ ନୃସିଂହ ଶ୍ରୀମନ୍ଦିରକୁ ବିଜେ କରନ୍ତି।

**—ଉତ୍କଳାନନ୍ଦ ଅଜୟ କୁମାର ବେହେରା, 'ବରେଣ୍ୟ ବାଣୀ', ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ରାଜଧାନୀର ବିକାଶ ଡୁମୁଡୁମାରୁ !

ଭୁବନେଶ୍ୱର (ପିଏନ୍): ଗାଁ ପରିମଳ ଧୋବାତୁଠରୁ ଭଳି ଭୁବନେଶ୍ୱରର ବିକାଶ ଡୁମୁଡୁମା ଜାଗମରା ରାସ୍ତା ଦେଖିଲେ ସ୍ପଷ୍ଟ ଜଣାପଡିବ। ରାଜଧାନୀର ଡୁମୁଡୁମା ଗ୍ରାମ ଭୁବନେଶ୍ୱର ମହାନଗର ନିଗମର ୬୪, ୬୫ ଓ ୬୬ ୱାର୍ଡର ଅନ୍ତର୍ଭୁକ୍ତ। ଏଠାରେ ପ୍ରାୟ ପଚାଶ ହଜାରରୁ ଅଧିକ ଲୋକ ବାସ କରନ୍ତି। କଂଗ୍ରେସ ସରକାର ସମୟରେ ହାଉସିଙ୍ଗ ବୋର୍ଡ ପକ୍ଷରୁ ଏଠାରେ ପ୍ରାୟ ୫ ହଜାର ନିମ୍ନ ଆୟକାରୀ ବର୍ଗର ଲୋକମାନଙ୍କ ପାଇଁ ବାସଗୃହ ନିର୍ମାଣ କରାଯାଇଥିଲା। ତେଣୁ ହାଉସିଙ୍ଗ ବୋର୍ଡ କଲୋନୀ, କସମୋପଲ୍ଲୀ, ପଂଚସଖା ନଗର ଓ ଡୁମୁଡୁମା ଗ୍ରାମ ମିଶାଇଲେ, ଏଠାରେ ବର୍ତମାନ ୫୦ ହଜାରରୁ ଅଧିକ ଲୋକ ବାସ କରିବା ସହିତ ରାଜଧାନୀକୁ ଯିବାଆସିବା କରନ୍ତି। ଡୁମୁଡୁମାର ଯିବାକୁ ହେଲେ ଏମ୍ସ ଖଣ୍ଡଗିରି ଜାତୀୟ ରାଜପଥ ଦେଇ ଯିବାକୁ ହୁଏ ନଚେତ ଜାଗମରାର ପ୍ରତିଷ୍ଠିତ ଘରୋଇ ଇଂଜିନିୟରିଂ କଲେଜ ପାର୍ଶ୍ୱ ଦେଇ ଯିବାକୁ ହୁଏ। ଏଇ ରାସ୍ତାର ଓସାର ମାତ୍ର ଦଶ ଫୁଟ। ଫଳରେ ଦୁଇଟି ଚାରି ଚକିଆ ଯାନ ଏଇ ସଂକୀର୍ଣ୍ଣ ରାସ୍ତା ଦେଇ ଯାଇପାରେ ନାହିଁ। ନିକଟରେ ୱାଟକୋ ପକ୍ଷରୁ ଏଠାରେ ସ୍ୱେରେଜ ଲାଇନ ଖୋଳାଯାଉଥିବାରୁ ଏଠାକାର ଲୋକମାନଙ୍କୁ ପାତ୍ରପଡା ଏମ୍ସ ଦେଇ ଜାତୀୟ ରାଜପଥ ଟନେଲରେ ଖଣ୍ଡଗିରି ଯାଇ ରାଜଧାନୀକୁ ଯିବାକୁ ପଡେ। ଯାହାଫଳରେ ଏକଶହ ମିଟର ରାସ୍ତା ବଦଳରେ ଚାରି କିଲୋମିଟର ରାସ୍ତା ଯିବାକୁ ପଡୁଛି। ଡୁମୁଡୁମା ଗ୍ରାମଟି ମୁଖ୍ୟମନ୍ତ୍ରୀଙ୍କ ନବୀନ ନିବାସଠାରୁ ମାତ୍ର ୫ କିମି ଦୂରରେ ଅବସ୍ଥିତ। ଏହି ଅଂଚଳଟି ଏକାମ୍ର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ। ଏହାର ବିଧାୟକ ଏବେ କ୍ୟାବିନେଟ ମନ୍ତ୍ରୀ। ରାଜଧାନୀ ବିକାଶର ଅନ୍ୟତମ ବିନ୍ଧାଣୀ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷ ଜାଗମରାରୁ ଡୁମୁଡୁମାକୁ ଏକ ଶହେଫୁଟିଆ ରାସ୍ତାର ପରିକଳ୍ପନା କରିଦେଇ ନିଜ କାମ ସରିଗଲା ବୋଲି ଧରିନେଇଛନ୍ତି। ଏହି ଶହେଫୁଟିଆ ରାସ୍ତା କେବେ ହେବ ତାହା କେବଳ ସେଇମାନଙ୍କୁ ଜଣା। ଯଦି ରାଜଧାନୀରେ ଶହେଫୁଟିଆ ରାସ୍ତା ଠିକ ସମୟରେ ହୋଇପାରୁନି, ତେବେ ଓଡିଶାରେ କ'ଣ ରାସ୍ତାଘାଟ ହେଉଥିବ, ତାହା ସହଜରେ ଅନୁମେୟ। ଏଣୁ ସରକାର ତୁରନ୍ତ ପ୍ରସ୍ତାବିତ ଜାଗମରା-ଡୁମୁଡୁମା ଏକଶହଫୁଟିଆ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତୁ। ନଚେତ ଏହି ଅଂଚଳଟି ରାଜଧାନୀର ଦୀପ ତଳ ଅଂଚଳ ଭଳି ରହିଯିବ।

# ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ବ୍ଲକସ୍ତରୀୟ ଆନ୍ତର୍ଜତୀୟ ଦିବ୍ୟାଙ୍ଗ ଦିବସ ପବ୍ଲିକ ହାଇସ୍କୁଲ ବାଲେଶ୍ୱର ପରସରରେ ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ଅନ୍ତନିବେସୀ ସାଧନ କେନ୍ଦ୍ର ଉଦ୍ଘାଟନ ଭିନ୍‌ଟୁଲ ମୁଡ଼ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହୋଦୟ ଶୁଭ ଉଦ୍ଘାଟନ କରିଥିଲେ। ସକାଳ ୯ଘଟିକା ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବିଷ୍ଣୁଚରଣ ସୁତାର ଅନୁଷ୍ଠାନିକ ଭାବେ କ୍ରୀଡ଼ା ପ୍ରତିଯୋଗିତାର ଶୁଭ ଉଦ୍ଘାଟନ କରିଥିଲେ। ଏହି ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସରେ ସଦର ବ୍ଲକରେ ଥିବା ୨୧ଟି ଲିଷ୍ଟରୁ ମୋଟ ୨୫୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପିଲାମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ଦିଆଯାଇଥିଲା। ଏହି ଦିବସରେ ଚିତରଞ୍ଜନ ନାୟକ, ଜ୍ୟୋତିରେଖା ପାଣିଗ୍ରାହୀ, ଅଭୟ କୁମାର ରାଉତ, ସ୍ୱେଚ୍ଛାସେବକ, ଶିକ୍ଷକ ଶିକ୍ଷୟିତ୍ରୀ, ସମଗ୍ର ଶିକ୍ଷା ବାଲେଶ୍ୱରର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସଭାକାର୍ଯ୍ୟକୁ ସାଫଲ୍ୟମଣ୍ଡିତ କରିଥିଲେ। ସର୍ବଶେଷରେ ସିଆରସିସି ବିଶ୍ୱନାଥ କର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶାର ଆଧ୍ୟାତ୍ମିକ ପର୍ଯ୍ୟଟନ ଓ ଭିତ୍ତିଭୂମିର ଅଭିବୃଦ୍ଧି

ଧାର୍ମିକ ପୀଠର ରୂପାନ୍ତରଣ ସହ ଆଧ୍ୟାତ୍ମିକ ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ ଆସିଛନ୍ତି ରାଜ୍ୟ ସରକାର। କେବଳ ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ନୁହେଁ, ସାଧାରଣ ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ଅକ୍ଷତ ରଖି ଏଥିପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ନିଜ ରାଜନୈତିକ ଜୀବନକୁ ଏକ ଆଧ୍ୟାତ୍ମିକ ଯାତ୍ରା ବୋଲି ମନେ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଧର୍ମସ୍ଥଳୀର ରୂପାନ୍ତରଣକୁ ଗୁରୁତ୍ୱ ଦେଇଛନ୍ତି। ଏହି କ୍ରମରେ ରାଜ୍ୟର ବିଭିନ୍ନ ଧାର୍ମିକ ପୀଠର ବିକାଶ ପାଇଁ କାର୍ଯ୍ୟ କରାଯାଉଛି। ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ତାରାତାରିଣୀରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପରିକ୍ରମା, ଏକାମ୍ର କ୍ଷେତ୍ର ଓ ସମଲେଇ ପ୍ରକଳ୍ପ ନିମନ୍ତେ ବିପୁଳ ଅର୍ଥ ଅନୁମୋଦନ କରାଯାଇଛି। ହରିଶଙ୍କର ଓ ନୃସିଂହନାଥ ପୀଠ ସହ ନୀଳମାଧବ, କଟକଚଣ୍ଡୀ, ଆରଡ଼ି, ତାରିଣୀ, ଅଲାରନାଥ, ଲୋକନାଥ ପୀଠ ନିମନ୍ତେ ଅର୍ଥ ଅନୁମୋଦନ କରାଯାଇଛି। ସେହିପରି ଭଗବତୀ ଓ ଉଗ୍ରତାରା ମନ୍ଦିର କାର୍ଯ୍ୟ ନିଜେ ୫-ଟି ସଚିବ ଅନୁଧ୍ୟାନ କରିଛନ୍ତି। ଖୁବ ଶୀଘ୍ର ଏହାର ମାଷ୍ଟର ପ୍ଲାନ ପ୍ରସ୍ତୁତ ପରେ କାର୍ଯ୍ୟ ଆରମ୍ଭ ହେବାର ସମ୍ଭାବନା ରହିଛି।

କୌଣସି ପ୍ରକଳ୍ପ ଆରମ୍ଭ କରିବା ପୂର୍ବରୁ ଆବଶ୍ୟକ ସର୍ଭେ କିଭଳି ରୂପାନ୍ତରଣ ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରାଯାଉଛି। ସ୍ଥାନୀୟ ମନ୍ଦିର ସେବାୟତ, ମନ୍ଦିରକୁ ଭିତ୍ତିକରି ଗଢ଼ି ଉଠିଥିବା ଅର୍ଥନୈତିକ ଶୃଙ୍ଖଳ, ପର୍ଯ୍ୟଟକ ଓ ଭକ୍ତଙ୍କ ମତାମତ ସଂଗ୍ରହ କରାଯାଇ ନିୟମ ପ୍ରଣୟନ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ବିଶେଷ ନଜର ହେତୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଖୋଦ୍ ପ୍ରକଳ୍ପଗୁଡ଼ିକର ନିୟମିତ ସମୀକ୍ଷା କରୁଛି। ରାଜ୍ୟର ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କ ସଚିବ ୫-ଟି ଉନ୍ନୟନର ଯାଞ୍ଚ ନିୟମିତ କରୁଛନ୍ତି। ଏହି କ୍ରମରେ ଆଉ କିଛି ମାସ ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶେଷ ହେବାର ସୂଚନା ମିଳିଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ, ଶ୍ରୀ ସେତୁ, ମାର୍କେଟ କମ୍ପଲେକ୍ସ, ବହୁତଳ ପାର୍କିଂ ବ୍ୟବସ୍ଥା ମଧ୍ୟ ଆରମ୍ଭ କରାଯାଇଛି। ସରକାରଙ୍କ ଏହି ପ୍ରକଳ୍ପ ପାଇଁ ପୁରୀବାସୀ ସ୍ୱେଚ୍ଛାରେ ନିଜର ଜମି ପ୍ରଦାନ କରିଛନ୍ତି। ଏହାପରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାଇଁ ଏକାମ୍ର କ୍ଷେତ୍ର ଯୋଜନା ପ୍ରଣୟନ କରାଯାଇଛି। ଏହି ଯୋଜନାର କିଛି ଅଂଶର ପ୍ରତିଫଳନ ଏବେ ସ୍ପଷ୍ଟ ରୂପରେ ବାରି ହୋଇ ପଡୁଛି। ଏହି ଆଧ୍ୟାତ୍ମିକ ରୂପାନ୍ତରଣ କେବଳ ପୁରୀର ଶ୍ରୀମନ୍ଦିର ଏବଂ ରାଜଧାନୀର ଶ୍ରୀଲିଙ୍ଗରାଜ ମନ୍ଦିରରେ ସୀମିତ ହୋଇ ରହିନାହିଁ। ସମ୍ବଲପୁରରେ ସମଲେଶ୍ୱରୀ କ୍ଷେତ୍ର, ବଲାଙ୍ଗୀରର ନୃସିଂହନାଥ ଓ ହରିଶଙ୍କରର ରୂପାନ୍ତରଣ ନେଇ ମଧ୍ୟ ପ୍ରୟାସ ଆରମ୍ଭ ହୋଇଯାଇଛି। ପୁରୀର ବହୁଚର୍ଚ୍ଚିତ ଶ୍ରୀମନ୍ଦିର ପରିକ୍ରମା ପାଇଁ ୩୩୦ରୁ ଉର୍ଦ୍ଧ୍ୱ କୋଟି ଟଙ୍କା ପ୍ରଥମ ପର୍ଯ୍ୟାୟରେ ମଞ୍ଜୁର କରାଯାଇଥିଲା। ଏହାବ୍ୟତୀତ ପୁରୀର ଅନ୍ୟାନ୍ୟ ଉନ୍ନୟନ ପାଇଁ ପ୍ରକଳ୍ପଦ୍ୱାରା ଆବଶ୍ୟକ ଅର୍ଥ ପ୍ରଦାନ କରାଯାଇଛି। ସେହିପରି ଶ୍ରୀଲିଙ୍ଗରାଜ ମନ୍ଦିରର ଏକାମ୍ର କ୍ଷେତ୍ର ଯୋଜନା ପାଇଁ ସାମଗ୍ରିକ ଭାବେ ୭୦୦ କୋଟି, ସମଲେଇ ପ୍ରକଳ୍ପ ନିମନ୍ତେ ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଅନୁରୂପ ଭାବେ ନୟାଗଡ଼ର କଣ୍ଟିଲୋ ନୀଳମାଧବ ମନ୍ଦିର, କଟକ ଜିଲ୍ଲାର କଟକଚଣ୍ଡୀ, ଭଦ୍ରକ ଜିଲ୍ଲାର ଆରଡ଼ି, କେନ୍ଦୁଝର ଜିଲ୍ଲାର ଘଟଗାଁ, ଜଗତସିଂହପୁର ଜିଲ୍ଲାର ମା' ସାରଳା ପୀଠ ଏବଂ ନିକଟରେ ରାଜଧାନୀରେ ଶିଖରଚଣ୍ଡୀ ଓ ବରଗଡ଼ ଜିଲ୍ଲା ପଦ୍ମପୁରରେ ଥିବା ନୃସିଂହନାଥ ପୀଠର ଉନ୍ନୟନ ପାଇଁ ଯୋଜନା ପ୍ରସ୍ତୁତ ହୋଇ କାର୍ଯ୍ୟାନ୍ୱୟନ ହେଉଛି। ଗଞ୍ଜାମ ଜିଲ୍ଲାର ମା ତାରାତାରିଣୀ ପୀଠ ସର୍ବପ୍ରଥମେ ରୂପାନ୍ତରଣ ସ୍ପର୍ଶ ପାଇଛି। ସେଠାରେ ସାଧାରଣ ଦର୍ଶନରେ ଶୃଙ୍ଖଳଠାରୁ ଆରମ୍ଭ କରି ପ୍ରସାଦ ସେବନ, ଚତୁଃପାର୍ଶ୍ୱ ଉନ୍ନୟନର ଝଲକ ଦେଖିବାକୁ ମିଳିଛି। ଓଡ଼ିଶାର ବୌଦ୍ଧ ହୀରକ ତ୍ରିଭୁଜ କ୍ଷେତ୍ର କୁହାଯାଉଥିବା ଉଦୟଗିରି, ରତ୍ନଗିରି, ଲଳିତଗିରି ଓ ଲଳିତଗିରି ସନ୍ନିକଟ ଓଳାଶୁଣୀ ପୀଠ ମଧ୍ୟ ଭିନ୍ନ ଏକ ବୌଦ୍ଧ ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ର। ଦେଶ ବିଦେଶରୁ ଅଗଣିତ ଶ୍ରଦ୍ଧାଳୁ ଏଠାକୁ ଆସୁଛନ୍ତି। ଓଳାଶୁଣୀରେ ସନ୍ଥ ଅରକ୍ଷିତ ଦାସଙ୍କ ପୁଣ୍ୟ ସମାଧି ପୀଠ ରହିଛି। ସେଠାରେ ପର୍ଯ୍ୟଟନ କ୍ଷେତ୍ରର କିଛି ବିକାଶ ହୋଇଛି, ଯାହାଫଳରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଏଠାକୁ ପର୍ଯ୍ୟଟନ ନିମିତ୍ତ ଆସୁଛନ୍ତି। ଏକ ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ରରେ ସ୍ଥାନୀୟ ଜନସାଧାରଣ ଅର୍ଥ ରୋଜଗାରର ସୁଯୋଗ ପାଇଥାନ୍ତି; ସେହିପରି ସ୍ଥାନୀୟ ଅଞ୍ଚଳର ସମସ୍ୟା ମଧ୍ୟ ପ୍ରଶାସନ ନଜରକୁ ଆସିଥାଏ। ତେବେ ମହିଳା ସ୍ୱୟଂସହାୟକ ସଂଗଠନର ସ୍ଥାନୀୟ ଅଞ୍ଚଳର ଉତ୍ପାଦିତ ସାମଗ୍ରୀ ସେହି କ୍ଷେତ୍ରରେ ବିକ୍ରି ଓ ପ୍ରଦର୍ଶନ ପାଇଁ ରହିଲେ ଏହା ଖୁବ ଭଲ ହୁଅନ୍ତା। ସରକାର ଓ ସ୍ୱୟଂସହାୟକ ସଂଗଠନମାନେ ରାଜସ୍ୱ ପାଇପାରନ୍ତେ। ତେବେ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଧର୍ମସ୍ଥଳୀକୁ ଭିତ୍ତିକରି ଗଢ଼ି ଉଠିଥିବା ଛୋଟ ଅର୍ଥନୈତିକ କାରବାରକୁ ପ୍ରଶାସନ ସର୍ବାଧିକ ଗୁରୁତ୍ୱ ଦେଇଛି। ସବୁ ପୀଠରେ ପୂଜା ସାମଗ୍ରୀ ବିକ୍ରୟ ଆରମ୍ଭ କରି କ୍ଷୁଦ୍ର ଦୋକାନୀମାନଙ୍କ ପାଇଁ କମ୍ପ୍ଲେକ୍ସ ବ୍ୟବସ୍ଥା କରାଯାଇଛି। ପୀଠର ସେବାୟତ ବୀମା, ହୋଇଥିବା ରୂପାନ୍ତରଣର ରକ୍ଷଣାବେକ୍ଷଣକୁ ବ୍ୟାପକ ଗୁରୁତ୍ୱ ପ୍ରଦାନ କରାଯାଉଛି। ବରିଷ୍ଠ ନାଗରିକ, ସାଧାରଣ ଭକ୍ତ ଏବଂ ଯୁବବର୍ଗଙ୍କ ପାଇଁ ଓଡ଼ିଶା ଆଧ୍ୟାତ୍ମସ୍ଥଳୀ ପରିଦର୍ଶନ ନୂଆ ଟୁରିଷ୍ଟ ଡେଷ୍ଟିନେସନ ପ୍ରତୀୟମାନ ହୋଇଛି।

**—ଇଂ. ସନ୍ଦୀପ ସତ୍ୟନାରାୟଣ ଭୂୟାଁ**
***ପ୍ରତିଷ୍ଠାତା, ହ୍ୱାଇଟ କୁମେଟ, ଭୁବନେଶ୍ୱର***

# DISPLAY CLASSIFIED

# ଭୋଟର ତାଲିକା ସଂଶୋଧନ ଅବସରରେ ଆଲୋଚନା ବୈଠକ

ବାଲେଶ୍ୱର (ପିଏନ୍)-ଫଟୋ ଭୋଟର ତାଲିକାର ଏକ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୩ ସଂପ୍ରତି ତା ୦୯/୧୧/୨୦୨୨ଠାରୁ ୦୮/୧୨/୨୦୨୨ ପର୍ଯ୍ୟନ୍ତ ଚାଲୁ ରହିଛି। ଏହି ଅବସରରେ www.ceoodisha.nic.in ୱେବ ସାଇଟ୍ ଅନ୍ତର୍ଗତ ଲିଙ୍କରେ ଭୋଟରମାନଙ୍କ ଦ୍ୱାରା ଦରଜ କରାଯାଇଥିବା ବିଭିନ୍ନ ଦାବୀ ଓ ଅଭିଯୋଗ ରେକର୍ଡ଼ଭୁକ୍ତ ହୋଇ ସମସ୍ତଙ୍କର ଦେଖିବା ନିମନ୍ତେ ଉପଲବ୍ଧ। ରାଜ୍ୟ ସରକାରଙ୍କ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କର ପତ୍ର ଯୋଗେ ସମସ୍ତ ରାଜନୈତିକ ଦଳର ସଭାପତି/ସାଧାରଣ ସଂପାଦକମାନଙ୍କୁ ଏ ବାବଦରେ ଅବଗତ କରାଯାଇଛି। ଏହି ୱେବସାଇଟରେ ଉପଲବ୍ଧ ଦାବୀକୁ ଯାଞ୍ଚ କରି କୌଣସି ପ୍ରଶ୍ନ ଉପରେ ପ୍ରଶାସନ ସହ ମତ ବିନିମୟ କରିବା ନିମନ୍ତେ ସରକାର ବ୍ୟବସ୍ଥା କରିଛନ୍ତି। ବାଲେଶ୍ୱର ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଅନୁକୂଲ୍ୟରେ ବିଭିନ୍ନ ଦାବୀ ଉପରେ ଆଲୋଚନା କରିବା ନିମନ୍ତେ ମହାତ୍ମାଗାନ୍ଧୀ ସଭାଗୃହରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ କରାଯାଇଛି। ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଡେପୁଟି କଲେକ୍ଟର ସୁଶ୍ରୀ ଗାୟତ୍ରୀ ସୋରେନ୍ ଏହା ପରିଚାଳନା କରିଥିଲେ, ଯେଉଁଥିରେ ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀ ଓ ଟେକ୍ନିକାଲ ଏକ୍ସପୋର୍ଟ ଅଂଶଗ୍ରହଣ କରିଥିଲେ। ରାଜନୈତିକ ଦଳମାନଙ୍କ ମଧ୍ୟରୁ ବିଜୁ ଜନତାଦଳରୁ ଶ୍ରୀ ଶତୃଘ୍ନ ମଲ୍ଲିକ, ଭାରତୀୟ ଜନତା ପାର୍ଟିରୁ ଶ୍ରୀ କେଶବ କୁମାର ଆଚାର୍ଯ୍ୟ, ଭାରତୀୟ ଜାତୀୟ କଂଗ୍ରେସରୁ ଶ୍ରୀ ଗୋପୀନାଥ ପାଢ଼ୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିରୁ ଶ୍ରୀ ପ୍ରେମରଞ୍ଜନ ପାତ୍ର ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ।

# ମଧୁସୂଦନପାଲ୍ଲୀ ଓ ବିବେକାନନ୍ଦପାଲ୍ଲୀର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଦାବି



ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୧୧ ନମ୍ବର ୱାର୍ଡ ମଧୁସୂଦନପାଲ୍ଲୀ ଓ ବିବେକାନନ୍ଦପାଲ୍ଲୀର କେତେକ ମୌଳିକ ସମସ୍ୟାର ସମାଧାନ ପାଇଁ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି । ଗତ ୨୮ ତାରିଖରେ ଉକ୍ତ ଅଞ୍ଚଳର ପ୍ରତିନିଧି ସ୍ତରୀୟ ବ୍ୟକ୍ତି କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭ୍ୟ ବିରେନ ସେନାପତିଙ୍କ ନେତୃତ୍ୱରେ ମହାନଗର ନିଗମ କମିଶନରଙ୍କୁ ସାକ୍ଷାତ କରି ସମସ୍ୟା ଗୁଡିକ ସମ୍ପର୍କରେ ଆଲୋଚନା କରିବା ସହିତ ସେସବୁର ଆଶୁ ସମାଧାନ ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ମଧୁସୂଦନପାଲ୍ଲୀର ମଧୁସୂଦନଙ୍କ ପ୍ରତିମୂର୍ତ୍ତି ସ୍ଥଳରୁ ପାହାଡ ପାର୍ଶ୍ୱକୁ ଯାଇଥିବା ମୁଖ୍ୟ ରାସ୍ତାର ଡାହାଣ ପାର୍ଶ୍ୱ ନାଳି ଭାଙ୍ଗିରୁଜି ଯାଇଥିବାରୁ ଏହାକୁ ତୁର' ନିର୍ମାଣ କରିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ପଣ୍ଡା ଦୋକାନ ଗଳିର କଂକ୍ରିଟ୍ ରାସ୍ତା ଭାଙ୍ଗିରୁଜି ଯାଇଥିବାରୁ ଏହାର ପୁନଃ ନିର୍ମାଣ ସହ ଉକ୍ତ ଅଞ୍ଚଳର ନାଳିଗୁଡିକ ନିୟମିତ ବ୍ୟବଧାନରେ ସଫେଇ କରିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଗଙ୍ଗାରାମ ବସ୍ତିରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଆଦିବାସୀ ଶ୍ରେଣୀର ବସ୍ତିବାସୀଙ୍କୁ ବ୍ୟକ୍ତିଗତ ପାଇଖାନା ମିଳିନଥିବାରୁ ସମ୍ପ୍ରତି ଅନେକ ଲୋକ ଖୋଲା ପଡିଆରେ ଶୌଚ ହେବାକୁ ବାଧ ହେଉଛଁ । ତେଣୁ ଏହି ବସ୍ତିରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି କରାଯାଇଛି । ସେହିପରି ବିବେକାନନ୍ଦପାଲ୍ଲୀରେ ଅବସ୍ଥିତ ଗୋଷ୍ଠୀ ଶୌଚାଳୟର ସୁପରିଚାଳନା ଅଭାବରୁ ପ୍ରବଳ ଦୁର୍ଗନ୍ଧ ବାହାରିବା ସହିତ ଉକ୍ତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଫଳରେ ଶୌଚାଳୟ ପାର୍ଶ୍ୱରେ ଅବସ୍ଥିତ ଅଙ୍ଗନବାଡିର ଶିଶୁମାନେ ନାହିଁନଥିବା ହୀନସ୍ତା ହେଉଥିବା ବେଳେ ଶୌଚାଳୟ ପାର୍ଶ୍ୱରେ ଅବସ୍ଥିତ ସୁବିଧା କେନ୍ଦ୍ର ମଧ୍ୟ ବ୍ୟବହୃତ ହୋଇପାରୁ ନାହିଁ । ଶୌଚାଳୟକୁ ଆବଶ୍ୟକୀୟ ଜଳ ଯୋଗାଣ ହେଉନଥିବା ବେଳେ ଏହାର କବାଟ ଭାଙ୍ଗିରୁଜି ଗଲାଣି । ତେଣୁ ଏସବୁ ସମସ୍ୟାର ତୁର' ସମାଧାନ ପାଇଁ ପ୍ରତିନିଧି ଦଳ କମିଶନରଙ୍କ ନିକଟରେ ଦାବି କରିଛଁ । ଏହି ସେହିପରି ବିବେକାନନ୍ଦପାଲ୍ଲୀରେ ନିର୍ମିତ ନାଳିଗୁଡିକ ନିୟମିତ ବ୍ୟବଧାନରେ ସଫେଇ ହେଉନଥିବା ବେଳେ ଅର୍ଦ୍ଧନିର୍ମିତ ଅବସ୍ଥାରେ ମୁଖ୍ୟ ନାଳି ରହିଥିବାରୁ ଉକ୍ତ ଅଞ୍ଚଳବାସୀଙ୍କ ପାଇଁ ତାହା ବିଶେଷ ସମସ୍ୟା ସୃଷ୍ଟି କରୁଛି ବୋଲି ସ୍ମାରକପତ୍ରରେ କୁହାଯାଇଛି । ମଧୁସୂଦନପାଲ୍ଲୀ ଓ ବିବେକାନନ୍ଦପାଲ୍ଲୀ ଅଞ୍ଚଳରେ ପାଇପ୍ ଜଳ ଯୋଗାଣ ପାଇଁ ଆବଶ୍ୟକୀୟ ପାଇପ୍ ଲାଇନ୍ ବିଛା ଯାଇଥିଲେହେଁ ଜଳ ଯୋଗାଣ ସଠିକ୍ ଭାବେ ହେଉନଥିବାରୁ ବସ୍ତିବାସୀ ପାନୀୟ ଜଳ ପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ଜଳ ଯୋଗାଣକୁ କିପରି ସୁଗମ କରାଯାଇ ପାରିବ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ପାଇଁ କମିଶନରଙ୍କ ନିକଟରେ ପ୍ରତିନିଧି ଦଳ ଦାବି କରିଛନ୍ତି। ମଧୁସୂଦନପାଲ୍ଲୀ ଖଟାଲ ଅଞ୍ଚଳରେ ମଧ୍ୟ ଆବଶ୍ୟକୀୟ ସଫେଇ ଅଭାବରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ତେଣୁ ଏସବୁ ସମସ୍ୟାଗୁଡିକୁ ଅବିଳମ୍ବେ ସମାଧାନ କରିବା ଦିଗରେ ମହାନଗର ନିଗମ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ତେବେ କମିଶନର ସମସ୍ତ ବିଷୟରେ ଅବଗତ ହୋଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି । ଶ୍ରୀ ସେନାପତିଙ୍କ ସହିତ ଉକ୍ତ ଅଞ୍ଚଳର ଏସ୍.ଏନ୍. ମୂର୍ତ୍ତି, ଅନୀଲ ଦାସ, ରୁଷି ସାହୁ, ମୋତିଲାଲ ସାହୁ, ମନୋଜ ବର୍ମା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀ, ପିସିସି ସଭ୍ୟ ସବୀର ହୁସେନ, ଦିଲ୍ଲୀପ ଜେନା, ଭାସ୍କର ଖିଲ୍ଲାର, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ ଓ ସେବାଦଳର ବୁଲୁ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ବୋଲି ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ମା ଭୈରବୀ ଫୁଟବଲ୍ ଟୁର୍ଣ୍ଣାମେଂଟ ୨୦୨୨ ଉଦଯାପିତ

ମାଲକାନଗିରି, (ପି.ଏନ): ମା ଭୈରବୀ ସ୍ପୋର୍ଟସ କ୍ଲବ କୁଡୁମୁଲୁଗୁମ୍ମା ତରଫରୁ ଆନ୍ତଃରାଜ୍ୟ ସ୍ତରୀୟ ମା ଭୈରବୀ ଫୁଟବଲ ଟୁର୍ଣ୍ଣାମେଂଟ ୨୦୨୨ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗତକାଲି ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଏହି ଫୁଟବଲ୍ ର ମହାକୁମ୍ଭରେ ବିଶ୍ୱକପ ୨୦୨୨ କତାର ଭଳି ଫୁଟବଲ ର ଫିଭର୍ ଓ ଉତ୍ସାହ ନେଇ ଉଦଘାଟିତ ହୋଇଥିଲା। ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ମୁଖ୍ୟ ବକ୍ତା ଭାବେ ପଟାଙ୍ଗୀ ବିଧାୟକ ପ୍ରୀତମ୍ ପାଢ଼ି, ସମ୍ମାନିତ ଅତିଥି ଭାବେ ବାଲିମେଲା ଏନଏସି ଅଧ୍ୟକ୍ଷ ପ୍ରଦୀପ ନାୟକ, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କ୍ରିସାନି, କୋରୁକୁଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ି, ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମୀ, ଚାଉଳମେନ୍ଦୀ ସରପଂଚ ଜଳନ୍ଧର ନାୟକ, ସାଂସଦ ପ୍ରତିନିଧି ଜଗନ୍ନାଥ ମାଝି, ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାଝୀ, ସସ୍ମିତା ଜେନା, କଦମଗୁଡ଼ା ସରପଂଚ ସୂର୍ଯ୍ୟ ନାରାୟଣ ଜିଗିଡି, ପୋଲିସ ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲି, ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ ପ୍ରମୁଖ ଯୋଗଦାନ କରି ଫୁଟବଲ୍ ପ୍ରେମୀ ଜନତାଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚରେ ବଲାଙ୍ଗିର ଦଳ ୨/୦ ରେ ରାୟପୁର ଦଳକୁ ହରାଇ ବିଜୟୀ ହୋଇଥିଲେ।ଏହି ଖେଳକୁ ବାଳକୃଷ୍ଣ ପ୍ରଧାନ ଓ ସୁଧାକର ନାୟକ ସଂଯୋଜନା କରିଥିଲେ। କୁଡୁମୁଲୁଗୁମ୍ମା ମାଟିରେ, ଫୁଟବଲ୍ ଖେଳ ର ଐତିହ୍ୟ ଓ ପରମ୍ପରା ବିସ୍ତାର ଭାବେ ମା ଭୈରବୀ କ୍ଲବ ର ସଭାପତି ଦିବାକର ସୁନା ବର୍ଣ୍ଣନା କରିଥିଲେ । ଆୟୋଜନର ମୁଖ୍ୟ ସଭାପତି ଦିବାକର ସୁନା, ବୁଲୁ ରାଉତ, ଟୁଲୁ ରାଉତ, ଅଶୋକ ପ୍ରଧାନ, ଗୋପି ପାଙ୍ଗି, ମଙ୍ଗଳା ମାଢ଼ି, ହେମନ୍ତ କୁମାର ଦାଶ, ଭକ୍ତ ଚରଣ ବନୀକ, ମଙ୍ଗୁ ଖିଲ, ଚିତରଞ୍ଜନ ପଟ୍ଟନାୟକ, ସହଦେବ ଶିଶା, ଦେବେନ୍ଦ୍ର ରାଉତ, ସେଖ୍ ମୁକତାର ମହମ୍ମଦ, ଲଳୀତ ରାଉତ ଓ ମା ଭୈରବୀ ଫୁଟବଲ କ୍ଲବ କୁଡୁମୁଲୁଗୁମ୍ମାର ସମସ୍ତ ସଭ୍ୟ ସହଯୋଗ କରିଥିଲେ । ଶେଷରେ ଅତିଥି ମାନେ ବିଜୟ ଦଳ ବଲାଙ୍ଗିରକୁ ଟ୍ରଫି ସହିତ ନଗଦ ୫୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ରନର୍ସ ଅପ ଦଳକୁ ଟ୍ରଫି ସହିତ ନଗଦ ୩୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

### ପ୍ରଭାକର ରଥ ଜନ୍ମ ଶତ ବାର୍ଷିକୀ ସମିତିର ସମୀକ୍ଷା ବୈଠକ

ବଲାଙ୍ଗିର, (ପି.ଏନ): ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ଜନ୍ମ ଶତ ବାର୍ଷିକୀ ସମିତିର ଏକ ସମୀକ୍ଷା ବୈଠକ ବିଷ୍ଣୁମୁଣ୍ଡା ଠାରେ ଶିକ୍ଷାବିତ୍ କପିଳ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପଦେଷ୍ଟା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଘାସିରାମ ମିଶ୍ର, ଶିକ୍ଷାବିତ୍ ସତ୍ୟବନ୍ତ ବେଦବାକ ଓ ଟାଙ୍ଗିଆଜାମ୍ ମୁଖ୍ୟ ଗୋପାଳ ଚନ୍ଦ୍ର ହୋତା ବରେଣ୍ୟ ଅତିଥି ଭାବେ ଯୋଗଦେଇ ଶତ ବାର୍ଷିକୀର ସମସ୍ତ କାର୍ଯ୍ୟକ୍ରମ ଠିକ୍ ଭାବରେ ଏବଂ ସମାଜକୁ ପ୍ରଭାବିତ କରିଲା ଭଳି କାମ କରାଯାଇଥିଲା ଏବଂ ଏହି କାର୍ଯ୍ୟକ୍ରମରୁ ସମାଜର ସଚେତନ ନାଗରିକ ଓ ସଂଗଠନ ଗୁଡିକ ଶିକ୍ଷା କରିବାର ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସଂପାଦକ ମଧୁ ସାହୁ ବିବରଣୀ ପ୍ରଦାନ କରି ସମସ୍ତ କାର୍ଯ୍ୟକ୍ରମ ହୋଇପାରିଛି ବୋଲି କହିଥିଲେ । ଆବାହକ ମଦନ ମୋହନ ରଥ ସମସ୍ତ କାର୍ଯ୍ୟକର୍ତାଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ ।ଏହି ବୈଠକରେ ଗୋବିନ୍ଦ ଚନ୍ଦ୍ର ସେଠ୍, ସୁନାଧର ବନଛୋର, ଦୁର୍ଗା ସା ପ୍ରମୁଖ ମତବ୍ୟକ୍ତ କରିଥିଲେ ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୧୩ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୦ ଗୋଟି ଓ ସାମୁହିକ ଦରଖାସ୍ତ ୩ ଗୋଟି ଗ୍ରହଣ କରାଯାଇଛି। ୨ ଗୋଟି ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ, ସୋନପୁର ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଏସ ଇ ଆର ଡବ୍ଲୁ ଏସ ଏସ ଇଂ. ବିଭୁ ପ୍ରସାଦ ପଣ୍ଡା, ଡିଏମଓ ଡ଼ଃ. ଦୈତ୍ୟ ନାରାୟଣ ପାଢ଼ୀ, ଅବକାରୀ ଅଧିକ୍ଷକ ସୁମତୀ ତ୍ରିପାଠୀ, ତହସିଲଦାର ସୋନପୁର ନବୀନ କିଶୋର ପାଢ଼ୀ, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲ୍ଲା କଲ୍ୟାଣ ଅଧିକାରୀ ପାଲାକା ରବୀନ୍ଦ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ, ସୋନପୁର ସୂର୍ଯ୍ୟାଂଶୁ ରୁଟ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ ଶିବିରରେ ନିଶା ମୁକ୍ତ ଭାରତ ଅଭିଯାନ ପରିପ୍ରେକ୍ଷୀରେ ଜିଲ୍ଲା ଅବକାରୀ ବିଭାଗ ତରଫରୁ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ପୁଇଁନ୍ତଲା ବ୍ଲକ ସ୍ତରୀୟ ବିଜ୍ଞାନ ମେଳା

ବଲାଙ୍ଗୀର, (ପି.ଏନ): ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ରାକ୍ସିମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପୁଇଁନ୍ତଲା ବ୍ଲକ ସ୍ତରୀୟ ବିଜ୍ଞାନମେଳା ଆୟୋଜିତ ହୋଇଯାଇଛି । ପୁଇଁନ୍ତଲା ବ୍ଲକ ଶିକ୍ଷାଧିକାରୀ ଲୋକନାଥ ସୁନା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ପିପିର୍ଡା ସରପଂଚ ରୁବି ବାବୁ ମୁଖ୍ୟ ଅତିଥି, ଅର୍ଗାନାଇଜିଂ ସଂପାଦକ ବିନୋଦ ବିହାରୀ ପାଣିଗ୍ରାହୀ, ଆବାହକ ଗିରିଜା ବାର୍କି, ବ୍ଲକ ସଂଯୋଜକ ଜୟକୃଷ୍ଣ ନାଏକ, ମନୋରଞ୍ଜନ ତ୍ରିପାଠୀ, ଭବଦତ ମିଶ୍ର, ପରମେଶ୍ୱର ନାଗ, ନିଳମଣି ପଟେଲ, ଏବିଇଓ ଦୁର୍ବାଦଳ ମିଶ୍ର ଓ ଗୋପାଳ ବୁଡେକ ମଂଚାସିନ ଥିଲେ । କୁମ୍ଭାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ୱିତି ରଞ୍ଜନ ମହାଲିଙ୍ଗ ପର୍ଯ୍ୟବେକ୍ଷକ ଓ ସାଲେଭଟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଲକୃଷ୍ଣ ମହାନନ୍ଦ, ଉପରବାହାଲ ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ ତାରାକାନ୍ତ ମିଶ୍ର ବିଚାରକ ଭାବେ ଯୋଗଦାନ କରିଥିଲେ । ମେଳାରେ ୮୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଆଟଗାଁ ଉଚ୍ଚ ବିଦ୍ୟାଳୟର ସୋନାଲି ସାହୁ, ଛତାମଖନା ଉଚ୍ଚ ବିଦ୍ୟାଳୟର ସୋନୁ ପଧାନ, ଗଇଁନ୍ତଲା ଉଚ୍ଚ ବିଦ୍ୟାଳୟର ମିନକେତନ ପଟେଲ, ପଥର୍ଲା ଉଚ୍ଚ ବିଦ୍ୟାଳୟର ରାହୁଲ କୁମ୍ଭାର, କୁରୁଲ ଉଚ୍ଚ ବିଦ୍ୟାଳୟର ସୁନିଲ ପଟେଲ, ସାଉନ୍ତପୁର ଉଚ୍ଚ ବିଦ୍ୟାଳୟର ଅଲିଶା ତାଣ୍ଡି, ରାକ୍ସିମୁଣ୍ଡା ଉଚ୍ଚ ବିଦ୍ୟାଳୟର ରିତିକା ପୁଟେଲ ଶ୍ରେଷ୍ଠ ୭ଟି ପ୍ରକଳ୍ପ ଭାବେ ଜିଲ୍ଲା ସ୍ତରକୁ ମନୋନିତ ହେଲେ। ଉଦ୍ଯାପନି ଉତ୍ସବରେ ୧୭ ନଂ. ଜୋନ ଜିଲ୍ଲା ପରିଷଦର ସଭ୍ୟ ଶିବଦତ ମିଶ୍ର ମୁଖ୍ୟ ଅତିଥି, ସୁଧାଂଶୁ ବାବୁ ଓ ଅନ୍ୟ ସମସ୍ତ ଅତିଥି ପୁରସ୍କାର ବିତରଣ କରିଥିଲେ ।

## ବଲାଙ୍ଗିର ଠାରେ ବିଶ୍ୱ ମୃତିକା ଦିବସ ପାଳିତ – ମାଟି ର ଉପଯୁକ୍ତ ପରୀକ୍ଷା, ଯତ୍ନ ଓ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ

ବଲାଙ୍ଗିର, (ପି.ଏନ): ଲର୍କପାଲି ସ୍ଥିତ କୃଷି ବିଭାଗର ଆଂଚଳିକ ସଂପ୍ରସାରଣ ତାଲିମ ପ୍ରତିଷ୍ଠାନ ଠାରେ ଜିଲ୍ଲା କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗିର ମିଳିତ ଆନୁକୁଲ୍ୟରେ ବିଶ୍ୱ ମୃତିକା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାଷୀ ମାନେ ମୃତିକା ସଂରକ୍ଷଣ ତଥା ମାଟି ର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ମାଟି ର ଉର୍ବରତା ବୃଦ୍ଧି ସକାଶେ ମାଟି ର ପରୀକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଚାଷୀ ମାନଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ କାର୍ଯକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅଧିକାରୀ ମାନେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ସଚେତନତା ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ପୁଇଁତଲା ବ୍ଲକ ଜିଲ୍ଲା ପରିଷଦ ସଭ୍ୟ ଶିବଦତ ମିଶ୍ର, ବଲାଙ୍ଗିର ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ସଂଗୀତା ସୁନା, ଜଳଛାୟା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ମହିତୋଷ ଦାସ, ବଲାଙ୍ଗିର ବ୍ଲକ ର ଚାଷୀ ଉପଦେଷ୍ଟା କମିଟି ର ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ଭୋଇ ପ୍ରମୁଖ ଯୋଗଦେଇ ମୃତିକା ସ୍ୱାସ୍ଥ୍ୟ ପରୀକ୍ଷା, ଯତ୍ନ, ଗୁଣବତା ତଥା ସଂରକ୍ଷଣର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବଲାଙ୍ଗିର କୃଷି ବିଜ୍ଞାନ କେନ୍ଦ୍ର ର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ଼. ସତ୍ୟମୟ ଶତପଥି, ବୈଜ୍ଞାନିକ ରାହୁଲ ଦେବ ବେହେରା ଏହି ସଚେତନତା ସଭାରେ ଯୋଗଦେଇ ମୃତିକା ପରୀକ୍ଷା ର ପ୍ରକ୍ରିୟା, ଉପାଦେୟତା ଏବଂ ସମନ୍ୱିତ ଖାଦ୍ୟସାର ପରିଚାଳନା ଉପରେ ସୂଚନା ପ୍ରଦାନ କରିବା ସହ ଚାଷୀମାନେ ଏହାର ଆବଶ୍ୟକତା ଉପରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ ଏବଂ ଚଳିତ ବର୍ଷ ର ବିଷୟବସ୍ତୁ ମୃତିକାରୁ ଖାଦ୍ୟ ଆରମ୍ଭ ଉପରେ ଆଲୋଚନା କରିଥିଲେ । ଜିଲ୍ଲା କୃଷି ବିଭାଗର ମୃତିକା ରସାୟନବିତ ବିମ୍ବାଧର ସାହୁ ବିଶ୍ୱ ମୃତିକା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିବା ସହ ସଭା କାର୍ଯ ପରିଚାଳନା କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ମୃତିକାରୁ ଖାଦ୍ୟ ଆରମ୍ଭ ବିଷୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଏତଦବ୍ୟତୀତ ୧୫ ଜଣ ଚାଷୀଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ କରାଯାଇଥିଲା । ସଭାରେ ବକ୍ତୃତା ପତିଯୋଗିତାର କୃତି ପ୍ରତିଯୋଗୀ ମାନେ ମଧ୍ୟ ମୃତିକାରୁ ଖାଦ୍ୟ ଆରମ୍ଭ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଦିବସ ପାଳନ ଅବସରରେ ଭ୍ରାମ୍ୟମାଣ ମୃତିକା ପରୀକ୍ଷା ଭ୍ୟାନ ମାଧ୍ୟମରେ ମୃତିକା ପରୀକ୍ଷା କରାଯାଇଥିଲା ।ଏହି ସଚେତନତା ସଭାରେ କୃଷି ବିଭାଗର ଅଧିକାରୀ, କ୍ଷେତ୍ର କର୍ମଚାରୀଙ୍କ ସମେତ ବିଭିନ୍ନ ଅଂଚଳରୁ ଆସିଥିବା ଚାଷୀ ମାନେ ଉପସ୍ଥିତ ଥିଲେ । ସଭା ଶେଷରେ ମୃତିକା ରସାୟନବିତ ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପତଳା ଗ୍ରାମରେ ବିଜେପିର ସାଙ୍ଗଠନିକ ସଭା ଓ ବୁଥ କମିଟି ଗଠନ

ଚମ୍ପୁଆ, (ପି.ଏନ): ଧାମନଗର ରେ ବିଜେପି ର ବିଜୟ ପରେ ପଦ୍ମପୁର ରେ ମଂଚ ବିଜେପି ଜୟ ହେବାର ଚର୍ଚ୍ଚା ସାରା ଓଡ଼ିଶାରେ ଜୋର ଧରିଥିବା ବେଳେ ଚମ୍ପୁଆ ନିର୍ବାଚନ ମଣ୍ଡଳୀରରେ ମଂଚ ଜନ ସାଧାରଣଙ୍କ ମଂଚରେ ବିଜେପିକୁ ନେଇ ଚର୍ଚ୍ଚା ଜୋର ଧରିଛି । ଏଥିରେ ସୁରାକ ଯୋଗାଇଛନ୍ତି ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ । ନିକଟରେ ତିଆରି ହୋଇଥିବା ବୁଥ କମିଟି ପରି ଆଜି ମଂଚ ଚମ୍ପୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ ପତଳା ଗ୍ରାମରେ ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ସଭା ଓ ବୁଥ କମିଟି ଗଠନ ହୋଇଯାଇଛି । ଉକ୍ତ ଆୟୋଜିତ ସଭାରେ ଯୁବ ସଙ୍ଗଠକ, ଚମ୍ପୁଆ ଗ୍ରାମୀଣ ସାଧାରଣ ସମ୍ପାଦକ ଜର୍ମାନୀ ମହାନ୍ତଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ବକ୍ତା ଭାବେ ବିଜେପିର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପୂର୍ବତନ କୃଷକମୋର୍ଚ୍ଚା ରାଜ୍ୟ ସଂଯୋଜକ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଚମ୍ପୁଆ ଗ୍ରାମୀଣ ମଣ୍ଡଳ ସମ୍ପାଦକ ଚନ୍ଦ୍ରିକା ନାଏକ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣ ମୂଳକ ଯୋଜନା ପ୍ରଧାନମନ୍ତ୍ରୀ ଆବାସ ସହିତ ବିଭିନ୍ନ ଯୋଜନା ସମସ୍ତ ଯୋଗ୍ୟ ହିତାଧିକାରୀ କିପରି ପାଇ ପାରିବେ ସେ ସମ୍ପର୍କରେ ସବିଶେଷ ଆଲୋକପାତ କରି ଜନସାଧାରଣଙ୍କ ଶଙ୍କା ଦୂର କରିଥିଲେ ।

## ଓଡିଶା- ବିଦର୍ଭ କୁଚ ବେହାର ଟ୍ରଫି : ବିଦର୍ଭ ଏକ ଇଂନିସ୍ ଓ ୧୮୬ ରେ ବିଜୟୀ

ବଲାଙ୍ଗିର,(ପି.ଏନ): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଓଡିଶା ବନାମ ବିଦର୍ଭ ସର୍ବ ଭାରତୀୟ ୧୯ ବର୍ଷ ବର୍ଗ କୁଚ ବେହାର ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଂଟ ତୃତୀୟ ଦିବସରେ ବିଦର୍ଭ ଦଳ କାଲିର ଅସମାପ୍ତ ପାଳି ୪୪୩/୯ ରୁ ଖେଳ ଆରମ୍ଭ କରି ଆଜି ଆଉ ୮ ରନ ଯୋଡି ସମୁଦାୟ ୪୫୧ ରନ୍ ରେ ଅଲ୍ ଆଉଟ ହୋଇଯାଇଥିଲେ । ଏହାର ଜବାବ୍ ରେ ଓଡିଶା ଦଳ ପ୍ରଥମ ଇଂନିସ ଭଳିଆ ଦ୍ୱିତୀୟ ଇନିଙ୍ଗସ୍ ରେ ମଧ୍ୟ ବ୍ୟାଟିଂ ବ୍ୟର୍ଥତାର ସମ୍ମୁଖିନ ହୋଇ ମାତ୍ର ୧୧୬ ରନ୍ ରେ ଅଲ୍ ଆଉଟ ହୋଇଯାଇଥିଲେ । ଏହି ମ୍ୟାଚକୁ ବିଦର୍ଭ ଦଳ ଏକ ଇଂନିଙ୍ଗସ୍ ଓ ୧୮୬ ରନ୍ ରେ ବିଜୟ ଲାଭ କରିଥିଲେ । ଓଡିଶା ଦଳ ତରଫରୁ ଆଶିର୍ବାଦ ସ୍ୱାଇଁ ୨୫ ରନ୍, ଏସ୍. ଇଜାଉଦ୍ଦିନ୍ ୨୫ ରନ୍ ଓ ଆଦିତ୍ୟ ଜୟସିଂହ ୨୫ ରନ୍ ସଂଗ୍ରହ କରିଥିଲେ । ବିଦର୍ଭ ଦଳ ପକ୍ଷରୁ ପାର୍ଥିବ ମାହେଶ୍ୱରୀ ୨ ଗୋଟି, ରାଜସିଂ ଚୌହାନ ୩ ଗୋଟି, ଜଗଯୋତ ସିଂ ଗୋଟିଏ ଓ ଧର୍ମେନ୍ଦ୍ର ଠାରୁ ୩ ଗୋଟି ୱିକେଟ ଅକ୍ତିଆର କରିଥିଲେ । ଜଗଯୋତ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବରେ ପୁରସ୍କୃତ କରିଯାଇଥିଲା ।ଆଜି ଏହି ଉଦ୍ଯାପନି ଉତ୍ସବ ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ବିକ୍ରମାନନ୍ଦ ବହିଦାର ମୁଖ୍ୟ ଅତିଥି, ନୂଆପଡା କ୍ରିକେଟ ଏସୋସିଏସନ ର ସଂପାଦକ ସରୋଜ ସାହୁ, ସୋନପୁର କ୍ରିକେଟ ଏସୋସିଏସନର ସଂପାଦକ ପ୍ରଦୀପ ସେଠି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉପ-ସଭାପତି ଡ. ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂହ, କୋଷାଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, ଫୁଟବଲ ସଂପାଦକ ହେମନ୍ତ ବେହେରା, ବରିଷ୍ଠ ସଭ୍ୟ ସୁଧିର ଚନ୍ଦ୍ର ପଣ୍ଡା, ରମାକାନ୍ତ ସେଠ, ରାଜେନ୍ଦ୍ର ପୁରୋହିତ, ସଂଗ୍ରାମ ବହିଦାର, ଏଥେଲଟିକ୍ ସଂପାଦକ ବିଭୁତି ଭୂଷଣ ପଣ୍ଡା, , କ୍ରିକେଟ କୋଚ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

### ସିଡିପିଓ଼ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନବାଡି କର୍ମୀଙ୍କ ଧାରଣା ଓ଼ ପ୍ରତିବାଦ ୧୪ ଦିନରେ, ଛତୁଆ ବଂଟନ ବାଧାପ୍ରାପ୍ତ

ଭବାନୀପାଟଣା, (ପି.ଏନ):ଅଲ ଓଡିଶା ଅଙ୍ଗନୱାଡି ସଂଘ ର କାର୍ଯ୍ୟ ବନ୍ଦ ଆନ୍ଦୋଳନ୧୪ ଦିନରେ ପହଁଚିଲେ ମଧ୍ୟ ସରକାର କିମ୍ବା ପ୍ରଶାସନ କର୍ଣ୍ଣପାତ କରିନାହାନ୍ତି। ପ୍ରତି ଜିଲ୍ଲାରେ ସିଡିପିଓ଼ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀ ମାନେ ନାରାବାଜି ଓ଼ ପ୍ରତିବାଦ ଆନ୍ଦୋଳନ କରୁଛନ୍ତି। ବିଭାଗୀୟ ଅଧିକାରୀ ମାନେ ଅସହଯୋଗ କରୁଥିବା ପ୍ରକାଶ। ଆନ୍ଦୋଳନ କରୁଥିବା ବେଳେ ସି ଡି ପି ଓ଼, ସୁପର ଭାଇଜର ମାନେ ଛତୁଆ ବଂଟନରେ ନିୟୋଜିତ ହେଲେ ମଧ୍ୟ ହଟହଟାର ଶିକାର ହେବାକୁ ପଡୁଛି। ଅଙ୍ଗନୱାଡି କର୍ମୀଙ୍କ ଆଠ ଗୋଟି ଦାବି ମଧ୍ୟରୁ କୋଣସି ଦାବି ସରକାର ଏଯାଏଁ ପୂରଣ କରିନଥିବା ବେଳେ ଛତୁଆ ବଣ୍ଟନ କରୁଥିବାରୁ ସଂଘ ତରଫରୁ ନିନ୍ଦା କରୁଥିବା ପ୍ରକାଶ। ଛତୁଆ ବଂଟନକୁ ବନ୍ଦ ରଖିବାକୁ କର୍ମୀ ମାନେ ଦାବି କରୁଛନ୍ତି ଏବଂ ପ୍ରଶାସନ ଅଙ୍ଗନବାଡି କର୍ମୀଙ୍କୁ ସହଯୋଗ କରି ସରକାର ଦାବି ପୂରଣ କାରବାକୁ ଅନୁରୋଧ କରୁଛନ୍ତି। ଆନ୍ଦୋଳନ ପ୍ରତ୍ୟାହାର ହେଲେ ସମସ୍ତ ସରକାରୀ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା କରାଯିବ ବୋଲି ଅଙ୍ଗନୱାଡି କର୍ମୀ ମାନେ ପ୍ରକାଶ କରିଛନ୍ତି।

## ଦିବ୍ୟ ଜୀବନ ସଂଘ ପକ୍ଷରୁ ଭଗବତୀ ନଗର ଠାରେ ଗୀତା ଜୟନ୍ତୀ ପାଳିତ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ଦିବ୍ୟ ଜୀବନ ସଂଘ ପକ୍ଷରୁ ଭଗବତୀ ନଗର ଠାରେ ଆଜି ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ହୋମ ରେ କର୍ତା ରୂପେ ରାଧାବଲ୍ଲଭ ପରିଛା ଓ ପ୍ୟାରୀ ମୋହନ ଦାଶ ଯୋଗଦେଇ ଗୀତା ର ସମସ୍ତ ଶ୍ଲୋକରେ ଆହୁତି ଦେଇ ଗୀତା ଯଜ୍ଞ କରିଥିଲେ। ଗୁରୁଭାଇ ଓ ଭଉଣୀ ମାନେ ଗୀତା ର ଆବୃତି ପୂର୍ବକ ଆହୁତିରେ ଭାଗ ନେଇଥିଲେ।ବରିଷ୍ଠ ସଦସ୍ୟ ଓ କର୍ମକର୍ତା ମାନଙ୍କ ମଧ୍ୟରେ ସଭାପତି ରବି ଚନ୍ଦ୍ର ଉଦ୍ଗାତା, ସାଧାରଣ ସମ୍ପାଦକ ରଘୁନାଥ ବାବୁ, ସହ ସମ୍ପାଦକ ରୀତା ବକ୍ସି, କୋଷାଧ୍ୟକ୍ଷ ପ୍ରମୋଦ ରଞ୍ଜନ ପାଣ୍ଡିଆ, ଗୋପାଳ ନାୟକ, ପ୍ରଭାତ ରଞ୍ଜନ ପାଣ୍ଡିଆ, ପଦ୍ମନାଭ ଭୋଇ, ପଙ୍କଜିନି ବାବୁ, ନିହାରିକା ମିଶ୍ର, ଡା ନିତ୍ୟାନନ୍ଦ ଦାଶ ଠାକୁର, ଇ କିଶୋର ମୋହନ ମିଶ୍ର, ମୃଣ୍ମୟୀ ମିଶ୍ର, ଚିନ୍ମୟୀ ମିଶ୍ରଙ୍କ ବ୍ୟତୀତ ଶତାଧିକା ଭକ୍ତ ଉପସ୍ଥିତ ଥିଲେ। ପୂଜକ ରୂପେ ନବୀନ ଚନ୍ଦ୍ର ହୋତା ଓ ସହଯୋଗୀ ସୁଦାମ ମିଶ୍ର ପୂଜା କର୍ମ ପରିଚାଳନା କରିଥିଲେ।

## ମୋ ଭାଷା ସାହିତ୍ୟ ତରଫରୁ ସମ୍ବର୍ଦ୍ଧିତ କନ୍ଧମାଳର ଡ଼ଃ ନୃସିଂହାନନ୍ଦ

କନ୍ଧମାଳ, (ପି.ଏନ): କନ୍ଧମାଳର ବରିଷ୍ଠ ସାହିତ୍ୟିକ, ଶିକ୍ଷାବିତ ଓ ସମାଜସେବି ଡ଼ଃ. ନୃସିଂହାନନ୍ଦ ମହାପାତ୍ର ଯମ୍ବରା, କେନ୍ଦୁଝରର ମୋ ଭାଷା ସାହିତ୍ୟ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଅନୁଷ୍ଠାନର ରାଜ୍ୟସ୍ତରୀୟ ଏକାଦଶ ଅନନ୍ୟା ମହୋତ୍ସବ ଅବସରରେ ଆୟୋଜିତ ଏହି ସାରସ୍ୱତ ସମାବେଶରେ ଡ଼ଃ. ମହାପାତ୍ରଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଶାର ବିଭିନ୍ନ ସ୍ଥାନରୁ ବହୁ ପ୍ରତିଷ୍ଠିତ ସାହିତ୍ୟିକ ମାନେ ଯୋଗଦେଇଥିଲେ। ସାହିତ୍ୟିକା ମାନସୀ ବେହୁରା, ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ, ବାଇଡଙ୍କ ବାବା,ଏ ବି ଇ ଓ ସୁରେଶ ଚନ୍ଦ୍ର ଜେନା, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ପିନାକୀ ମିଶ୍ର, ସାହିତ୍ୟିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଡ଼ଃ. ଅଲେଖ ପ୍ରସାଦ ମହାରଣା, ପୁଷ୍ପିତା ପହି, ଅକ୍ଷୟ କୁମାର ମଲ୍ଲିକ ଯୋଗ ଦେଇଥିଲାବେଳେ ପ୍ରତିଷ୍ଠାତା ସମ୍ପାଦକ ନାରାୟଣ ଚନ୍ଦ୍ର ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଡ଼ଃ. ମହାପାତ୍ର ଫୁଲବାଣୀ ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନର ସହକାରୀ ତାଲିମ ଅଧିକାରୀ ଥିଲାବେଳେ ଜିଲ୍ଲା ଲେଖକ ସାମ୍ମୁଖ୍ୟ, ସମ୍ବାଦ ସାହିତ୍ୟ ଘର ରୋଟାରି କ୍ଲବ, ରକ୍ତଦାତା ସଂଗଠନ ନିରଞ୍ଜନ ଦିବ୍ୟାଙ୍ଗ ସେବା ସମିତି ତଥା ରାଜ୍ୟର ବହୁ ସାହିତ୍ୟ ଅନୁଷ୍ଠାନ ସହ ଜଡିତ ଅଛନ୍ତି। ତାଙ୍କର ଏହି ସଫଳତା ପାଇଁ ସବୁଠୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଟିବି ହାରେଗା ଦେଶ ଜିତେଗା : ଟିବି ମୁକ୍ତ ପାଇଁ କନ୍ଧମାଳକୁ ପୋଷ୍ୟ ଭାବେ ଗ୍ରହଣ କଲା କିସ୍ ଫାଉଣ୍ଡେସନ୍

କନ୍ଧମାଳ, (ପି.ଏନ): ୨୦୨୫ ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଅଭିଯାନ 'ଟିବି ହାରେଗା ଦେଶ ଜିତେଗା'ରେ ବିଭିନ୍ନ ରାଜ୍ୟରେ ଟିବି ନିରାକରଣ ଉପରେ ଗୁରୁତ୍ୱ ଦିଆଯାଉଛି । ଯକ୍ଷ୍ମା ମୁକ୍ତ ଅଭିଯାନରେ ସାମିଲ ହୋଇ କନ୍ଧମାଳ ସାଂସଦ ତଥା କିସ୍ ଫାଉଣ୍ଡେସନ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କନ୍ଧମାଳ ଜିଲ୍ଲାକୁ ପୋଷ୍ୟ ଜିଲ୍ଲା ଭାବେ ଗ୍ରହଣ କରି କନ୍ଧମାଳ ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ପଦକ୍ଷେପ ନେଇଛନ୍ତି । ସୋମବାର ସାଂସଦ ଅଚ୍ୟୁତ ସାମନ୍ତ ଏହି ଜିଲ୍ଲାର ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ସହାୟତା 'ଖାଦ୍ୟ ବାସ୍କେଟ' ବଂଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଖାଦ୍ୟ ବାସ୍କେଟରେ ପ୍ରତିମାସ ବୟସ୍କ ରୋଗୀଙ୍କ ପାଇଁ ୩ କିଲୋ ଶସ୍ୟ ଓ ବାଜରା ଦିଆଯାଉଥିବା ବେଳେ ପିଲାଙ୍କ ପାଇଁ ୨ କିଲୋ ଶସ୍ୟ ଓ ବାଜରା; ବୟସ୍କ ଓ ପିଲାଙ୍କ ପାଇଁ ଯଥାକ୍ରମେ ୧.୫ କିଲୋ ଓ ୧, ଡାଲି ୨୫୦ ଗ୍ରାମ ଓ ୧୫୦ ଗ୍ରାମ ପନିପରିବା, ରନ୍ଧନ ତେଲ ୧ କିଲୋ ଓ ୭୫୦ ଗ୍ରାମ ଚିନାବାଦାମ ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ଫୁଲବାଣୀଠାରେ କନ୍ଧମାଳ ଜିଲ୍ଲାର ୬ଟି ବ୍ଲକ୍ ଓ ବାଲିଗୁଡ଼ାଠାରେ ଜିଲ୍ଲାର ଆଉ ୬ଟି ବ୍ଲକ୍ର ୩୯ଜଣ ଶିଶୁଙ୍କ ସମେତ ମୋଟ ୬୦୬ ଜଣ ଟିବି ରୋଗୀଙ୍କୁ ପୋଷକ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ପ୍ରତିମାସ ଏହି କାର୍ଯ୍ୟକ୍ରମ ଜାରି ରହିବ । ପୋଷକ ଖାଦ୍ୟ ବଣ୍ଟନ ବାବଦରେ ଜିଲ୍ଲାର ସମସ୍ତ ରୋଗୀଙ୍କ ପାଇଁ ମାସିକ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ । ୬ ମାସରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ଏବଂ ଏଥିପାଇଁ ମୋଟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ । ଏହାବାଦ ସମସ୍ତ ଖର୍ଚ୍ଚ ମଧ୍ୟ କିସ୍ ଫାଉଣ୍ଡେସନ୍ ବହନ କରିବ ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଛନ୍ତି ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଉପମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ ପଟ୍ଟନାୟକ ଏବଂ ଜିଲ୍ଲା ଏଡିପିଏଚ୍ଓ (ଟିବି) ପ୍ରମୁଖ ଉପସ୍ଥିତ ଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Wednesday December 07, 2022 ଭୁବନେଶ୍ୱର ବୁଧବାର, ଡିସେମ୍ବର ୦୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




# ପାରାଦୀପ ମହାବିଦ୍ୟାଳୟ ଏନ.ସି.ସି ତରଫରୁ ପ୍ରଦୂଷଣ ନିୟନ୍ତ୍ରଣ ସଚେତନତା

ଶୋଭାଯାତ୍ରା, (ପି.ଏନ): ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ସପ୍ତାହ ଉପଲକ୍ଷେ ମଙ୍ଗଳବାର ଦିନ ପାରାଦୀପ ମହାବିଦ୍ୟାଳୟର ଏନ୍.ସି.ସି ଅଧିକାରୀ ଲେପ୍ଟନାଂଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ନାଭାଲ ୱିଙ୍ଗ୍ କ୍ୟାଡେଟ୍ ମାନେ ଏକ ସଚେତନତା ରାଲି କରିଥିଲେ । ମହାବିଦ୍ୟାଳୟ ଅଧକ୍ଷା ଡଃ. ସସ୍ମିତା ଶତପଥି ଏହି ରାଲିକୁ ପତାକା ଦେଖାଇ ଉଦଘାଟନ କରିଥିଲେ । ଏହି ରାଲି ମହାବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ସଚେତନତା ସ୍ଲୋଗାନ, ବ୍ୟାନର ସହିତ ବନ୍ଦର ନଗରୀର ବିଭିନ୍ନ ରାସ୍ତାର ପରିକ୍ରମା କରିଥିଲେ । ପାରାଦୀପ ଆଦର୍ଶ ଥାନା ନିକଟବର୍ତି ପ୍ରେସ ଛକ ଠାରେ ସାମ୍ବାଦିକ ସଂଘ ତରଫରୁ ରାଲିକୁ ସ୍ୱାଗତ କରାଯାଇଥିଲା । ସଂଘର ବରିଷ୍ଠ ସାମ୍ବାଦିକ ସଂଜୟ ମିଶ୍ର, ଶରତ ରାଉତ, ଶଶାଙ୍କ ଶେଖର ଆଚାର୍ଯ୍ୟ ପ୍ରମୁଖ କ୍ୟାଡେଟ ମାନଙ୍କ ଦ୍ୱାରା ବିଭିନ୍ନ ସମୟରେ କରାଯାଉଥିବା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ପ୍ରଦୂଷଣ ନିୟନ୍ତ୍ରଣର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ଏହି ରାଲି ଗନ୍ତବ୍ୟ ସ୍ଥାନକୁ ଫେରିବା ପରେ ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ଅଧାପକ ଗଣେଶ୍ୱର ପାତ୍ର କ୍ୟାଡେଟ ମାନଙ୍କ ସହ ରାଲିର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।




## କେନ୍ଦୁଝର ଜିଲ୍ଲା ଶିକ୍ଷକ ଓ କର୍ମଚାରୀ ମିଳିତ ସମନ୍ୱୟ ସମିତି ବୈଠକ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ଓଷ୍ଟାର ଶିକ୍ଷକ ଭବନ ଠାରେ ଆସନ୍ତା ୭ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ ପାଇଁ ଏକ ପ୍ରସ୍ତୁତି ବୈଠକ ଓଷ୍ଟା, ଆଲୋଷ୍ଟା, ମାଦ୍ରାସା କଲେଜ ଶିକ୍ଷକ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଷ୍ଟା ଜିଲ୍ଲା ସଭାପତି ରଘୁନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ସାମଲ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ପୂର୍ବତନ ସଭାପତି ଶାନ୍ତନୁ ମିଶ୍ର, ପ୍ରସନ୍ନ ରଥ, ଉପଦେଷ୍ଟା ରବିନ୍ଦ୍ର କୁମାର ପଣ୍ଡା, ସୟ ବସନ୍ତ ଚକ୍ର, କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ମହାନ୍ତ, ପ୍ରଦୀପ ହଜାରୀ, ଯୁଗ୍ମ ସମ୍ପାଦକ ମୃତ୍ୟୁୟ ପଲେଇ, ଉପସଭାପତି ମନ୍ମଥ ମହାନ୍ତ, ରନ ଘଡେଇ, ଇସି ମେମ୍ବର ପୂର୍ଣ୍ଣଚନ୍ଦ୍ର ବେହେରା, ବିଷ୍ଣୁ ସାମଲ, କଲେଜ ନେତା ସୁଧାଂଶୁ ମୋହନ ସାହୁ ପ୍ରମୁଖ ଯୋଗ ଦେଇ କିପରି ବିକ୍ଷୋଭ ଓ ରାଲିକୁ ସଫଳ କରିବା ପାଇଁ ବକ୍ତବ୍ୟ ରଖିଥିଲେ । ଆସନ୍ତା ୭ ତାରିଖ ଏବଂ ୧୭ ତାରିଖରେ ରାଜ୍ୟ ସମାବେଶକୁ ଯୋରଦାର କରିବା ପାଇଁ ସମସ୍ତେ ଯୋଗଦାନ କରିବା ପାଇଁ ନିବେଦନ କରିଥିଲେ ।

## ଏସ.ଏସ.ବି ଅଧାପକ ସଂଘର ଜିଲ୍ଲା ସ୍ତରୀୟ ବୈଠକ

ଚଣ୍ଡିଖୋଲ,(ପି.ଏନ): ସମାନ କାମକୁ ସମାନ ଦରମା ଦାବୀରେ ଯାଜପୁର ଜିଲ୍ଲା ଏସ.ଏସ.ବି ଅଧାପକ ସଂଘର ଏକ ବୈଠକ ଚଣ୍ଡିଖୋଲ ସ୍ଥିତ ପୂର୍ତ ବିଭାଗ ଡ଼ାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଏସ.ଏସ.ବି ସମ୍ପାଦକ ଅଧାପକ ପତିତ ପାବନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଭାପତି ରଜତକାନ୍ତ ଦାସ ସଂଘର ବିଭିନ୍ନ ଦାବୀ ଉପସ୍ଥାପନ କରିଥିଲେ । ରାଜ୍ୟ ଶିକ୍ଷା ବିଭାଗ ଅଧିନରେ ଥିବା ବୈଧାନିକ ସଂସ୍ଥା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ.ଏସ.ବି) ଦ୍ୱାରା ଏକ କଠିନ ନିଯୁକ୍ତି ପ୍ରକ୍ରିୟା ଦେଇ ସେମାନେ ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ବେସରକାରୀ କଲେଜଗୁଡ଼ିକରେ ଅଧାପକ/ଅଧାପିକା ଭାବେ ନିଯୁକ୍ତି ପାଇଛନ୍ତି । ଏସ.ଏସ.ବି ଦ୍ୱାରା ବିଭିନ୍ନ ବିଷୟରେ ନିଯୁକ୍ତ ଅଧାପକ/ ଅଧାପିକାମାନେ ରାଜ୍ୟର ପ୍ରାୟ ୮୦% ସ୍ନାତୋକ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ସି.ବି.ସି.ଏସ ପାଠ୍ୟକ୍ରମ ଅନୁସାରେ ପାଠ ପଢାଉଛନ୍ତି । ମାତ୍ର ପରିତାପର ବିଷୟ ଯେ, ଓ.ପି.ଏସ.ସି ଦ୍ୱାରା ନିଯୁକ୍ତ ଅଧାପକ/ଅଧାପିକ ତୁଳନାରେ ଏସ.ଏସ.ବି ଅଧାପକଙ୍କୁ ୪୬୦୦ ପେ ସ୍କେଲ ଅନୁସାରେ ବହୁ କମ୍ ଦରମା ମିଳୁଛି । ଏଣୁ ଏସ.ଏସ.ବି ନିଯୁକ୍ତ ଅଧାପକଙ୍କ ପ୍ରାରମ୍ଭିକ ପେ ସ୍କେଲକୁ ୪୬୦୦ ପରିବର୍ତେ ୫୪୦୦ ପେ ସ୍କେଲରୁ ଆରମ୍ଭ କରିବାକୁ ଦାବୀ ଉପସ୍ଥାପନ କରିଥିଲେ । ଏଥିସହ ଓ.ପି.ଏସ.ସି ନିଯୁକ୍ତ ଅଧାପକ/ ଅଧାପିକାଙ୍କ ଭଳି ସେମାନଙ୍କ ପଦୋନ୍ନିତି ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ଏହି ବୈଠକରେ ଦାବୀ କରାଯାଇଥିଲା । ଏଥି ସହିତ ଅବସରକାଳୀନ ବୟସସୀମା ୬୦ ରୁ ୬୨ବର୍ଷ ବୃଦ୍ଧି, ରାଜ୍ୟ ସରକାରଙ୍କ ଦ୍ୱାରା ଏସ.ଏସ.ବି ଅଧାପକଙ୍କୁ ଅନୁଦାନ ବଦଳରେ ସିଧାସଳଖ ଦରମା ପ୍ରଦାନ, ଗୃହ ଭର୍ତା ପ୍ରଦାନ ଆଦି ଦାବୀ ଉପସ୍ଥାପନ କରିଥିଲେ । ଜିଲ୍ଲା ସଂଯୋଜକ ଅଧାପକ ସାମୁଏଲ କୁମାର ଲିମା, ଅଧାପକ ସଦୀପ କୁମାର ମାଝି ସଭା ପରିଚାଳନା କରିଥିଲା ବେଳେ ଜିଲ୍ଲା ଏସ.ଏସ.ବି ସଂଘର ଉପ ସଭାପତି ଅଧାପକ ଡ଼ଃ ଦୀପ୍ତି ରଂଜନ ସେନାପତି ଏବଂ ଯୁଗ୍ମ ସମ୍ପାଦକ ଅଧାପକ ମୃତ୍ୟୁଞ୍ଜୟ ଦାସଙ୍କୁ ସର୍ବସମ୍ମତୀ କ୍ରମେ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ଏହି ବୈଠକରେ ଜିଲାର ବିଭିନ୍ନ କଲେଜର ଅଧାପକ/ ଅଧାପିକାମାନେ ଯୋଗ ଦେଇଥିଲେ ।

## ପାରାଦୀପ ବନ୍ଦରରେ ପାନୀୟ ଜଳ ଯୋଗାଣରେ ଲାଗିଲା କଟକଣା

ପାରାଦୀପ,(ପି.ଏନ):ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ତାଳଦଣ୍ଡା କେନାଲର ପୁର୍ନଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ଏଥି ନିମନ୍ତେ ତାଳଦଣ୍ଡା କେନାଲରେ ଜଳ ଯୋଗାଣ ବନ୍ଦ ରହିଛି । ଏହାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଛି । ବନ୍ଦର ପକ୍ଷରୁ ଯୁଗ୍ମ ତାରିଖରେ ଦୁଇ ଥର ଓ ଅଯୁଗ୍ମ ତାରିଖରେ ଥରେ ପାନୀୟ ଜଳ ଯୋଗାଣ କରାଯିବ ବୋଲି ଘୋଷଣା କରାଯାଇଛି । ସୂଚନା ଥାଉକି,ପାରାଦୀପ ବନ୍ଦରର ଜଳ ଭଣ୍ଡାରରୁ ଗଚ୍ଛିତ ଥିବା ଜଳରୁ ନିୟନ୍ତ୍ରିତ ଭାବେ ବନ୍ଦର ପ୍ରଶାସନ ଯୋଗାଇ ଦେବେ ।

# ସ୍ୱାସ୍ଥ୍ୟ ପ୍ରଦାନ କ୍ଷେତ୍ରରେ ବ୍ୟାପକ ଅବହେଳା, ଡାକ୍ତର ଅଭାବ ହେତୁ କଷ୍ଟ ଭୋଗୁଛନ୍ତି ଗ୍ରାମାଞ୍ଚଳ ରୋଗୀ

ଯୋଡା,(ପି.ଏନ): ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି । ବିଶେଷ କରି ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଯେପରି ଏହି ଜରୁରୀକାଳୀନ ସେବା ପହଂଚି ପାରିବ ସେ ନେଇ ସରକାର ଆଗ୍ରହ ଦେଖାଉଛନ୍ତି । ଏଥିନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟମ ହୋଇଛି । କିନ୍ତୁ ଯୋଜନା ଗୁଡିକ ବାସ୍ତବ ରୂପେ କାର୍ଯ୍ୟକାରୀ ହୋଇପାରୁ ନାହିଁ । ଏପରି ଏକ ସମସ୍ୟା ଦେଖା ଦେଇଛି କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ । ବିଶେଷ କରି ଗ୍ରାମାଞ୍ଚଳରେ କମ୍ ଖର୍ଚ୍ଚ ଓ ସୁବିଧାରେ ରୋଗୀ ସେବା ଯୋଗାଇ ଦେବା ଏହି ଡାକ୍ତରଖାନାର ଉଦ୍ଦେଶ୍ୟ ଥିଲା । ହେଲେ ଗୋଷ୍ଠୀ କେନ୍ଦ୍ରର ଅବ୍ୟବସ୍ଥା ଯୋଗୁଁ ରୋଗୀ ସ୍ୱାସ୍ଥ୍ୟ ସେବା ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ହୋଇଛି । ଖଣି ପ୍ରବଣ ଅଂଚଳର ରୂପେ ପରିଚିତ କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକର ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟୟ ହୋଇ ପଡିଛି । ସରକାର ବିଭିନ୍ନ ଯୋଜନା ଅନୁସାରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଥିଲେ ହେଁ ପ୍ରଶାସନର ଦୂରଦୃଷ୍ଟି ଅଭାବ ସହ ସ୍ୱାସ୍ଥ୍ୟ କର୍ମଚାରୀ ପଦ ଖାଲି ପଡିଥିବାରୁ ଗ୍ରାମାଞ୍ଚଳ ତଥା ଅପହଂଚ ଅଂଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଂଚିତ ହୋଇ ଅସୁବିଧା ଭୋଗୁଥିବା ନଜରକୁ ଆସିଛି । ପୂର୍ବରୁ ୧୬ ଶଯ୍ୟା ଥିବା ବେଳେ ଏବେ ୨୦ ଶଯ୍ୟା ବିଶିଷ୍ଟ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ରୋଗୀ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଯୋଡା, ଚମ୍ପୁଆ ଓ ଝୁମ୍ପୁରା ବ୍ଲକ ଅଂଚଳର ଜନସାଧାରଣ ନିର୍ଭର କରିଥାନ୍ତି । ଉକ୍ତ ଗୋଷ୍ଠୀ କେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବା ବେଳେ ଦୀର୍ଘଦିନ ଧରି ଅଧିକାଂଶ ଡାକ୍ତର ପଦବୀ ଖାଲି ପଡିଥିବାରୁ ୪ଜଣ ଡାକ୍ତରଙ୍କ ଭରସାରେ ଚାଲିଛି ଏହି ସ୍ୱାସ୍ଥ୍ୟ କେନ୍ଦ୍ର । ଫଳରେ ସାଧାରଣ ଜନତା ବାଧ ହୋଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଅବା କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ବାଧ ହେଉଛନ୍ତି । ବିଶେଷ କରି ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୁର୍ଘଟଣାଗ୍ରସ୍ତ ରୋଗୀ ଆସିଥାନ୍ତି । ମାତ୍ର ଡାକ୍ତରଖାନାରେ ଡାକ୍ତର ଅଭାବ ସାଙ୍ଗକୁ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଏଠାରୁ ରୋଗୀ ସେବା ସଠିକ୍ ଭାବରେ ପାଇପାରୁ ନାହାଁନ୍ତି । ଫଳରେ ଲୋକେ ଭରସା ତୁଟାଇ ବାହାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି । ବିଭିନ୍ନ ସ୍ୱାସ୍ଥ୍ୟ ସେବା ଉପକରଣ ସହିତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ସେବାଗୃହ, ପ୍ରସୂତୀଙ୍କ ପାଇଁ ପ୍ରସୂତୀ ଗୃହ, ଗର୍ଭବତୀ ମହିଳା ଓ ଶିଶୁଙ୍କୁ ନିୟମିତ ଟୀକା ପ୍ରଦାନ ବ୍ୟବସ୍ଥା ଚାଲୁ ରହିଥିଲେ ହେଁ ବିଶେଷଜ୍ଞ ଡାକ୍ତର ଅଭାବ ସହିତ ସ୍ୱାସ୍ଥ୍ୟ କର୍ମଚାରୀ ଅଭାବ ନେଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ୭ଜଣ ବିଶେଷଜ୍ଞ ଡାକ୍ତର ଆବଶ୍ୟକ ହେଉଥିବା ବେଳେ ଜଣେ ନିୟମିତ ଡାକ୍ତର, ଜଣେ କଣ୍ଟ୍ରାକ୍ଟୁଆଲ, ଜଣେ ଡିଏମ୍ଏଫରୁ ଡାକ୍ତର ଓ ଜଣେ ହେଡ୍ କ୍ୱାର୍ଟର ଡାକ୍ତର ଡେପୁଟେସନରେ ଆସି ସ୍ୱାସ୍ଥ୍ୟ ସେବା ଚଳାଉଥିବା ଦେଖାଯାଉଛି । ତେବେ ବିଶେଷଜ୍ଞ ଡାକ୍ତର ନଥିବା ହେତୁ ଗ୍ରାମାଞ୍ଚଳକୁ ଆସୁଥିବା ରୋଗୀମାନେ ମଧ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି ପାହାଡିଆ ଅଂଚଳ ତଥା ଜାତୀୟ ରାଜପଥର କିଛି ବ୍ୟବଧାନରେ ହୋଇଥିବା ବେଳେ ସେଠାକୁ ଦୈନିକ ଦୁର୍ଘଟଣାଜନିତ ରୋଗୀ ଆସି ସେବା ନପାଇ ଅନ୍ୟତ୍ର ଯାଉଥିବା ବେଳେ ଅନେକ ଗୁରୁତର ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି । ଅନ୍ୟ ପକ୍ଷରେ ଗ୍ରାମାଞ୍ଚଳର ଦୁର୍ଗମ ବାସିନ୍ଦା ସ୍ୱାସ୍ଥ୍ୟସେବାରୁ ବଂଚିତ ହେଉଛନ୍ତି । ଏପରି ସ୍ୱାସ୍ଥ୍ୟ ସମସ୍ୟା ଜିଲ୍ଲା ପ୍ରଶାସନ ଜ୍ଞାତସାରରେ ଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ ନକରିବା ସାଧାରଣରେ ଭିନ୍ନ ଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାସୁଦେବପୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କିଛି ଅଂଶ ଘରୋଇ ଜମି ମାଲିକାନାରେ ଥିବାବେଳେ ଡାକ୍ତରଖାନାର ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ ସମେତ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ଅଧାରେ ଲଟକି ରହିଛି । ଆଉ ଏକ ସମସ୍ୟା ହେଉଛି ପାନୀୟ ଜଳ । ଓଭରହେଡ୍ ଟ୍ୟାଙ୍କ ନଥିବା କାରଣରୁ ପାଣିର ସମସ୍ୟା ରହିଥିବା ଜଣାପଡିଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସେବା ନଥିବା ବେଳେ ଆମ୍ବୁଲାନ୍ସ ସେବା କରାଇବା ପାଇଁ ୨୮ନଂ ଜୋନ୍ ଜିଲ୍ଲାପରିଷଦ ଡମ୍ବରୁଧର କୁଦାଦାଃ ଦାବି କରିଥିଲେ । ଏ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ମଧ ଅଭିଯୋଗ କରିଥିଲେ । ସରକାରଙ୍କ ଆମ୍ବୁଲାନ୍ସ ସେବା ଅନୁଯାୟୀ ୧୦୮ ଆମ୍ବୁଲାନ୍ସ ସେବା ପାଇଁ ଫୋନ୍ କରିବାର ୩୫ମିନିଟ୍ ମଧରେ ରୋଗୀ ପାଖକୁ ଆମ୍ବୁଲାନ୍ସ ପହଂଚିବା ଉଚିତ । ମାତ୍ର ୨୮ନଂ ଜୋନ୍‌ରେ ଥିବା ୫ଟି ପଂଚାୟତ ଯଥା ଦେଓଝର, ବିରିକଳା, ଚମକପୁର, କଣ୍ଡରା ଓ ଅଂଶେଇକଳା ପଂଚାୟତବାସୀ ଏହି ସେବା ପାଇବାରେ ବିଳମ୍ବ ଘଟୁଥିବା ଅଭିଯୋଗ କରିଛନ୍ତି । ତେବେ ଡାକ୍ତର ସମସ୍ୟା ସାଙ୍ଗକୁ ଅନ୍ୟ ଆନୁସଙ୍ଗିକ ସମସ୍ୟା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ବେଳେ ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ଆମ୍ବୁଲାନ୍ସ ସେବା ସହ ଅନ୍ୟ ଆନୁସଙ୍ଗିକ କାର୍ଯ୍ୟ ପ୍ରତି ନିଘା ଦେବାକୁ ସାଧାରଣରେ ଦାବି ହେଉଛି ।



## ସାହିତ୍ୟ ଦର୍ପଣର ୪ର୍ଥ ବାର୍ଷିକ ଉତ୍ସବର ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ ,(ପି.ଏନ): ରାଜ୍ୟର ଅଗ୍ରଣୀ ସାହିତ୍ୟ ପତ୍ରିକା ସାହିତ୍ୟ ଦର୍ପଣ ଆନୁକୁଲ୍ୟରେ ଆସନ୍ତା ୧୧ତାରିଖ ଦିନ ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପ ଠାରେ ୪ର୍ଥ ବାର୍ଷିକ ରାଜ୍ୟ ସ୍ତରୀୟ ମହାବିନାୟକ କବିତା ଉତ୍ସବ ରାଜ୍ୟ ସରକାରଙ୍କ ଓଡ଼ିଆ , ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଜିଲ୍ଲା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସହଯୋଗରେ ଅନୁଷ୍ଠିତ ହେବ । ଏହି ଉତ୍ସବକୁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଉଦ୍‌ଘାଟନ କରିବାକୁ ଥିଲା ବେଳେ ଆନ୍ତର୍ଜାତିକ କବି ଜୟନ୍ତ ମହାପାତ୍ର ମୁଖ୍ୟ ଅତିଥି, ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ କବି ସୁଚିତା ମିଶ୍ର, ସାହିତ୍ୟ ଏକାଡ଼େମୀ ସଦସ୍ୟ ଡ଼ଃ ଶୁଭଶ୍ରୀ ଲେଙ୍କା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । କବିତା ଉତ୍ସବରେ କବି ଡ଼ଃ ଦୀଲିପ କୁମାର ସ୍ୱାଇଁ, ଡ଼ଃ ସେନାପତି ପ୍ରଦ୍ୟୁମ୍ନ କେଶରୀ, ଡ଼ଃ ପ୍ରଜ୍ଞାପ୍ରବତିକା ଦାସ, କବି ଚିତରଂଜନ ନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଉଲ୍ଲେଖନୀୟ କୃତୀ ପାଇଁ କବି ଚିତରଂଜନ ନାୟକ, କବି ସଂଘମିତ୍ରା ରଥକୁ କବିତା ସମ୍ମାନ, କନକ ନ୍ୟୁଜର ଇନ୍‌ପୁଟ୍ ମୁଖ୍ୟ ଭବାନୀ ଶଙ୍କର ଦାସଙ୍କୁ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ, କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ, ଗୁଲାମ ବକ୍ସ, ସରପଂଚ ଯଯାତି କେଶରୀ ରାଉତ, ଜାତୀୟ ପୁରସ୍କାରପ୍ରାପ୍ତ ପ୍ରସ୍ତର ଶିଳ୍ପୀ ସୁକାନ୍ତ କୁମାର ଦାସ, ଧର୍ମଶାଳା ଥାନାଧିକାରୀ ରକେଶ କୁମାର ତ୍ରୀପାଠୀଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ।

# ଟିଏସ୍ଏଫ୍‌ର ପୋଖରୀ ଚାଷ (ଫାର୍ମ ପଣ୍ଡ), ଯୋଡାରେ ଚାଷୀଙ୍କ ଆୟ ବହୁଗୁଣିତ କରିବା ଲାଗି ପଥ ପ୍ରଦର୍ଶନ କରିଛି



ଯୋଡା,(ପି.ଏନ):ଟାଟା ଷ୍ଟିଲର ସିଏସ୍ଆର ଶାଖା ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ୍) ଯୋଡା ବ୍ଲକରେ ଚାଷୀ ମାନଙ୍କୁ ନିଜ ଆୟର ଉତ୍ସ ବଢାଇବା ଲାଗି ପଥ ପ୍ରଦର୍ଶନ କରିଛି । ଯୋଡା ବ୍ଲକର ଜଜାଙ୍ଗ ଗ୍ରାମ ପଂଚାୟତ ଅଧିନସ୍ଥ ବନ୍ଧୁଆବେଡା ଗ୍ରାମରେ ଟିଏସ୍ଏଫ୍ ପକ୍ଷରୁ ୧୦ ଫାର୍ମ ପଣ୍ଡ (ଚାଷ ପାଇଁ ନିର୍ଦ୍ଦିଷ୍ଟ ପୋଖରୀ) ଖନନ କରାଯାଇଛି । ଯେଉଁଥିରୁ ଚାଷୀମାନେ ଅତିରିକ୍ତ ଆୟ କରିପାରୁଛନ୍ତି । ଶୀତ ଋତୁର ଆଗମନ ହୋଇଥିବା ବେଳେ ଏହି ପୋଖରୀ ଗୁଡିକୁ ଏବେ କୃଷି ଭିତ୍ତିକ ପ୍ରକଳ୍ପ ଏବଂ ପାରମ୍ପରିକ ଫସଲ ଚାଷ ପାଇଁ ବ୍ୟବହାର କରାଯାଉଛି । ଏହି ପୋଖରୀ ଯୋଗୁଁ ଆଉ ପାଣିର ସମସ୍ୟା ନଥିବାରୁ ମୁଁ ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ କିସମର ପନିପରିବା ଚାଷ କରିବାକୁ ଯୋଜନା କରିଛି । ମୁଁ ଉତ୍ପାଦିତ ସାମଗ୍ରୀକୁ ସ୍ଥାନୀୟ ଏବଂ ଦୁରଦୂରାନ୍ତର ବଜାରକୁ ପଠାଇବି ବୋଲି ବନ୍ଧୁଆବେଡା ଗ୍ରାମର ଦାଶରଥି ହାଁସଦା କହିଛନ୍ତି । କେବଳ ଦାଶରଥି ନୁହେଁ ଅନ୍ୟ ଫାର୍ମ ପଣ୍ଡର ମାଲିକମାନେ ମକା, ହଳଦୀ ଏବଂ ଅଦା ଆଦି ଚାଷ ବଡ ଧରଣରେ କରିବାକୁ ଆଗ୍ରହଣ ପ୍ରକାଶ କରିଛନ୍ତି । ନିଜର ଏକ ପୋଖରୀ ହୋଇପାରି ଥିବାରୁ ସେହି ଗ୍ରାମର ଗୋପବନ୍ଧୁ ମାଝୀ ନିଜକୁ ଭାଗ୍ୟବାନ ମନେ କରୁଛନ୍ତି । ମାଛ ଚାଷରୁ ବିପୁଳ ଲାଭ ଦ୍ୱାରା ଉତ୍ସାହିତ ହୋଇ ସେ ମତ୍ସ୍ୟ ଚାଷ କରିବାକୁ ଆଶା ରଖିଛନ୍ତି । ଟିଏସ୍ଏଫ୍ ମୋ ସ୍ୱପ୍ନକୁ ସମ୍ଭବ କରିଛି । ମୋ ଆୟକୁ ବହୁଗୁଣିତ କରିବା ଲାଗି ବିବିଧ ସ୍ତରୀୟ ମାଛ ଚାଷ କରିବାକୁ ମୁଁ ଯୋଜନା ରଖିଛି ବୋଲି ଅତ୍ୟନ୍ତ ଉଲ୍ଲସିତ ଥିବା ଶ୍ରୀ ମାଝୀ କହିଛନ୍ତି । ଫାର୍ମ ପଣ୍ଡ ପଛରେ ଟିଏସ୍ଏଫ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବର୍ଷା ଜଳକୁ ଅମଳ କରି ଭୂତଳ ଜଳକୁ ରିଚାର୍ଜ କରିବା ଏବଂ ତାହାକୁ ଖୋଳା ଯାଇଥିବା ଜମିରେ ସଂରକ୍ଷିତ ରଖି ଭୂତଳ ଜଳକୁ ପମ୍ପ ଜରିଆରେ ବାହାର ନକରି ଭୂପୃଷ୍ଠ ଜଳ ଜରିଆରେ ଜଳସେଚନ ସୁବିଧା ପ୍ରଦାନ କରିବା, ସମନ୍ୱୀତ କୃଷି ଜରିଆରେ ସମାଜକୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ମୌଳିକ ଖଣି ଗ୍ରାମ ଗୁଡିକରେ କୃଷି ଭିତ୍ତିକ ଜୀବନ ଜୀବିକା (ଚାଷି ଓ ଅଣ-ଚାଷ)ର ପ୍ରସାର କରିବା ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray